**ତୁଳା** ସ୍ୱଗୃହୀଜନିତ ଆଜି ଯାହା ଓ ଯେମିତି ଚାହୁଁଛନ୍ତି ସେମିତି କାମ କରନ୍ତୁ, କିନ୍ତୁ ବିବାଦରୁ ଦୂରେଇରହନ୍ତୁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ପ୍ରଶାସନିକ ସ୍ତରରେ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା** ଶନିଙ୍କ ଦୁର୍ବଳତା ହେତୁ ପରିବାରର ବିଭିନ୍ନ ସମସ୍ୟା ମୂଳକ ବିଷୟ ଚିନ୍ତାକରି ମାନସିକ ସୁସ୍ଥତା ରହିବ ନାହିଁ। ସହକର୍ମୀଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣାରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ** ଅଷ୍ଟମସ୍ଥ ବୃହସ୍ପତି ପ୍ରଭାବରେ ବିଭିନ୍ନ ସମସ୍ୟା ମଧ୍ୟରେ ଚଳିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଗୁପ୍ତକଥା, କଳାଧନ, କଚେରି ମାମଲା ସମ୍ପର୍କିତ ଅଯଥା ଚିନ୍ତା କରିପାରନ୍ତି। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବାର ପ୍ରଯତ୍ନ କରିପାରନ୍ତି । ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ।

**ମକର** ରାହୁ ମୁଖମଣ୍ଡନ କରିଥିବାରୁ ମୂଲ୍ୟହୀନ କଥାରେ ବିତର୍କକରି ପରିବାରରେ କଳହ ଲାଗିପାରେ। ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ର, ଜମିଜମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**କୁମ୍ଭ** ଧନାଧିପ ଦ୍ୱିତୀୟକୁ ଅବଲୋକନ କରୁଥିବାରୁ ବନ୍ଧୁଙ୍କ ନିକଟରୁ ପ୍ରାପ୍ତି ଆଶା ନିରର୍ଥକ ହେବ ନାହିଁ। ନିଜ ପରିସରରେ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ,ଏଣୁ ସତର୍କ ରହିବା ଭଲ। କଠୋର ପରିଶ୍ରମ କାରଣରୁ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ ।

**ମୀନ** ଭାଗ୍ୟଭାବସ୍ଥ ବୁଧ ଓ ମଙ୍ଗଳ ପ୍ରଭାବରେ କୌଣସି ବନ୍ଧୁଙ୍କ ସାହାଯ୍ୟରୁ ଯାନବାହନ, ନୂତନ ମେଶିନେରି ଜିନିଷ କିଣିପାରନ୍ତି। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ଫଳରେ ମନ ଏକପ୍ରକାର ହାଲୁକା ରହିବ। ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ସମ୍ପନ୍ନ ହୋଇଯାଇପାରେ।

ଆଜି ନଭେମ୍ବର ୪ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ବା ଡାଳକିଆ ବେଶ, କଳ୍ପବୃକ୍ଷୋତ୍ସବ, କାର୍ତ୍ତିକ ଶୁକ୍ଳପକ୍ଷର ବୈକୁଣ୍ଠ ଚତୁର୍ଦ୍ଦଶୀ ମଙ୍ଗଳବାର,ବଡ଼ଓଷା। ରାଶିନକ୍ଷତ୍ର-ଦିବା ଘ.୧୨।୩୩ମ. ପର୍ଯ୍ୟନ୍ତ ରେବତୀ/ମୀନ, ତା'ପରେ ଅଶ୍ୱିନୀ/ମେଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ମଙ୍ଗଳ ଚତୁର୍ଦ୍ଦଶୀ ସ୍ନାନ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ଦିବା ଘ.୦୫।୫୨ ଗତେ, ଘ.୦୬।୩୭ ମଧ୍ୟେ, ଘ.୦୮।୪୧ ମି. ଗତେ, ଘ.୧୧।୦୭ ମି. ମଧ୍ୟେ ଶୁଦ୍ଧ ଶୁଭବେଳା।

# ପୋଲିସ କବ୍‌ଜାରେ ସାର୍ପ ଶୁଟର କୁରୁପତି

**ପୀତବାସ ପଣ୍ଡା ହତ୍ୟା ମାମଲା**

**ସୁପାରିକିଲର ନିୟୋଜିତ କରିଥିବା ଉମା ବିଷୋୟୀ ବି ଧରାପଡ଼ିଲେ**

ବ୍ରହ୍ମପୁର,୩।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନ୍‌ଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଫେରାର ଥିବା ସାର୍ପ ଶୁଟର କୁରୁପତି ଭୂୟାଁ ଓ ସୁପାରିକିଲର ଯୋଗାଡ଼ କରିଥିବା ଉମା ବିଷୋୟୀ ସୋମବାର ଧରାପଡ଼ିଛନ୍ତି। ସେମାନେ ଓଡ଼ିଶା ବାହାରକୁ ଖସି ପଳାଉଥିବାବେଳେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ କାବୁ କରିଛି। ଉଭୟଙ୍କୁ ଏକ ଅଜ୍ଞାତ ସ୍ଥାନରେ ରଖି ମୁହାଁମୁହିଁ ଜେରା କରାଯାଉଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସାର୍ପ ଶୁଟରଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଶନ କରାଯିବ। ପୀତବାସଙ୍କୁ ହତ୍ୟା ପାଇଁ କିଏ ସୁପାରି ଦେଇଥିଲେ, ବନ୍ଧୁକ କେଉଁଠୁ ଅଣାଯାଇଥିଲା ଓ ହତ୍ୟା ପାଇଁ କେଉଁଠି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା ସେ ନେଇ ଖୋଳତାଡ଼ ଚାଲିଛି। ଏହି ମାମଲାରେ ପୂର୍ବରୁ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୪ ଜଣ ଗିରଫ ହୋଇ ଜେଲରେ ଅଛନ୍ତି। ବିକ୍ରମ ଓ ପିଣ୍ଟୁଙ୍କ ସହ ଉମାଙ୍କର କିଭଳି ସମ୍ପର୍କ ହୋଇଥିଲା ସେ ନେଇ ମଧ୍ୟ ପୋଲିସ ଟିମ୍ ତନାଘନା ଚଳାଇଛି।

ଗତ ଅକ୍ଟୋବର ୬ ତାରିଖ ରାତିରେ ପୀତବାସଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ଘର ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ରାଜନୈତିକ, ବ୍ୟବସାୟିକ ଓ ବ୍ୟକ୍ତିଗତ ଶତ୍ରୁତାରୁ ପୀତବାସଙ୍କୁ ହତ୍ୟା କରାଯାଇଥିବା ୨୨ତାରିଖରେ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍. ସ୍ପଷ୍ଟ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବିକ୍ରମ ଓ ପିଣ୍ଟୁଙ୍କ ସମେତ ୧୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାର୍ପ ଶୁଟର ଦିଗପହଣ୍ଡି ଥାନା ଅନ୍ତର୍ଗତ ବନ୍ଧପଲିର କୁରୁପତି ଓ ସୁପାରିକିଲର ନିୟୋଜିତ କରିଥିବା ସଦର ଥାନା ଅନ୍ତର୍ଗତ ବାଲିପଡ଼ାର ଉମା ଫେରାର ଥିଲେ। ପୀତବାସଙ୍କ ହତ୍ୟା ପାଇଁ ୫୦ଲକ୍ଷ ଟଙ୍କାର ଡିଲ୍ ହୋଇଥିବା ଏସ୍‌ପି କହିଥିଲେ। ଶୁଟରଙ୍କ ପାଇଁ ଉମା ଆଗୁଆ ୧୦ ଲକ୍ଷ ଟଙ୍କା ନେଇଥିଲେ। ହତ୍ୟାକାଣ୍ଡ ପାଇଁ ସେ ପ୍ରଥମେ ୨ଜଣ ବିହାରୀ ଯୁବକଙ୍କୁ ନିୟୋଜିତ କରିଥିଲେ। ଉଭୟଙ୍କୁ ଅଳକାପୁରୀ ଅଞ୍ଚଳରେ ଭଡ଼ାଘରେ ରଖାଯାଇଥିଲା। ପୀତବାସ ଜଣେ ଆଇନଜୀବୀ ଜାଣିବା ପରେ ବିହାରୀ ଯୁବକଦ୍ୱୟ ଲୁଚି ପଳାଇଥିଲେ। ଏଥିରେ ଉମା ହଡ଼ବଡେଇ ଯାଇ ବନ୍ଧପଲିର କୁରୁପତି ଓ ଚିଣ୍ଟୁ ପ୍ରଧାନଙ୍କୁ ପୀତବାସଙ୍କ ହତ୍ୟା ପାଇଁ ନିୟୋଜିତ କରିଥିଲେ। ହତ୍ୟାକାଣ୍ଡର ୫ ଦିନ ପୂର୍ବରୁ ପୀତବାସଙ୍କ ଘରଠାରୁ ୨୦୦ ମିଟର ଦୂରରେ ସେମାନେ ଭଡ଼ାଘରେ ରହିଥିଲେ। ଉଭୟେ ଘଟଣା ଘଟିବା ରାତିରେ ଘରକୁ ଫେରୁଥିବା ପୀତବାସଙ୍କ ଗାଡ଼ି ନିକଟକୁ ଆସି ପଣ୍ଡା ବାବୁ ଭଲ ଅଛନ୍ତି କି ବୋଲି ପଚାରିଥିଲେ। ପରେ କୁରୁପତି ଅତି ନିକଟରୁ ପୀତବାସଙ୍କ ଛାତିକୁ ଗୁଳିମାଡ଼ କରିବା ପରେ ସହଯୋଗୀ ଚିଣ୍ଟୁଙ୍କ ବାଇକ୍‌ରେ ଚମ୍ପଟ ମାରିଥିଲେ। ଚିଣ୍ଟୁଙ୍କୁ ପୋଲିସ ବେଙ୍ଗାଲୁରୁରୁ ଗିରଫ କରିଥିଲା। ଫେରାର ଥିବା ଉମା ଓ କୁରୁପତିଙ୍କୁ ନିଜ ଫାର୍ମ ହାଉସ୍‌ରେ ଆଶ୍ରୟ ଦେଇଥିବା ବିକ୍ରମଙ୍କ ବନ୍ଧୁ ସୁନୀଲ ହୋତାଙ୍କୁ ଗତ ୨୩ ତାରିଖରେ ପୋଲିସ ଗିରଫ କରିଥିଲା। ସେହିପରି ବିହାରୀ ଯୁବକଙ୍କୁ ବ୍ରହ୍ମପୁରରେ ନିଜ ଘରେ ଆଶ୍ରୟ ଦେଇଥିବା ଅଭିଯୋଗରେ ପୋଲିସ ଶୂନ୍ୟ ଦାସଙ୍କୁ ଗତ ୨୮ ତାରିଖରେ ଗିରଫ ପରେ ଜେଲ ପଠାଯାଇଥିଲା। ପୀତବାସ ହତ୍ୟାକାଣ୍ଡରେ ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ବିକ୍ରମଙ୍କ ସମେତ ୧୩ ଜଣ ଏବେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବାବେଳେ ସୁରକ୍ଷା ଦୃଷ୍ଟିରୁ ଅଭିଯୁକ୍ତ ପିଣ୍ଟୁଙ୍କୁ ଗତ ଶୁକ୍ରବାର ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଛି।

# ଜେଲ ଗଲେ ଶଙ୍କର, ସିଲିକନ ଟେକ୍ ଲ୍ୟାବ ଏମ୍‌ଡି

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

ଭୁବନେଶ୍ୱର/ବ୍ରହ୍ମପୁର,୩।୧୧ (ସତ୍ୟଜିତ୍ ରାଉତ/ସୁବାସ ଚନ୍ଦ୍ର ପାଢ଼ୀ)



ସୁରେଶ ଚନ୍ଦ୍ର ନାୟକ



ଶଙ୍କର ପ୍ରୁଷ୍ଟି

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି କେଳେଙ୍କାରୀରେ କ୍ରାଇମବ୍ରାଞ୍ଚ ମାଷ୍ଟରମାଇଣ୍ଡ ଶଙ୍କର ପ୍ରୁଷ୍ଟିଙ୍କୁ ଗିରଫ କରିବା ପରେ ବଡ଼ ରହସ୍ୟ ପଦାକୁ ଆସିଛି। ଏହି ଜାଲିଆତିରେ ଶଙ୍କରଙ୍କ ସହ ସିଲିକନ୍ ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ମାଲିକ (ପ୍ରୋମୋଟର) ସୁରେଶ ଚନ୍ଦ୍ର ନାୟକ ସାମିଲ ଥିବା କ୍ରାଇମବ୍ରାଞ୍ଚ ପ୍ରମାଣ ପାଇବା ପରେ ତାଙ୍କୁ ସୋମବାର କ୍ରାଇମବ୍ରାଞ୍ଚ ଗିରଫ କରିଛି। ଶଙ୍କରଙ୍କୁ ଉତ୍ତରାଖଣ୍ଡରୁ ଶନିବାର ରାତିରେ ଗିରଫ ପରେ ୨ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇ କଟକ କ୍ରାଇମବ୍ରାଞ୍ଚ ଅଫିସରେ ରଖାଯାଇଥିବାବେଳେ ସୁରେଶଙ୍କୁ ମଧ୍ୟ ସେଠାକୁ ନିଆଯାଇଥିଲା। ପଚରାଉଚରା ପରେ ଉଭୟଙ୍କୁ ବ୍ରହ୍ମପୁର ନିଆଯାଇଥିଲା। ବ୍ରହ୍ମପୁର ଜେଏମ୍‌ଏଫ୍‌ସି(ରୁରାଲ) କୋର୍ଟ ବିଚାରପତିଙ୍କ ଆବାସିକ କକ୍ଷରେ ଅଭିଯୁକ୍ତଦ୍ୱୟଙ୍କୁ ହାଜର କରାଯାଇଥିଲା। ସେଠାରୁ ଶଙ୍କର ଓ ସୁରେଶଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶଙ୍କର ଏବଂ ସୁରେଶଙ୍କ ବିରୋଧରେ ସମାନ ଦଫା ଲାଗିଛି।

କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏସ୍‌ଆଇ ପରୀକ୍ଷା ପରିଚାଳନାର ଦାୟିତ୍ୱ ପ୍ରାପ୍ତ ଆଇଟିଆଇ ଲିମିଟେଡ୍ ଏହି କାର୍ଯ୍ୟକୁ ସିଲିକନ୍ ଟେକ୍କୁ ସବ୍ କଣ୍ଟ୍ରାକ ଦେଇଥିଲା। ସୁରେଶ ହିଁ ପ୍ରଶ୍ନପତ୍ର ପ୍ରସ୍ତୁତି, ମୁଦ୍ରଣ ଏବଂ ପରିବହନ ପାଇଁ ଦାୟୀ ଥିଲେ। ତଦନ୍ତବେଳେ ଆହୁରି ଜଣାପଡ଼ିଛି ଯେ, ସୁରେଶ ହିଁ ଶଙ୍କରଙ୍କ ସହ ନିୟମିତ ଯୋଗାଯୋଗରେ ଥିଲେ। ବଡ଼ କଥା ହେଉଛି, ଶଙ୍କରଙ୍କୁ ଆଶ୍ରୟ ଦେବା ଓ ଫେରାର କରାଇବାରେ ସୁରେଶଙ୍କ ବଡ଼ ଭୂମିକା ଥିଲା। ସୁରେଶ ତାଙ୍କ ନୂଆଦିଲ୍ଲୀ କାଳକାଜିସ୍ଥିତ କମ୍ପାନୀ ଗେଷ୍ଟ ହାଉସରେ ଶଙ୍କରଙ୍କୁ ଆଶ୍ରୟ ଦେଇଥିଲେ। ପରେ ତାଙ୍କୁ ସେହି ସ୍ଥାନରୁ ଫେରାର ହେବାକୁ ସତର୍କ କରାଇ ଗିରଫ ଓ ତଦନ୍ତ କବଳରୁ ବଞ୍ଚାଇଥିଲେ। ଯାହାକି ଉଭୟଙ୍କ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କକୁ ସ୍ପଷ୍ଟ କରିଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ସଂଗଠିତ ଅପରାଧିକ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଚିହ୍ନଟ ଓ ଗିରଫ କରିବା ପାଇଁ ଅନୁସନ୍ଧାନ ଚାଲିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରାପ କ୍ୟାମେରାରେ ପୁଣି ଫସିଲା ଶିକାରୀ

**୪ ଗିରଫ, ୩ ଦେଶୀ ବନ୍ଧୁକ ଜବତ**

ନାଳଗିରି,୩।୧୧ (ପ୍ରଶାନ୍ତ ବିଶ୍ୱାଳ)



ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲିଡ଼ିହା ଅଭୟାରଣ୍ୟରୁ ପୁଣି ଶିକାରୀଙ୍କୁ ଧରାଇ ଦେଇଛି ଟ୍ରାପ୍ କ୍ୟାମେରା। ଅହିରାଜବାଙ୍କ, ପୁରୁଣାପାଣି ବିଟ୍ ଅଞ୍ଚଳରେ ବନବିଭାଗ ପକ୍ଷରୁ ଲଗାଯାଇଥିବା ଗୋଟିଏ ଟ୍ରାପ୍ କ୍ୟାମେରାରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ ଗତ ଅକ୍ଟୋବର ୩୧ ତାରିଖ ଅପରାହ୍ନ ୩ଟା ୨୬ରେ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ମାଙ୍କଡ଼ପଡ଼ା ପଦାଘାଟ ଟେମଟେଆ ଲାଧାସହିର ଅଭିଯୁକ୍ତ ରାବଣ କଣ୍ଡୁଆଳ, ମହାଦେବ କଣ୍ଡୁଆଳ, ଶଙ୍କର ନାୟକ, ପକୋ କଣ୍ଡୁଆଳ କୁଲିଡ଼ିହା ରେଞ୍ଜରେ ଶିକାର ଉଦ୍ଦେଶ୍ୟରେ ପଶିଥିଲେ। ଟ୍ରାପ୍ କ୍ୟାମେରାରେ ଫଟୋ ଉଠିଯିବା ଆଶଙ୍କାରେ ୪ଟି କ୍ୟାମେରାକୁ ଭାଙ୍ଗି ନେଇଯାଇଥିଲେ। ସେଥିରୁ ୨ଟିକୁ ପୋଖରୀକୁ ଫିଙ୍ଗି ଦେଇଥିବା ବେଳେ ୨ଟି ଭଙ୍ଗା କ୍ୟାମେରାକୁ ମାଟିତଳେ ପୋତି ଲୁଚାଇ ରଖିଥିଲେ। ବନବିଭାଗର ରୁଟିନ ଚେକ୍ ସମୟରେ ଘଟଣା ଜଣାପଡ଼ିଥିଲା। ପରେ ସେମାନଙ୍କ ସନ୍ଧାନରେ ଲାଗିଥିଲା। ସୋମବାର ଭୋର ୫ଟା ସମୟରେ କୁଲିଡ଼ିହା ବନବିଭାଗ ଓ ବରହମପୁର ପୋଲିସ ସହଯୋଗରେ ୪ଜଣ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଗୁଳି ଭର୍ତ୍ତି ୩ ଦେଶୀ ବନ୍ଧୁକ ସମେତ ଦୁଇଟି ଭଙ୍ଗା ଏଥାଇ କ୍ୟାମେରାକୁ ଜବତ କରାଯାଇଛି।

# ଓଡ଼ିଶାରୁ ଅପରେଟ ହେଉଛି ଆନ୍ତଃରାଜ୍ୟ ବାଘଛାଲ ର୍ୟାକେଟ

**କର୍ଣ୍ଣାଟକର ବାଘଛାଲ ଭୁବନେଶ୍ୱରରେ ବିକ୍ରି ଯୋଜନା**

- ୩୦ ଲକ୍ଷ ଟଙ୍କାରେ ଡିଲ୍ କରି ଧରିଲା ସ୍ପେଶାଲ କ୍ରାଇମ୍ ୟୁନିଟ୍
- କଲରାପତରିଆ ଛାଲ ଜବତ, ୩ ଗିରଫ

ଭୁବନେଶ୍ୱର,୩।୧୧ (ସତ୍ୟଜିତ ରାଉତ)



ଜବତ ବାଘଛାଲ ଓ ଗିରଫ ୩ ଅଭିଯୁକ୍ତ।

ଭୁବନେଶ୍ୱରରୁ ଅପରେଟ ହେଉଛି ଆନ୍ତଃରାଜ୍ୟ ବାଘଛାଲ ର୍ୟାକେଟ। ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ବାଘ ଶିକାର ପରେ ଛାଲ ବିକ୍ରି ପାଇଁ ଭୁବନେଶ୍ୱର ଆସୁଛି। କର୍ଣ୍ଣାଟକର ଏକ କଲରାପତରିଆ ଛାଲ ବିକ୍ରି ଯୋଜନା ହେଉଥିବାବେଳେ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ (ଏସ୍‌ସିୟୁ) ତାହାକୁ ଧରିବା ସହ ସମ୍ପୃକ୍ତ ଏକ ବଡ଼ ର୍ୟାକେଟର ପର୍ଦ୍ଦାଫାଶ କରିଛି। ଏସ୍‌ସିୟୁର ଅଧିକାରୀମାନେ ଗ୍ରାହକ ବେଶରେ ରହି ଜୟଦେବ ବିହାର ଅଞ୍ଚଳରୁ ସମ୍ପୃକ୍ତ ୩ଜଣ ବାଘଛାଲ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ତୁମୁଗୁମା ପଞ୍ଚସଖାନଗରର ରୋହିତ ମହାପାତ୍ର (୨୬), ଗଣ୍ଡୁମାର ଶନ୍ତୁ ବିଷୋଇ (୨୩) ଓ ଗଞ୍ଜାମ ଭଞ୍ଜନଗରର ମଞ୍ଜିତ୍ ସାବତ (୨୧)। ସେମାନଙ୍କ ପାଖରୁ ଏକ କଲରାପତରିଆ ବାଘଛାଲ ଓ ୫ ମୋବାଇଲ ଜବତ ହୋଇଛି। ଏ ନେଇ ଏସ୍‌ସିୟୁ ପକ୍ଷରୁ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ହାତଗୋଡ଼ ବାନ୍ଧି ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

**ଗୁରୁତର ଅବସ୍ଥାରେ ଉଦ୍ଧାର, ଅଭିଯୁକ୍ତ ଗିରଫ**

ଆଗରପଡ଼ା,୩।୧୧ (ସୁଶାନ୍ତ ଦାଶ)

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବଡ଼ମହିଷଗୋଠ ଅଞ୍ଚଳରେ ସୋମବାର ଜଣେ ୧୨ ବର୍ଷର ଆଦିବାସୀ ନାବାଳିକାଙ୍କୁ ହାତଗୋଡ଼ ବାନ୍ଧି ବଳାତ୍କାର ଉଦ୍ୟମ କରାଯାଇଛି। ଏହାପରେ ନାବାଳିକାଙ୍କୁ ହତ୍ୟା ଉଦ୍ୟମ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଗୁରୁତର ନାବାଳିକା ଏବେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ପୁରୁଷୋତ୍ତମ ପଞ୍ଚାୟତ ମୁଣ୍ଡଳୀ ଗ୍ରାମରୁ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଥିବା ବେଳେ ତାଙ୍କ ନାମ ଗୋପନ ରଖାଯାଇଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୦୪/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ସକାଳ ୬ଟା ବେଳେ ନାବାଳିକା ଜଣକ ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟସ୍ଥ କେନାଲକୁ ଶୌଚ ପାଇଁ ଯାଇଥିଲେ। ସେଠାରେ ଥିବା ଏକ କ୍ରଶରରେ କାମ କରୁଥିବା ଯୁବକ କେନାଲରେ ମାଛ ଧରୁଥିଲେ। ସେମାନଙ୍କ ମଧ୍ୟରୁ ସାନଭାଇ ନାବାଳିକାଙ୍କୁ ଏକୁଟିଆ ପାଇ ଏକ ବୁଦାମୂଳକୁ ତାଙ୍କୁ ଟେକି ନେଇ ହାତଗୋଡ଼କୁ ଗାମୁଛାରେ ବାନ୍ଧି ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ନାବାଳିକା ଜୋରରେ ଚିତ୍କାର କରିବାକୁ ଏଥିରେ ଉତ୍ତେଜିତ ହୋଇ ଯୁବକ ଜଣକ ସେଠାରେ ପଡ଼ିଥିବା ଧାରୁଆ ଅସ୍ତ୍ରରେ ତାଙ୍କ କପାଳ ଏବଂ ମୁଣ୍ଡକୁ କ୍ଷତବିକ୍ଷତ କରିଦେବା ସହ ମୁହଁକୁ କାମୁଡ଼ି ଖଣ୍ଡିଆ କରି ପଳାଇଥିଲେ। ସେହି ସମୟରେ କେହି ଲୋକ ଆସିବା ଦେଖି ସେ ନାବାଳିକାଙ୍କୁ ଛାଡ଼ି ପଳାଇଥିଲେ। ପରିବାର ଲୋକେ ନାବାଳିକାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନାବାଳିକାଙ୍କ ପରିବାର ମୟୂରଭଞ୍ଜ ଜିଲାର ମହୁଲଡିହା ଥାନା ଅଞ୍ଚଳର ମୂଳ ଅଧିବାସୀ।

**ରାଜ୍ୟ ଖବର**

# ପାଟଣା ରେଞ୍ଜ୍‌ରେ ବୁଲୁଛି ମହାବଳ

**ଲୋକେ ଆତଙ୍କିତ, ଖଞ୍ଜାଗଲା ୩୫ ଟ୍ରାପ୍ କ୍ୟାମେରା**



ଚିହ୍ନଟ ପାଦଚିହ୍ନ।

ପାଟଣା,୩।୧୧ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗଡ଼ ସାଉଥବିଟ୍ ଗୋପୀନାଥପୁର ଗ୍ରାମାଞ୍ଚଳରେ ମହାବଳ ବାଘ ବୁଲୁଛି। ବିଲ କାଦୁଅରୁ ଶନିବାର ସନ୍ଧ୍ୟାରେ ମହାବଳ ବାଘର ପାଦଚିହ୍ନ ଲୋକେ ଦେଖିଥିଲେ। ଖବର ପ୍ରଚାର ପରେ ଲୋକେ ଭୟଭୀତ ଅବସ୍ଥାରେ ଥିବାବେଳେ ବନ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଏ ନେଇ ସୋମବାର କେନ୍ଦୁଝର ଡିଏଫ୍‌ଓ ଧନରାଜ ହନୁମନ୍ତ ଧାମଧେର ସୂଚନା ଦେଇଥିବା ବେଳେ ଲୋକଙ୍କୁ ଜଙ୍ଗଲକୁ ଯିବା ପାଇଁ ବାରଣ କରାଯାଇଛି। ସୂଚନା ଅନୁଯାୟୀ, ଗୋପୀନାଥପୁର କେନ୍ଦୁଝର ଓ ମୟୂରଭଞ୍ଜ ଜିଲା କାଞ୍ଜିଆ ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବା ବେଳେ ଗ୍ରାମଟି ଅତେଇ ସଂରକ୍ଷିତ ଜଙ୍ଗଲକୁ ଲାଗିଛି। ଶନିବାର ଗ୍ରାମବାସୀ ଗ୍ରାମ ନିକଟରେ ମହାବଳ ବାଘର ପାଦଚିହ୍ନ ଦେଖିଥିଲେ। ଏ ନେଇ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ପାଦଚିହ୍ନ ଯାଞ୍ଚ କରିବା ସହ ବାଘ ପାଦଚିହ୍ନର ଚିତ୍ର ଉତ୍ତୋଳନ କରିଥିଲେ। ବାଘ ମନିଟରିଂ ଦଳ ପ୍ରତିଦିନ ସେହି ଅଞ୍ଚଳରେ ପାଟ୍ରୋଲିଂ କରୁଛନ୍ତି। ବାଘଟି ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ବନ ବିଭାଗ ଅନୁମାନ କରୁଛି। ଉପସ୍ଥିତି ପ୍ରମାଣ କରିବା ପାଇଁ ୩୫ଟି ଟ୍ରାପ୍ କ୍ୟାମେରା ଅତେଇ ସଂରକ୍ଷିତ ଜଙ୍ଗଲର ବିଭିନ୍ନ ସ୍ଥାନରେ ଖଞ୍ଜାଯାଇଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି। ଡିଏଫ୍‌ଓ ଧନରାଜ କହିଛନ୍ତି, ୨ ଦିନ ପୂର୍ବେ ପାଟଣା ରେଞ୍ଜରୁ ମହାବଳ ବାଘର ପାଦଚିହ୍ନ ଟ୍ରେସ୍ ହୋଇଛି। ବାଘ ଉପରେ ମନିଟରିଂ କରାଯାଉଛି। ବାଘକୁ ଟ୍ରେସ୍ କରିବା ପାଇଁ ଟ୍ରାପ୍ କ୍ୟାମେରା ଲଗାଯାଇଛି। ବାଘର ଫଟୋ ଏ ପର୍ଯ୍ୟନ୍ତ କ୍ୟାମେରାରେ କଏଦ ହୋଇନାହିଁ। ଅତେଇ ସଂରକ୍ଷିତ ଜଙ୍ଗଲରେ ବନ୍ୟଜୀବ ପ୍ରାଣୀ ସଂଖ୍ୟା ବୃଦ୍ଧି ପାଉଛି, ଏଣୁ ବିଶେଷ କରି ମାଂସାଶୀ ପ୍ରାଣୀଙ୍କ ଏହି ଜଙ୍ଗଲକୁ ଆଗମନ ହେଉଛି। ଏହା ଅତେଇ ସଫାରି ପାଇଁ ଶୁଭ ସୂଚନା ବୋଲି ସେ କହିଥିଲେ। ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି, ବାଘଟି ଶିମିଳିପାଳରୁ ପାଟଣା ରେଞ୍ଜ ଓ ଘଟଗାଁ ରେଞ୍ଜ ଅତେଇ ସଂରକ୍ଷିତ ଜଙ୍ଗଲ ଦେଇ ଢେଙ୍କାନାଳ ପର୍ଯ୍ୟନ୍ତ ଯିବା ଆସିବା କରୁଥିବା ଅନୁମାନ କରାଯାଉଛି।

## ଠାକୁରମୁଣ୍ଡାରେ ବାଘ ଆତଙ୍କ

ଠାକୁରମୁଣ୍ଡା,୩।୧୧ (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କପ୍ତିପଦା ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ମହାବଳ ବାଘ ଆତଙ୍କ ଦେଖାଦେଇଛି। ମାସେ ହେଲା ବାଘଟି ଗ୍ରାମ ନିକଟବର୍ତ୍ତୀ ସଂରକ୍ଷିତ ଜଙ୍ଗଲରେ ଘୂରି ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିବା କହିଛନ୍ତି। ଶିମିଳିପାଳରୁ ଏହି ବାଘଟି ଚାଲି ଆସିଥିବା ବନ ବିଭାଗ ଅନୁମାନ କରିଛି। ଅକ୍ଟୋବର ୧୦ ତାରିଖରେ ସାଲେଇବେଡ଼ା ଗ୍ରାମପଞ୍ଚାୟତ ଖଡ଼ବାଖା ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରେ ବାଘ ବୁଲୁଥିବାବେଳେ ଏକ ଗାଈକୁ ଆକ୍ରମଣ କରି ମାରି ଦେଇଥିଲା। ପରଦିନ ଗାଈ ମାଲିକ ସନ୍ତୋଷ ମହାନ୍ତ ଖୋଜାଖୋଜି କରି ଜଙ୍ଗଲ ଭିତରେ ବାଘ ଆକ୍ରମଣରେ ଗାଈଟି ମରି ପଡ଼ିଥିବା ଠାବ କରିଥିଲେ। ଏହାର ୧୦ ଦିନ ପରେ ସେହି ଗ୍ରାମର ଯୋଗେନ୍ଦ୍ର ଗଗରାଇଙ୍କ ୨ଟି ଛେଳିକୁ ଜଙ୍ଗଲରେ ବାଘ ଆକ୍ରମଣ କରି ମାରି ଦେଇଥିଲା। ବାଘଟି ହାତୀଗୋଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ କାଳିଆଣି ଗ୍ରାମ ନିକଟ ଜଙ୍ଗଲରେ ବୁଲୁଥିବା ଲୋକେ ଦେଖିବା ସହ ତା'ର ପାଦ ଚିହ୍ନ ଦେଖିଥିଲେ। ସେହି ଜଙ୍ଗଲରେ ବାଘ କିଛିଦିନ ରହିବା ପରେ ଏବେ ଖଣ୍ଡବନ୍ଧ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୁରୁଣାପାଣି ଗ୍ରାମକୁ ଲାଗିଥିବା ସଂରକ୍ଷିତ ଜଙ୍ଗଲରେ ଥିବା ଲୋକେ କହିଛନ୍ତି। ବାଘର ଗତିବିଧି ନିରୀକ୍ଷଣ କରିବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଟ୍ରାପ୍ କ୍ୟାମେରା ଖଞ୍ଜା ଯାଇଛି। ଏଥି ସହିତ ବିଭାଗ ପକ୍ଷରୁ ଡାକବାକ୍ ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି।

# ଶବଗୃହରେ ଜଳିଗଲା ମୃତଦେହ

ବାସୁଦେବପୁର,୩।୧୧ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)





ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶବଗୃହରେ ଜଳିଯାଇଥିବା ମୃତଦେହ।

ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବଗୃହରେ ସୋମବାର ନିଆଁ ଲାଗି ବ୍ୟବଚ୍ଛେଦ ପାଇଁ ରଖାଯାଇଥିବା ଏକ ମୃତଦେହ ଜଳିଯାଇଛି। ଜଳିଯାଇଥିବା ମୃତଦେହଟି ବାସୁଦେବପୁର ବ୍ଲକ କଞ୍ଚିଆ ସାମୁଦ୍ରିକ ଥାନା ଅଧୀନ ଗୋପାଳକୃଷ୍ଣନଗର ପଞ୍ଚାୟତ ବୁଢ଼ାଛକ ଗ୍ରାମର କମଳାକାନ୍ତ ଡଗରାଙ୍କ ସ୍ତ୍ରୀ ଯଶୋଦା ଡଗରା(୪୯)ଙ୍କର। ଧୂଆ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଯଶୋଦା ସକାଳେ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପାଇଁ ତାଙ୍କ ମୃତଦେହ ଶବଗୃହରେ ରଖାଯାଇଥିଲା। ତାଙ୍କ ସମ୍ପର୍କୀୟମାନେ ମୃତଦେହକୁ ଧଳା କପଡ଼ାରେ ଘୋଡ଼ାଇବା ସହ ଧୂପ ଲଗାଇଥିଲେ। ଶବଗୃହର କବାଟ ବନ୍ଦ ଥିବାବେଳେ ମୃତଦେହ ଉପରେ ଧୂପ ନିଆଁ ଲାଗି ମୃତଦେହ ଅଧା ପୋଡ଼ିଯାଇଥିଲା। ଶବଗୃହରୁ ଧୂଆଁ ବାହାରିବା ପରେ ମେଡିକାଲ କର୍ତ୍ତୃପକ୍ଷ ଓ ମୃତ ମହିଳାଙ୍କ ସମ୍ପର୍କୀୟ ନିଆଁ ଲିଭାଇବା ଜାଣିଥିଲେ। ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ଏଭଳି ଘଟଣା କେଉଁ ପରିସ୍ଥିତିରେ ଡାକ୍ତରଖାନାରେ ଘଟିଲା ତାହାର ତଦନ୍ତ ପାଇଁ ମୃତ ମହିଳାଙ୍କ ସମ୍ପର୍କୀୟମାନେ ଦାବି କରିଛନ୍ତି।

# ହାତୀ ଆକ୍ରମଣରେ ୫ ବର୍ଷର ସାନଭାଇ ମୃତ

**ମା' ପଛେ ଦୁଇ ଭାଇ ବିଲକୁ ଯାଉଥିଲେ**

ଲାଞ୍ଜିଗଡ଼,୩।୧୧ (ରମେଶ ଚନ୍ଦ୍ର ନାୟକ)



ପୋଲିସ, ବନବିଭାଗ କର୍ମଚାରୀମାନେ ତଦନ୍ତ କରୁଛନ୍ତି।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ହରଡାଗୁଡ଼ା ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ମା' ବାପା ପଛେ ପଛେ ବିଲକୁ ଯାଉଥିବା ୨ ଭାଇଙ୍କୁ ରାସ୍ତାରେ ବଣା ହାତୀ ଆକ୍ରମଣ କରିଛି। ଏଥିରେ ୫ ବର୍ଷର ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହରଡାଗୁଡ଼ା ଗ୍ରାମର କାଶୁ ମାଝୀଙ୍କ ସାନପୁଅ ରବି ମାଝୀ। ବଡ଼ ପୁଅ ସାମୁରୁ ମାଝୀ (୮) ଗୁରୁତର ହୋଇଛନ୍ତି। ଏ ନେଇ ବିଶ୍ୱନାଥପୁର ଥାନା ପୋଲିସ ଏକ (ନଂ. ୯/୨୫) ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଉଛି।

ପ୍ରକାଶ ଯେ, କୁନାକାବୁ ଗାଁର କାଶୁ ମାଝୀ କିଛି ବର୍ଷ ପୂର୍ବରୁ ନିକଟସ୍ଥ ହରଡାଗୁଡ଼ା ଗ୍ରାମରେ ନିଜ ସମ୍ପର୍କୀୟଙ୍କ ଜାଗାରେ ଘର ତିଆରି କରି ସ୍ତ୍ରୀ ଓ ପିଲାଙ୍କ ସହିତ ରହୁଥିଲେ। ସୋମବାର ସକାଳ ପ୍ରାୟ ୭ଟାବେଳେ କାଶୁ ଓ ତାଙ୍କ ସ୍ତ୍ରୀ ଚାଷବିଲକୁ ଯାଉଥିବା ବେଳେ କିଛି ସମୟ ପରେ ଦୁଇପୁଅ ମଧ୍ୟ ସେମାନଙ୍କ ପଛେ ପଛେ ଯାଉଥିଲେ। ଏହି ସମୟରେ ନିକଟସ୍ଥ ଜଙ୍ଗଲରୁ ଏକ ଦନ୍ତା ହାତୀ ଆସି ଦୁଇଭାଇଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ସାନଭାଇଙ୍କ ମୃତ୍ୟୁ ହୋଇଥିବା ବେଳେ ବଡ଼ଭାଇ ଗୁରୁତର ହୋଇ ପଡ଼ି କହିଥିଲେ। ପାଟି ଶୁଣି ଘଟଣାସ୍ଥଳରେ ପରିବାର ଓ ଗାଁ ଲୋକେ ପହଞ୍ଚି ହାତୀକୁ ଘଉଡ଼ାଇ ଦେଇଥିଲେ। ଖବର ପାଇ ବିଶ୍ୱନାଥପୁର ଏସିଏଫ୍ ନରୋତ୍ତମ ମାଝୀ, ଲାଞ୍ଜିଗଡ଼ ବ୍ଲକ ବିଡିଓ ବାଇଦ୍ର ଦଓ ପ୍ରବେଶନାରୀ ଆଇଏଏସ୍ ଅନିମେଷ ପ୍ରଧାନ, ଲାଞ୍ଜିଗଡ଼ ବନପାଳ ଧରଣୀଧର ପଣ୍ଡା ସମେତ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାସହ ବିଶ୍ୱନାଥପୁର ଥାନାଧିକାରୀ ନୀଳାମ୍ବର ଜାନୀଙ୍କ ନେତୃତ୍ୱରେ ଏଏସ୍ଆଇ ଶ୍ୟାମ କୁସମାକର ସମେତ ପୋଲିସ ଦଳ ମଧ୍ୟ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ବନପାଳ ଧରଣୀଧରଙ୍କୁ ପଚାରିବାରୁ କ୍ଷତିପୂରଣ ବାବଦକୁ ସରକାରଙ୍କ ତରଫରୁ ଯାହା ଥିବ ମୃତକଙ୍କ ପରିବାରକୁ ଆର୍ଥିକ ସାହାଯ୍ୟ ଦିଆଯିବ ବୋଲି କହିଥିଲେ।

ସୂଚନାଯୋଗ୍ୟ, କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଞ୍ଚଳରେ ବର୍ଷ ସାରା ଜଙ୍ଗଲୀ ହାତୀଙ୍କ ଉପଦ୍ରବ ହେଉଥିବା ବେଳେ ଲୋକଙ୍କ ଧନଜୀବନ ସମେତ ଚାଷବାସ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି। ଗତ ଫେବୃଆରୀ ୧ ତାରିଖ ରାତିରେ କାଦମାଳି ଗ୍ରାମରେ ଏକ ଦନ୍ତା ହାତୀ ବୃଦ୍ଧ ମୁକୁନ୍ଦ ମାଝୀ (୭୦) ଓ ସ୍ତ୍ରୀ ଗାଉ ମାଝୀ(୬୬)ଙ୍କୁ ଘର ଭିତରେ ପଶି ଚୋବାଇ ଦେଇଥିଲେ। ପରେ ଉଭୟଙ୍କ ମୃତଦେହ ଘୋଷାରି ଘୋଷାରି ନେଇ ଦଳି ଶରୀରର ବିଭିନ୍ନ ଅଂଶ ଛିନ୍ନ ବିଚ୍ଛିନ୍ନ କରି ବିଭିନ୍ନ ଜାଗାରେ ପକାଇଥିବା ଦେଖିବାକୁ ମିଳିଥିଲା।

# ହାତୀ ଆକ୍ରମଣରେ ଜୀବନଗଲା: ଜଣେ ଗୁରୁତର

ମୋରଡ଼ା,୩।୧୧ (ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଓଥା ବେତନଟୀ ରେଞ୍ଜ ଅଞ୍ଚଳରେ ରବିବାର ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ମୁଣ୍ଡାବେଣି ଗ୍ରାମର ଅଶୋକ ଗୁରୁ(୫୩)। ସୂଚନା ଅନୁଯାୟୀ, ବେତନଟୀ ରେଞ୍ଜ ଅଧୀନ ଗଡ଼ିଗାଁ ପଞ୍ଚାୟତ ଫୁଲବାଡ଼ିଆ ଗ୍ରାମସ୍ଥିତ ଏକ କାଜୁ ବଗିଚାରେ ରବିବାର ଅପରାହ୍ନ ୧ଟା ସମୟରେ ୭ଟି ଦନ୍ତା ହାତୀ ବିଚରଣ କରୁଥିଲେ। ଏହି ସମୟରେ ସେହି ବାଟ ଦେଇ ଅଶୋକ ସାଇକେଲ ଯୋଗେ ଘରକୁ ଫେରୁଥିବା ସମୟରେ ଏକ ହାତୀ ହଠାତ୍ ପଡ଼ିଥିଲେ। ହାତୀଟି ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ଖବରପାଇ ଫରେଷ୍ଟର ଦୀପକ ପାତ୍ର ଏବଂ ଫରେଷ୍ଟ ଗାର୍ଡ ବିଜୟ ଶଙ୍କର ଦାସ ଘଟଣାସ୍ଥଳରେ ପହଞ୍ଚି ଅଶୋକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାରମାଇଲସ୍ଥିତ କିଶାନତାଙ୍କି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ ବାରିପଦାସ୍ଥିତ ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ୮ଟା୩୦ରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଅଶୋକଙ୍କ ପରିବାରକୁ ମୋଟ ୧୦ ଲକ୍ଷ ଟଙ୍କାର କ୍ଷତି ପୂରଣ ମିଳିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଏକ ଲକ୍ଷ ଟଙ୍କା ମିଳିବ ବୋଲି ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାୟକ କହିଛନ୍ତି। ସେହିପରି ଉକ୍ତ ରେଞ୍ଜ ଅଧୀନ ଶହୀଦପୁର ଗ୍ରାମରେ ରବିବାର ରାତି ୮ଟାରେ ଉପଦ୍ରବ ଚଳାଉ ଥିବା ହାତୀକୁ ଦେଖିବା ପାଇଁ ଯାଇଥିବା ବେଳେ ଫାଳଖଇ ଗ୍ରାମର ଯୁବକ ଭଞ୍ଜକିଶୋର ମହାନ୍ତ ହାତୀ ଆକ୍ରମଣରେ ଆହତ ହୋଇଛନ୍ତି। ଭଞ୍ଜକିଶୋରଙ୍କୁ ବାରମାଇଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଲ୍ଲେଖଯୋଗ୍ୟ, ମୋରଡ଼ା ଅଞ୍ଚଳରେ ହାତୀ ଉପଦ୍ରବ ବିକଟ୍ଟ ବିକ ବଢ଼ି ଚାଲିଥିବା ବେଳେ ବନ ବିଭାଗ ନୀରବଦ୍ରଷ୍ଟା ସାଜି ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

> ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଛି। -ଶ୍ରୀଅରବିନ୍ଦ



# ଲାସ୍ ଭେଗାସ୍‌ର ନୂଆ ସଙ୍କେତ

ଲାସ୍ ଭେଗାସ୍ ଆମେରିକାର ନେଭେଡା ରାଜ୍ୟର ଏକ ଜନବହୁଳ ନଗର। ଜୁଆଖେଳ, ଶପିଂ, ମନୋରଞ୍ଜନ ଓ ନାଇଟ୍ ଲାଇଫ୍ ଭଳି ଅସରନ୍ତି ଆନନ୍ଦର ଏକ ଭୂଖଣ୍ଡ ଭାବେ ଏହା ପରିଚିତି ହାସଲ କରିଆସିଛି। ହେଲେ ଚଳିତବର୍ଷ ପ୍ରଥମାର୍ଦ୍ଧରୁ ସେଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ଜୁଲାଇରୁ ଏହାର ପ୍ରଭାବ ଅନୁଭୂତ ହେଲାଣି। ଲାସ୍ ଭେଗାସ୍ କନ୍‌ଭେନଶନ୍ ଆଣ୍ଡ୍ ଭିଜିଟର୍ସ ଅଥରିଟି ଅନୁଯାୟୀ ଜୁଲାଇ ଆରମ୍ଭରେ ହୋଟଲ ବୁକିଂ ୬୬.୭ ପ୍ରତିଶତ ହ୍ରାସ ପାଇଛି। କାରଣ ଗତବର୍ଷ ତୁଳନାରେ ଅନ୍ତର୍ଜାତୀୟ ପର୍ଯ୍ୟଟକ ୧୩ ପ୍ରତିଶତ କମିଛନ୍ତି। ଏପରି କି ଘରୋଇ ଆଗମନ ୬.୫ ପ୍ରତିଶତ ହ୍ରାସ ପାଇଛି। ଭୂ-ରାଜନୈତିକ ସ୍ଥିତି ସହ ମୁଦ୍ରାସ୍ଫୀତି ଓ ଆର୍ଥିକ ଅସ୍ଥିରତା ସବୁ ପ୍ରକାର ସାମଗ୍ରୀ ଓ ସେବାର ମୂଲ୍ୟକୁ ବଢ଼ାଇ ଦେଇଛି। ବିଶେଷଜ୍ଞମାନେ ଏହାକୁ ପର୍ଯ୍ୟଟନରେ ଟ୍ରମ୍ପ୍ ସ୍ଲମ୍ପ ଆଖ୍ୟା ଦେଇଛନ୍ତି। ସେମାନଙ୍କ ମତରେ ଟାରିଫ୍, ଅନ୍ତର୍ଜାତୀୟ ସମ୍ପର୍କରେ ତିକ୍ତତା ଓ ଯାତ୍ରୀଙ୍କ ପାଇଁ ବଢ଼ିଥିବା ଭିଜା ଫି' ଯୋଗୁ ଏବେ ସେଠାରେ ସ୍ଥିତି ଅସମ୍ଭାଳ ହୋଇଛି। ସ୍ଥିତି ଏମିତି ହୋଇଛି ଯେ, ଲୋକମାନେ ଅନୁଭବ କରୁଛନ୍ତି ସେମାନେ ଠକାମିର ଶିକାର ହେଉଛନ୍ତି। କାରଣ ସେଠାରେ ଥିବା କ୍ୟାସିନୋକୁ ଧନୀ କମ୍, ମଧ୍ୟମ ବର୍ଗର ବହୁ ଅଧିକ ପର୍ଯ୍ୟଟକ ଯାଇଥାଆନ୍ତି। ତେଣୁ ଏମିତି ଏକ ସ୍ଥିତି ହେବ ଯେଉଁଠାରେ ଲାସ୍ ଭେଗାସ୍‌ର କ୍ୟାସିନୋ ମନୋରଞ୍ଜନ ପ୍ରେମୀଙ୍କୁ ଜାବୁଡ଼ି ଧରିପାରୁ ନ ଥିବ ଭାବିଲେ ଏହାର ହେତୁ ଖୋଜିବାକୁ ପଡୁଛି। ଆର୍ଥିକ ଦୃଷ୍ଟିକୋଣକୁ ତର୍ଜମା



କରି ନିରୋଳା ଅର୍ଥନୈତିକ ବ୍ୟାଖ୍ୟାନ ରଖୁଥିବା ବିଶ୍ଳେଷକଙ୍କ ଭିନ୍ନ ଆଉ କେତେକ ବିଶେଷଜ୍ଞ ଦେଉଥିବା ମତକୁ ମଧ୍ୟ ଏଠାରେ ଥୋଇବାର ଆବଶ୍ୟକତା ପଡୁଛି। କୁହାଯାଉଛି ଆଗଭଳି ନୂଆପିଢ଼ି ମଦମତ୍ତ ଓ କାମୁକ ପ୍ରବଣତାକୁ ଗୁରୁତ୍ୱ ନ ଦେଇ ବାସ୍ତବ ଜୀବନ ଜିଇବାକୁ ଚାହୁଁଛନ୍ତି। ସେଥିପାଇଁ ସେମାନଙ୍କ ଲାଗି କ୍ୟାସିନୋ, ନାଇଟ୍ ଲାଇଫ୍ ସହିତ ମଦ୍ୟପାନର ଆକର୍ଷଣ କମି ଆସିଛି। ଅନ୍ୟପକ୍ଷରେ ବୟସ୍କମାନଙ୍କ ଉପସ୍ଥିତି ଲାସ୍ ଭେଗାସ୍‌ର କିଛି ଅଞ୍ଚଳକୁ ଚଳଚଞ୍ଚଳ ରଖିଛି।

ନିକଟ ଅତୀତରେ ଆମେ ଯେଉଁ 'ଜେନ୍ ଜି'ଙ୍କ ସ୍ୱଭାବ ନେପାଳରୁ ମାଡାଗାସ୍କର ପର୍ଯ୍ୟନ୍ତ ଦେଖିଲେ ସେମାନେ ବାସ୍ତବ ପରିସ୍ଥିତିରେ ବଞ୍ଚିବାକୁ ଚାହୁଁଛନ୍ତି। ଉପରଠାଉରିଆ ଜୀବନ ଓ ଭାଟ (ପ୍ରଶଂସାମୂଳକ) ସଂସ୍କୃତିକୁ ଘୃଣା କରିବା ସହ ଦୁର୍ନୀତି ବିରୋଧୀ ଅଭିଯାନ ମାଧ୍ୟମରେ ପରିବର୍ତ୍ତନ ଆଣିବା ସେମାନଙ୍କ ଲକ୍ଷ୍ୟ। ଗୋଟେ ପିଢ଼ି ଯେତେବେଳେ ତା'ର ଅଧିକାରରୁ ବଞ୍ଚିତ ହେବ, ସେତେବେଳେ ସେ ବୈପ୍ଲବିକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବ। ଅବଶ୍ୟ ଏହି ପରିବର୍ତ୍ତନ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ପରିଚାଳିତ ହୋଇ ସ୍ଥଳବିଶେଷରେ ଭୁଲ୍ ପଦକ୍ଷେପ ନେଇଯାଉଥିବାରୁ ସମାଲୋଚନାର ଶିକାର ହେଉଛି। ଏକ ସକାରାତ୍ମକ ଲକ୍ଷ୍ୟ ହାସଲ ଦିଗରେ ଏକଜୁଟ ହୋଇ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରୁଥିବା ବର୍ଗ ଉପରେ ନୂଆ ପିଢ଼ି ଏକ ଚାପ ଗୋଷ୍ଠୀରେ ପରିଣତ ହେଲେ ତାହାର ସୁଫଳ ମିଳିପାରନ୍ତା। 'ଜେନ୍ ଜି' ଇଣ୍ଟରନେଟ୍, ସ୍ମାର୍ଟଫୋନ୍, ସୋସିଆଲ ମିଡିଆ ଏବଂ ପ୍ରଯୁକ୍ତି ସହ ତାଳ ଦେଇ ଚାଲୁଥିବାରୁ ଆଗକୁ ବଢୁଛି। ସେହିପରି ଏବର ପିଢ଼ି ଔଦ୍ୟୋଗିକ ଚିନ୍ତାଧାରାକୁ ପଥେୟ କରି କିଛି ନୂଆ କରିବାକୁ ଯାଇ ଜୀବନରେ ଆହ୍ୱାନର ସମ୍ମୁଖୀନ ହେବାକୁ ପସନ୍ଦ କରୁଛି। ଚାକିରି କିମ୍ବା ନିର୍ଦ୍ଦିଷ୍ଟ ଆୟ ଉତ୍ସକୁ ଦେଖି ପାରମ୍ପରିକ ଚିନ୍ତା ପୁରୁଣା ପିଢ଼ିରୁ ଯେଉଁଭଳି ଗଡ଼ି ଆସୁଥିଲା ସେଥିରେ ଏହି ବର୍ଗ ବ୍ୟତିକ୍ରମ ସୃଷ୍ଟି କରିବାକୁ ଚାହୁଁଛି। ନବସୃଜନ ତା' ପାଇଁ ନୂଆ ସୁଯୋଗର ଅପେକ୍ଷା ରଖୁଛି। ଦେଖାଦେଉଥିବା ସାମାଜିକ ଓ ପରିବେଶଗତ ଅସଙ୍ଗତି ବିଷୟରେ ଏମାନେ ବେଶ୍ ସଚେତନ। ସେଥିପାଇଁ ନୂଆ ପିଢ଼ିକୁ ଦରକାର ନୈତିକ ସମର୍ଥନ। ଉଚିତ ନିଷ୍ପତ୍ତି ନେବାର ସୂକ୍ଷ୍ମ ବାଟ ପାଇଗଲା ପରେ ସେମାନଙ୍କ କାର୍ଯ୍ୟଧାରାରେ ଘଟୁଥିବା ପରିବର୍ତ୍ତନକୁ ବୁଝିହେବ। ଲାସ୍ ଭେଗାସ୍ ଏହାର ଏକ ନୂଆ ସଙ୍କେତ ଦେବା ଆରମ୍ଭ କରିଛି।

ଚାକିରି କିମ୍ବା ନିର୍ଦ୍ଦିଷ୍ଟ ଆୟ ଉତ୍ସକୁ ଦେଖି ପାରମ୍ପରିକ ଚିନ୍ତା ପୁରୁଣା ପିଢ଼ିରୁ ଯେଉଁଭଳି ଗଡ଼ି ଆସୁଥିଲା ସେଥିରେ ଏହି ବର୍ଗ ବ୍ୟତିକ୍ରମ ସୃଷ୍ଟି କରିବାକୁ ଚାହୁଁଛି। ନବସୃଜନ ତା' ପାଇଁ ନୂଆ ସୁଯୋଗର ଅପେକ୍ଷା ରଖୁଛି। ଦେଖାଦେଉଥିବା ସାମାଜିକ ଓ ପରିବେଶଗତ ଅସଙ୍ଗତି ବିଷୟରେ ଏମାନେ ବେଶ୍ ସଚେତନ। ସେଥିପାଇଁ ନୂଆ ପିଢ଼ିକୁ ଦରକାର ନୈତିକ ସମର୍ଥନ। ଉଚିତ ନିଷ୍ପତ୍ତି ନେବାର ସୂକ୍ଷ୍ମ ବାଟ ପାଇଗଲା ପରେ ସେମାନଙ୍କ କାର୍ଯ୍ୟଧାରାରେ ଘଟୁଥିବା ପରିବର୍ତ୍ତନକୁ ବୁଝିହେବ। ଲାସ୍ ଭେଗାସ୍ ଏହାର ଏକ ନୂଆ ସଙ୍କେତ ଦେବା ଆରମ୍ଭ କରିଛି।

# ଶିଶୁଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା



ରାଜୀବ କୁମାର ନାୟକ

୨୦୧୨ରେ ହୋଇଥିବା ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ଘଟଣା ସମଗ୍ର ଭାରତରେ ଆଲୋଡ଼ନ ସୃଷ୍ଟି କରିଥିଲା। ଫଳତଃ ସରକାର ବାଧ୍ୟ ହୋଇଥିଲେ ଶିଶୁଙ୍କ ସକାଶେ ଅଭିପ୍ରେତ କିଶୋର ନ୍ୟାୟ(ଶିଶୁମାନଙ୍କ ଯତ୍ନ ଏବଂ ସୁରକ୍ଷା ଅଧିନିୟମ)୨୦୦୦ରେ ଆମୂଳଚୂଳ ପରିବର୍ତ୍ତନ ପୂର୍ବକ କିଶୋର ନ୍ୟାୟ(ଶିଶୁମାନଙ୍କ ଯତ୍ନ ଏବଂ ସୁରକ୍ଷା ଅଧିନିୟମ)୨୦୧୫ ତଥା ଶିଶୁମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଅଧିନିୟମ ୨୦୧୨ର ପ୍ରଣୟନ କରିଥିଲେ। ଉଲ୍ଲେଖଯୋଗ୍ୟ ପ୍ରଥମ ଥର ସକାଶେ ନିର୍ଭୟା ଘଟଣାରେ ଦେଶର ସଚେତନ ନାଗରିକ ପ୍ରତିକ୍ରିୟାଶୀଳ ହୋଇ ଉଠିଲେ ଏବଂ ଏଭଳି ଦୁଇଟି ଆଇନର ପ୍ରଣୟନ ସେମାନଙ୍କ ମନରେ ଆଶ୍ୱସ୍ତି ଆଣିଦେଲା।

ଦୁଇଟି ଆଇନକୁ ଅବଲୋକନ କଲେ ଜଣାଯାଏ ଯେ ସରକାର ଅନେକ ଦିଗକୁ ବିବେଚନା କରି ଆଇନ ଦ୍ୱୟ ପ୍ରଣୟନ କରିଛନ୍ତି। କିଶୋର ନ୍ୟାୟ(ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା ଅଧିନିୟମ)୨୦୧୫ରେ ଜାତିସଂଘ ଦ୍ୱାରା ଅନୁଷ୍ଠିତ ଶିଶୁମାନଙ୍କ ଅଧିକାର ସମ୍ପର୍କିତ ସମ୍ମିଳନୀ ୧୯୮୯ରେ ପାରିତ ସନନ୍ଦ ପତ୍ରରେ ୧୮ ବର୍ଷରୁ କମ ବ୍ୟକ୍ତି ବିଶେଷଙ୍କୁ ଧରାଯିବାକୁ ସମ୍ମତି ପ୍ରଦାନ କରାଯାଇଛି। କିନ୍ତୁ ସମଗ୍ର ଭାରତବାସୀଙ୍କ ଚାପ କାରଣରୁ ୧୬ ବର୍ଷରୁ ଅଧିକ ଏବଂ ୧୮ ବର୍ଷରୁ କମ୍ ବର୍ଗଙ୍କ କ୍ଷେତ୍ରରେ କୌଣସି ଶିଶୁ ନାମରେ ଜଘନ୍ୟ ଅପରାଧ (ବଳାତ୍କାର, ହତ୍ୟା ଭଳି)ରେ ସମ୍ପୃକ୍ତିର ଅଭିଯୋଗ ଆସିଲେ ଏକ ପ୍ରାରମ୍ଭିକ ଆକଳନ କରାଯିବାର ବ୍ୟବସ୍ଥା ରଖାଯାଇଛି। ପ୍ରାରମ୍ଭିକ ଆକଳନ ନିମନ୍ତେ ଜଣେ ମନସ୍ତତ୍ତ୍ୱବିତଙ୍କୁ ଡକାଯିବା ସହ ତାଙ୍କ ରିପୋର୍ଟକୁ ଆଧାରକରି କିଶୋର ନ୍ୟାୟ ବୋର୍ଡ ତିନୋଟି ବିଷୟକୁ ଗୁରୁତ୍ୱର ସହ ବିଚାର କରିବ- ୧. ସମ୍ପୃକ୍ତ ଶିଶୁ ଶାରୀରିକ ସ୍ତରରେ ଘଟଣା ଘଟାଇବାକୁ ସକ୍ଷମ ତ?୨. ସମ୍ପୃକ୍ତ ଶିଶୁ ମାନସିକ ଭାବରେ ଘଟଣା ଘଟାଇବାକୁ ସକ୍ଷମ ତ? ଏବଂ ୩. ସେ ଯଦି ଘଟଣାରେ ସମ୍ପୃକ୍ତ ତେବେ ତା'ର ପରିଣାମ ସମ୍ବନ୍ଧରେ ସଚେତନ ତ? ଯଦି ଉକ୍ତ ତିନୋଟି ପ୍ରଶ୍ନର ଉତ୍ତରକୁ ନେଇ ବୋର୍ଡର ହୃଦ୍‌ବୋଧ ହୁଏ ଯେ ଶିଶୁଟି ବୟସ୍କ ବ୍ୟକ୍ତି ବିଶେଷଙ୍କ ଭଳି ବ୍ୟବହାର କରୁଛି, ସତକୁ ଲୁଚାଇବାର ଅପଚେଷ୍ଟା କରୁଛି ତେବେ ବୋର୍ଡ ମାମଲାଟିକୁ ନିଜ ପାଖରେ ନ ରଖି ଚିଲଡ୍ରେନ କୋର୍ଟ ବା ପୋକ୍‌ସୋ କୋର୍ଟକୁ ପଠାଇ ଦେଇପାରେ। ଉକ୍ତ କୋର୍ଟକୁ ମାମଲାଟି ଗଲେ ଶିଶୁଟିକୁ ବୟସ୍କ ବ୍ୟକ୍ତିଙ୍କ ଭଳି ଧରାଯାଇ ତା' ପାଇଁ କଠିନରୁ କଠିନତମ ଦଣ୍ଡ ମିଳିବାର ସମ୍ଭାବନା ରହିଛି। କିଶୋର ନ୍ୟାୟ ବୋର୍ଡରେ ଦଣ୍ଡର ମାତ୍ରା ଅତିବେଶିରେ ୩ ବର୍ଷ, ଯାହା ଦିଲ୍ଲୀ ଘଟଣାରେ ପ୍ରଦତ୍ତ ହୋଇଥିଲା।



ଅନ୍ୟ ଦିଗରେ ଶିଶୁଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଅଧିନିୟମ ୨୦୧୨କୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ, ଏଥିରେ ଯୌନ ନିର୍ଯାତନାକୁ ମୁଖ୍ୟତଃ ୬ ଭାଗରେ ବିଭକ୍ତ କରାଯାଇଛି- ୧. ଅନୁପ୍ରବେଶୀୟ ଯୌନ ନିର୍ଯାତନା (ପେନିଟ୍ରେଟିଭ ସେକ୍ସୁଆଲ ଏସଲ୍ଟ) ୨. ଗୁରୁତର ଅନୁପ୍ରବେଶୀୟ ଯୌନ ନିର୍ଯାତନା(ଏଗ୍ରାଭେଟେଡ ପେନିଟ୍ରେଟିଭ ସେକ୍ସୁଆଲ ଏସଲ୍ଟ) ୩. ଯୌନ ନିର୍ଯାତନା(ସେକ୍ସୁଆଲ ଏସଲ୍‌ଟ) ୪. ଗୁରୁତର ଯୌନ ନିର୍ଯାତନା (ଏଗ୍ରାଭେଟେଡ ସେକ୍ସୁଆଲ ଏସଲ୍‌ଟ) ୫. ସେକ୍ସୁଆଲ ହାରାସମେଣ୍ଟ ଏବଂ ୬. ପର୍ନୋଗ୍ରାଫି। ଅନୁପ୍ରବେଶୀୟ ଯୌନ ନିର୍ଯାତନା କହିଲେ ସାଧାରଣ ଭାବରେ ଆମେ ଯାହା ଦୁଷ୍କର୍ମ ବୋଲି ବୁଝିଥାଉ। କିନ୍ତୁ ଗୁରୁତର ଅନୁପ୍ରବେଶୀୟ ଯୌନ ନିର୍ଯାତନା କ୍ଷେତ୍ରରେ ନିର୍ଯାତନା ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ଯଥା- ଥାନାରେ ପୋଲିସ, ବିଦ୍ୟାଳୟରେ ଶିକ୍ଷକ, ଶିଶୁ ଯତ୍ନ ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀ ଇତ୍ୟାଦି ଦାୟିତ୍ୱରେ ଥିବା ବ୍ୟକ୍ତି ଦଳଗତ ବଳାତ୍କାର, ବଳାତ୍କାର ପୂର୍ବକ ମାରିଦେବା ବା ମରଣାନ୍ତକ ଆକ୍ରମଣ, ୧୨ ବର୍ଷରୁ କମ୍ ବୟସର ଶିଶୁକୁ ବଳାତ୍କାର କରିବା ଭଳି ଅପରାଧରେ ସମ୍ପୃକ୍ତ ହୁଅନ୍ତି। ଠିକ୍ ସେହିପରି ମୋବାଇଲରେ/ଇ-ମେଲରେ ବାରମ୍ବାର ମେସେଜ ଦେବା, ପିଛା କରିବା, ଜଣେ ଗାଧୋଉଥିବା ବା ଆଉକିଛି କରୁଥିବା ସମୟରେ ଲୁଚି ଲୁଚି ଦେଖିବା ଇତ୍ୟାଦି ଯୌନ ନିର୍ଯାତନା ଶ୍ରେଣୀଭୁକ୍ତ। କୌଣସି ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରିବା, ଭାଇରାଲ କରିବା, ଦେଖାଇବା ଇତ୍ୟାଦି ପର୍ନୋଗ୍ରାଫିକ ଶ୍ରେଣୀଭୁକ୍ତ। ଉପରୋକ୍ତ ପ୍ରତ୍ୟେକ ଅପରାଧ କ୍ଷେତ୍ରରେ ନିଜେ କରିବା ବା ଅନ୍ୟଦ୍ୱାରା କରାଇବା ସକାଶେ ମଧ୍ୟ ସମାନ ଦଣ୍ଡର ପ୍ରାବଧାନତା ରହିଛି।

ସବୁଠାରୁ ଚିନ୍ତାଜନକ ବିଷୟ ବର୍ତ୍ତମାନ ସମୟରେ ଶିଶୁ ମଙ୍ଗଳ ସମିତି ଦ୍ୱାରା ହସ୍ତଗତ ହେଉଥିବା ଅଧିକାଂଶ ମାମଲାରେ ୧୫ରୁ ୧୮ ବର୍ଷ ବୟସର ପୁଅ ଏବଂ ଝିଅ ବିବାହର ପ୍ରଲୋଭନ ଦେଖାଇ ହେଉ ବା ଅନ୍ୟ କିଛି କଥା ଛଳରେ ସହମତି ପୂର୍ବକ ଶାରୀରିକ ସମ୍ପର୍କ ସ୍ଥାପନ କରୁଛନ୍ତି। ପରବର୍ତ୍ତୀ ସମୟରେ ଘଟଣା ପ୍ରଘଟ ହୋଇଗଲାପରେ/ପଳାୟନ କଲେ ବା ବାପାମାଆଙ୍କ ନଜରକୁ ଆସିଲେ ବାପାମାଆ ନିଜସ୍ୱ ଇଚ୍ଛାରେ ବା ଜାତି ସମାଜର ଚାପରେ ଥାନାର ଦ୍ୱାରସ୍ଥ ହେବା ଦ୍ୱାରା ଅଧିକାଂଶ ମାମଲାରେ ପୋକ୍‌ସୋ ଆଇନ ଅନୁଯାୟୀ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏଭଳି କ୍ଷେତ୍ରରେ ପୁଅଟିକୁ ଯଦି ପୋଲିସ ଧରିବାରେ ସକ୍ଷମ ହେଉଛି ତ ତାକୁ ତା'ର ବୟସ ଅନୁସାରେ ପର୍ଯ୍ୟବେକ୍ଷଣ ଗୃହ ବା ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଉଛି। ଏପଟେ ଝିଅ କିଛି ସ୍ଥାନରେ ଡାକ୍ତରୀ ପରୀକ୍ଷାର ସାମନା କରିବାକୁ ମନା କରୁଥିବାବେଳେ ଅନେକ କ୍ଷେତ୍ରରେ ବାପାମାଆଙ୍କ ଚାପର ବଶବର୍ତ୍ତୀ ହୋଇ ତା'ର ମତ ବଦଳାଇ ଦେଉଛି। ଏଠାରେ ପୁଅଝିଅ ଉଭୟେ ଘଟଣାରେ ସମ୍ପୃକ୍ତ ଥିବାବେଳେ କେବଳ ପୁଅ ଦଣ୍ଡ ପାଉଛି। ଡାକ୍ତରୀ ପରୀକ୍ଷା ସକାଶେ ମନା କରୁଥିବା କ୍ଷେତ୍ରରେ ଅବଶ୍ୟ ପୁଅଟି ସହଜରେ ଦଣ୍ଡ ପାଉନାହିଁ ଏବଂ ବାପାମାଆ କେସ୍‌ଟିକୁ ଦଫାରଫା କରି ଦେଉଛନ୍ତି। କିଛି ସ୍ଥାନରେ ପୁଅଝିଅ ଘର ଛାଡ଼ି ଅନ୍ୟତ୍ର ରହିବା ଫଳରେ ଅଭାବ ଅନଟନରେ ଦିନ କାଟୁଛନ୍ତି ଏବଂ କେସ୍‌ଟି ଗଡ଼ି ଗଡ଼ି ଅନେକ ଦିନ ପର୍ଯ୍ୟନ୍ତ ଚାଲୁଛି ଏବଂ ବିବାହ ଯୋଗ୍ୟ ବୟସ ହେଲାପରେ ଉଭୟଙ୍କ ସହମତି ଥିବାରୁ ସେମାନେ ସ୍ୱାମୀ ସ୍ତ୍ରୀ ହୋଇ ରହୁଛନ୍ତି।

ଅସଲ କଥା ହେଲା ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଅନେକ ସମୟରେ ଅଣଦେଖା କରାଯାଇଥାଏ। କିନ୍ତୁ ବାସ୍ତବ କଥା ହେଲା ଏଥିରେ ଝିଅ ଓ ପୁଅ ଉଭୟଙ୍କ ଭବିଷ୍ୟତ ଜଡ଼ିତ। ଉଭୟଙ୍କ ସହମତିରେ ଯୌନ ସମ୍ପର୍କ ସ୍ଥାପନ ସତ୍ତ୍ୱେ ପୋକ୍‌ସୋ ଭଳି ଏକ କଠୋର ଆଇନ ମାଧ୍ୟମରେ କଠିନରୁ କଠିନତମ ଦଣ୍ଡ ମିଳିବା କେତେଦୂର ସମୀଚୀନ। ଅନେକ ସମୟରେ କଥା ଉଠୁଛି ଯେ ପୋକ୍‌ସୋ ଆଇନ ମାଧ୍ୟମରେ ଦଣ୍ଡ ପ୍ରାୟତଃ କ୍ୱଚିତ ପାଉଛନ୍ତି। ଏଭଳି ଘଟିବା ସ୍ୱାଭାବିକ, କାରଣ କିଛି ସ୍ଥାନରେ ଡାକ୍ତରୀ ପରୀକ୍ଷାକୁ ପୀଡ଼ିତା ମନା କରିବା, ବାପାମାଆ ପୀଡ଼ିତାର ବିନା ସହମତିରେ କେସ୍ ପଞ୍ଜୀକରଣ କରିବା ଫଳରେ ଦୁର୍ବଳ ସାକ୍ଷ୍ୟ କାରଣରୁ ଦଣ୍ଡ ମିଳୁନାହିଁ। ଏଭଳି ଘଟଣାରେ ଶିଶୁ ମଙ୍ଗଳ ସମିତିର ନିଷ୍ପତ୍ତି ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ଯତ୍ନ ଏବଂ ସୁରକ୍ଷା ନିମିତ୍ତ ପୀଡ଼ିତାକୁ ସମିତି ଆଗରେ ଉପସ୍ଥାପନ କରିବା ବାଧ୍ୟତାମୂଳକ। ଅନେକ ସ୍ଥଳେ ମାଆବାପା ଜାତି ସମାଜର ଚାପ, ପୁନଃ ପଳାୟନର ଭୟରେ ଝିଅକୁ ଘରକୁ ନେବାପାଇଁ ରାଜି ହେଉ ନାହାନ୍ତି। ଏପଟେ ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ସଖୀ-ୱାନ ଷ୍ଟପ ସେଣ୍ଟରରେ ସ୍ୱଳ୍ପ ରହଣିର ବ୍ୟବସ୍ଥା ରହିଛି। ଶିଶୁଗୃହରେ ମଧ୍ୟ ଅନ୍ୟସବୁ ଅନ୍ତେବାସୀ ବିଦ୍ୟାଳୟ ଯାଉଥିବାବେଳେ ପୀଡ଼ିତାଙ୍କ ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା ସମ୍ଭବ ହୋଇ ପାରୁନାହିଁ। ତେଣୁ ପରାମର୍ଶ ସେବା ପ୍ରଦାନ ପୂର୍ବକ ସମିତି ପୀଡ଼ିତାକୁ ମାଆବାପା ଦାୟିତ୍ୱରେ ଛାଡ଼ିବାକୁ ଉଚିତ ମଣୁଛି। ତେଣୁ ସରକାର ବାଳିକାବାଳକଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଏସବୁ ବିଷୟରେ ଦାୟିତ୍ୱର ସହ ଚିନ୍ତା କରିବା ଆବଶ୍ୟକ ଏବଂ ତେବେ ଯାଇ ଆମେ ଏକ ଗଠନମୂଳକ ସମାଜ ପ୍ରତିଷ୍ଠା କରିପାରିବା।

ପଦରପଡ଼ା, ବୌଦ୍ଧ
ମୋ:୯୪୩୭୫୭୧୮୩୧

# ଶାକାହାରୀ ଓ ମାଂସାହାରୀ ଦୁଗ୍ଧ



ଜ୍ୟୋତିପ୍ରକାଶ କର

ଭାରତରୁ ରପ୍ତାନି ହେଉଥିବା ଦ୍ରବ୍ୟ ଉପରେ ଆମେରିକା ୫୦%ରୁ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଧାର୍ଯ୍ୟ କରି ପ୍ରକାରାନ୍ତରେ ଭାରତରେ ତା'ର ଉତ୍ପାଦିତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ, ଆନୁବଂଶିକ ସଂଶୋଧିତ ଫସଲ (ଜେନେଟିକ୍ ମଡିଫାଏଡ୍ କ୍ରପ୍) ଓ ମତ୍ସ୍ୟ ସାମଗ୍ରୀର ବଜାର ସୃଷ୍ଟି କରିବା ପାଇଁ ଚାପ ସୃଷ୍ଟି କରୁଛି। ଆଲୋଚ୍ୟର ବିଷୟ ହେଉଛି ଭାରତରେ ଉତ୍ପାଦିତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଶାକାହାରୀ ହୋଇଥିବା ବେଳେ ଆମେରିକାରେ ଉତ୍ପାଦିତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଶାକାହାରୀ କି ନା, ଏହା ମାଂସାହାରୀ ଦୁଗ୍ଧ। ନୂଆକରି ନୈତିକ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ଏ ମାଂସାହାରୀ ଦୁଗ୍ଧ କ'ଣ? ଆମେରିକାରେ ଗୋପାଳନର ଦୁଇଟି ଦିଗ, ପ୍ରଥମଟି ଗୋଖାଦ୍ୟରେ ପ୍ରାଣୀମାନଙ୍କର ଅବଶିଷ୍ଟାଂଶ ମିଶ୍ରଣରେ ପୁଷ୍ଟିସାର ପ୍ରୟୋଗ କରି ଅତ୍ୟଧିକ ପୋଷଣ ବୃଦ୍ଧି ପୂର୍ବକ ଦୁଗ୍ଧ ଉତ୍ପାଦନ ଓ ଦ୍ୱିତୀୟରେ ସେମାନଙ୍କୁ ହୃଷ୍ଟପୁଷ୍ଟ ସ୍ଥୂଳକାୟ କରି ମାଂସ ଉତ୍ପାଦନ କରିବା। ସେମାନେ ଗାଈର ଚାରା ଓ ଗୋଖାଦ୍ୟରେ ଘୁଷୁରି, ଗାଈ, କୁକୁଡ଼ା, ଘୋଡ଼ା, ବିରାଡ଼ି, କୁକୁର ଓ ମାଛଙ୍କ ଅବଶିଷ୍ଟାଂଶ, ଚର୍ବି, ରକ୍ତ ଓ ପ୍ରାଣୀ ହାଡ଼ର ପାଉଡ଼ରକୁ ସୂକ୍ଷ୍ମ ଭାବରେ ମିଶ୍ରଣ କରି ଖାଇବାକୁ ଦିଅନ୍ତି ଯାହା ଦୁଗ୍ଧ ଓ ମାଂସ ଉତ୍ପାଦନରେ ଉଲ୍ଲେଖନୀୟ ସଫଳତା ଦିଏ। ଏହାକୁ ମାଂସାହାରୀ ଦୁଗ୍ଧ, ଆମିଷାଶୀ ଦୁଗ୍ଧ ବା ରକ୍ତ ଦୁଗ୍ଧ କୁହାଯାଇପାରିବ। ଅଧିକ ଉତ୍ପାଦନ କ୍ଷମତାପୂର୍ଣ୍ଣ ସଙ୍କର (ହାଇବ୍ରିଡ୍) ଜାତୀୟ ଗାଈର ହାରାହାରି ଦୈନିକ ଦୁଗ୍ଧ ଉତ୍ପାଦନ କ୍ଷମତା ୩୪ ଲିଟର ଥିବାବେଳେ ଶୀର୍ଷ ଅବଧି ସମୟରେ (ପିକ୍ ପିରିୟଡ୍)ରେ ୬୦ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଦେଇଥାଏ। ଆଇନତଃ ଏହା ଆମେରିକାରେ ସ୍ୱୀକାର୍ଯ୍ୟ ଏବଂ ସାଧାରଣ ଭାବରେ ଦୁଗ୍ଧ ଉତ୍ପାଦନ ସଂସ୍ଥା (ଡେଏରି ଫାର୍ମ)ରେ ଦୁଗ୍ଧରେ ପ୍ରୋଟିନ୍ ଓ କ୍ୟାଲୋରୀ ବୃଦ୍ଧି ନିମନ୍ତେ ବ୍ୟବହାର କରାଯାଏ। ଆମେରିକା ସରକାର ମଧ୍ୟ ଦେଶର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥାମାନଙ୍କୁ ତାଙ୍କର ବ୍ୟବସାୟିକ ସଫଳତା ଓ କର୍ମନିଯୁକ୍ତି ସୁଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ଆର୍ଥିକ ସାହାଯ୍ୟ ଦେଇଥାନ୍ତି। ଆମେରିକାରେ ଗାଈ ମଧ୍ୟ ଶାକାହାରୀ କିନ୍ତୁ ବ୍ୟବସାୟିକ ଲାଭଖୋର ମନୋବୃତ୍ତି ନେଇ ସେମାନଙ୍କୁ ମାଂସାହାରୀ କରିଦିଆଯାଏ। ଭାରତରେ ଉଦ୍ଭିଦ ଆଧାରିତ ଶାକାହାରୀ ଖାଦ୍ୟ ଦିଆଯାଏ। ଭାରତୀୟ ଗୋପାଳକମାନେ ଗୋଖାଦ୍ୟରେ ସବୁଜ ଘାସ, ନଡ଼ା, ମକା, ବାଜରା, ବୋତି, ଚୋକଡ଼, ପିଡ଼ିଆ, କୁଣ୍ଡା, କୋଳଥ ଓ ବିରି ଚୂନି ଇତ୍ୟାଦି ଦେଇଥାନ୍ତି।

ଆମେରିକା ଭାରତର ଦୁଗ୍ଧଜାତ ବଜାରରେ ପ୍ରବେଶ ଅନୁମତି ପରିପ୍ରେକ୍ଷୀରେ ଭାରତର ସର୍ତ୍ତ ହେଲା, ଆମେରିକା ଏକ ସତର୍କତାମୂଳକ ସତ୍ୟ ସ୍ୱୀକୃତ ପ୍ରମାଣପତ୍ର (ସାର୍ଟିଫିକେଟ୍) ଦେଉ ଯେ, ଭାରତକୁ ଯେଉଁ ଦୁଗ୍ଧଜାତ ଦ୍ରବ୍ୟ ରପ୍ତାନି କରାଯିବ



ତାହା ସମ୍ପୂର୍ଣ୍ଣରୂପେ ନିରାମିଷ ଖାଦ୍ୟ ଖାଉଥିବା ଗାଈର ହୋଇଥିବ। ଏହାକୁ ଆମେରିକାର ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥାମାନେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ସେମାନଙ୍କ ଯୁକ୍ତି ହେଲା, ପ୍ରାଣୀଙ୍କର ଅବଶିଷ୍ଟାଂଶକୁ ଗାଈଙ୍କ ଖାଦ୍ୟରେ ଦିଆଯାଉଛି, ଉତ୍ପାଦିତ ଦୁଗ୍ଧରେ ଦିଆଯାଉ ନାହିଁ, ଏଣୁ ଏହା କିପରି ଆମିଷ ହେଲା। ଯଦି ଆମେରିକାରୁ ଦୁଗ୍ଧ ଆମଦାନୀ କରାଯିବ ତେବେ ଏହାକୁ ଶାକାହାରୀ ନା ମାଂସାହାରୀ କୁହାଯିବ? ପ୍ରାୟତଃ ୩୮% ଶାକାହାରୀ ଭାରତୀୟ ଦୁଗ୍ଧର ପୂର୍ଣ୍ଣ ଶୁଦ୍ଧତାକୁ ନେଇ ସମାଧାନର କୌଣସି ମଧ୍ୟମ ପନ୍ଥାକୁ କେତେଦୂର ଗ୍ରହଣ କରିବେ ତାହା ସମୟ ନିର୍ଣ୍ଣୟ କରିବ। ଭାରତ ଦୁଗ୍ଧ ଉତ୍ପାଦନରେ ସ୍ୱୟଂସମ୍ପୂର୍ଣ୍ଣ। ଶ୍ୱେତକ୍ରାନ୍ତି ପୂର୍ବରୁ ଭାରତ ପ୍ରାୟ ବାର୍ଷିକ ୨୧ନିୟୁତ ମେଟ୍ରିକ୍ ଟନ୍ ଦୁଗ୍ଧ ଉତ୍ପାଦନ କରୁଥିଲା। ଡ. ଭର୍ଗିସ୍ କୁରିୟନଙ୍କ ନେତୃତ୍ୱରେ ୧୯୭୦ରେ ଆରମ୍ଭ ହୋଇଥିବା ଶ୍ୱେତକ୍ରାନ୍ତି ଫଳରେ ଉଲ୍ଲେଖନୀୟ ଅଗ୍ରଗତି ହେଲା। ୨୦୧୪-୧୫ ଆର୍ଥିକ ବର୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ୬୩.୫୬% ବୃଦ୍ଧି ପାଇ ୨୩୯.୩ ନିୟୁତ ମେଟ୍ରିକ୍‌ଟନ୍ ଦୁଗ୍ଧ ଉତ୍ପାଦନ ହୋଇଥିବାବେଳେ ୨୦୨୨-୨୩ ବର୍ଷ ତୁଳନାରେ ୩.୭୮% ଅଧିକ ଉତ୍ପାଦିତ ହୋଇଛି। ବିଶ୍ୱର ମୋଟ୍ ଦୁଗ୍ଧ ଉତ୍ପାଦନରେ ଭାରତର ୨୫% ଯୋଗଦାନ ରହିଛି ଓ ୧୯୯୮ ମସିହାଠାରୁ ଭାରତ ବିଶ୍ୱର ସର୍ବୋଚ୍ଚ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର। ୧୯୫୦-୫୧ରେ ଭାରତରେ ବ୍ୟକ୍ତି ପିଛା ଦୈନିକ ୧୨୪ଗ୍ରାମ୍ ଦୁଗ୍ଧ ଉପଲବ୍ଧ ହେଉଥିବା ବେଳେ ୨୦୨୩-୨୪ବର୍ଷ ବେଳକୁ ବୃଦ୍ଧି ପାଇ ଭାରତର ଦୈନିକ ମୁଣ୍ଡ ପିଛା ୪୭୧ଗ୍ରାମ୍ ଦୁଗ୍ଧ ଉପଲବ୍ଧ ଓ ବିଶ୍ୱରେ ଏହା ୩୨୨ଗ୍ରାମ୍।

ଭାରତରେ କୃଷି ଓ କୃଷକ ସହିତ ଦୁଗ୍ଧ ଉତ୍ପାଦନ ସମ୍ପୂର୍ଣ୍ଣ ରୂପେ ଜଡ଼ିତ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ତଥ୍ୟ ଅନୁସାରେ ଯଦି ଭାରତର ଦୁଗ୍ଧ ବଜାରରେ ଆମେରିକାର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ପ୍ରବେଶ ପାଇଁ ଅନୁମତି ଦିଆଯାଏ ତେବେ ପାଖାପାଖି ବାର୍ଷିକ ୧.୦୩ ଲକ୍ଷ କୋଟି ଆର୍ଥିକ କ୍ଷତି ସହିବାକୁ ପଡ଼ିବ ଓ ଏଥିପାଇଁ ଛୋଟ ଛୋଟ ପଶୁପାଳକମାନେ କ୍ଷତିଗ୍ରସ୍ତ ହେବେ। ପ୍ରାୟ ଦୁଇଲକ୍ଷ ତିରିଶ ହଜାର ଗ୍ରାମ ଏଥିରେ ସମ୍ପୃକ୍ତ ଥିବାବେଳେ ୮କୋଟି ଲୋକଙ୍କର ଏହା ଜୀବିକାର୍ଜନର ପନ୍ଥା ଓ ଚାଳିଶକୋଟି ଲୋକଙ୍କର ଆବଶ୍ୟକତା ପୂରଣ କରେ। ଆମେରିକାରୁ ଆମଦାନୀ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ପ୍ରାୟ ୧୫% କମ୍ ମୂଲ୍ୟରେ ବଜାରରେ ଉପଲବ୍ଧ ହେବ। କମ୍ ଦାମ୍ ହେତୁ ଆମେରିକା ଦୁଗ୍ଧର ଚାହିଦା ବୃଦ୍ଧି ହେବ ଓ ଭାରତୀୟ ଦୁଗ୍ଧର ଚାହିଦା କମିଯିବ। ଗ୍ରାମ୍ୟ କୃଷି ବାଧାପ୍ରାପ୍ତ ହେବା ଆଶଙ୍କା ଥିବା ସହ ଭାରତୀୟଙ୍କର ସ୍ୱାସ୍ଥ୍ୟ, ଧର୍ମ, ସଂସ୍କୃତି, ଶାକାହାରୀ ଉପଭୋକ୍ତାଙ୍କର ଚିନ୍ତାଧାରା ପ୍ରଭାବିତ ହେବ। ଏତଦ୍‌ବ୍ୟତୀତ ଆଗାମୀ ସମୟରେ ପ୍ରଚୁର ଦୁଗ୍ଧ ଉତ୍ପାଦନ କରୁଥିବା ରାଷ୍ଟ୍ର ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ମଧ୍ୟ ଭାରତର ଦୁଗ୍ଧ ବଜାରରେ ପ୍ରବେଶ କରି ବାଣିଜ୍ୟ କରିବା ପାଇଁ ଚାପ ସୃଷ୍ଟି କରିବାକୁ ଚାହିଁବେ। ଏ ସବୁ ଦୃଷ୍ଟିରୁ ଭାରତ ଛୋଟ କୃଷକଙ୍କ ସ୍ୱାର୍ଥ ପାଇଁ ଢାଲ ହୋଇ ପ୍ରତିବନ୍ଧକ ସାଜିଛି।

ଶକ୍ତିନଗର କଟକ, ମୋ: ୯୪୩୮୫୩୨୪୫୭

## ଏଇ ଭାରତରେ

ଏକ ସୁନ୍ଦର କ୍ୟାରିୟର ଓ ଆକର୍ଷଣୀୟ ଦରମାର ମୋହ ଜନସେବା ସମ୍ମୁଖରେ ଗୌଣ ହୋଇଯାଏ, ଯାହା ଦେଖିବାକୁ ମିଳିଛି ସୌରଭ ବୋଥ୍ରାଙ୍କ ଜୀବନରେ। ସୌରଭ ଆଇଆଇଟି, ଭିଏଚ୍‌ୟୁରୁ ଡିଗ୍ରୀ ହାସଲ କରିବା ପରେ ଚାକିରି ନ କରି ଯୋଗ ଶିକ୍ଷା ଦେଉଛନ୍ତି। ସୌରଭ ପ୍ରତିଦିନ ଭର୍ଚୁଆଲ ଯୋଗ କ୍ଲାସ୍ ଚଳାଉଛନ୍ତି। 'ଶୁଭ ସକାଳ, ଆସନ୍ତୁ ଆରମ୍ଭ କରିବା'ରୁ ତାଙ୍କ ଯୋଗ କ୍ଲାସ୍ ଆରମ୍ଭ ହେଉଛି। କୋଭିଡ୍ ଲକ୍‌ଡାଉନ ଆରମ୍ଭ ସମୟରେ ୩ଜଣ ଲୋକଙ୍କୁ ନେଇ ସେ ଅନ୍‌ଲାଇନ ଯୋଗ କ୍ଲାସ୍ ଆରମ୍ଭ କରିଥିଲେ। ଏବେ ୧୬୯ ଦେଶର ଲୋକେ ତାଙ୍କ ଯୋଗ କ୍ଲାସ୍‌ରେ ଯୋଡ଼ିହୋଇଛନ୍ତି ଏବଂ ଏମାନଙ୍କ ସଂଖ୍ୟା ୧ କୋଟି ୨୬ ଲକ୍ଷରୁ ଅଧିକରେ ପହଞ୍ଚିଲାଣି। ଏଥିପାଇଁ ସେ ଗୋଟିଏ ଦିନରେ ଅଧିକ ଭ୍ୟୁୟର, ଯୋଗ କ୍ଲାସ୍‌ରେ ଅଧିକ ଲୋକ ଭାଗନେବା, ଅଧିକ ଦେଶରୁ ଲୋକେ ଭାଗ ନେବା, ଅଧିକ ସମୟ ଯୋଗ କ୍ଲାସ୍ ଆୟୋଜନ କରିବା ଆଦିରେ ସେ ୬ଟି ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ସୌରଭଙ୍କ ଜେଜେବାପା ଜଣେ ଡାକ୍ତର ଥିଲେ ବି ଚାକିରି ନ କରି ଦୁର୍ଗମ ଗାଁରେ ରହି ଲୋକଙ୍କ ପାଇଁ ନିଃସ୍ୱାର୍ଥପର ଭାବେ ସେବା ଯୋଗାଉଥିଲେ। ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ଯୋଗ ଶିକ୍ଷା ଦେଇ ଲୋକଙ୍କୁ ସୁସ୍ଥ ରଖିବାର ପ୍ରୟାସ ଜାରି ରଖିଛନ୍ତି ବୋଲି କହନ୍ତି ସୌରଭ।

## ୫୦ ବର୍ଷ ତଳର ଧରିତ୍ରୀ

### ୪ ନଭେମ୍ବର ୧୯୭୬

- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସଭାପତିତ୍ୱରେ ଭାରତ ସରକାର ଏକ ଜାତୀୟ ମହିଳା କମିଟି ଗଠନ କରିଛନ୍ତି।
- ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ଭାରତର ୫୫ ନିୟୁତ ଟଙ୍କା ଦାନ।

## ସୁ-ଡୋ-କୁ

su|do|ku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | | | | | |
| | 7 | | 4 | | 9 | | | |
| 1 | 8 | | | | 6 | | 9 | 7 |
| | | 6 | | 3 | | | | |
| 8 | | | | | 5 | | 7 | 4 |
| | | 1 | | | 4 | 9 | 8 | |
| | | | | | | 7 | | |
| | | | 2 | | | | | |
| | 6 | | 7 | | 8 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 1 | 4 | 6 | 8 | 3 | 5 | 7 |
| 3 | 8 | 6 | 5 | 9 | 7 | 2 | 4 | 1 |
| 7 | 4 | 5 | 1 | 3 | 2 | 6 | 8 | 9 |
| 5 | 7 | 3 | 9 | 4 | 1 | 8 | 2 | 6 |
| 6 | 1 | 2 | 3 | 8 | 5 | 9 | 7 | 4 |
| 8 | 9 | 4 | 7 | 2 | 6 | 1 | 3 | 5 |
| 4 | 6 | 7 | 8 | 1 | 3 | 5 | 9 | 2 |
| 2 | 3 | 9 | 6 | 5 | 4 | 7 | 1 | 8 |
| 1 | 5 | 8 | 2 | 7 | 9 | 4 | 6 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଲୁଟୁଛନ୍ତି ବସ୍‌ବାଲା

ମହାଶୟ,

ନବରଙ୍ଗପୁରରୁ ଭୁବନେଶ୍ୱର ଆସିବା ପାଇଁ ୨ଦିନ ଆଗରୁ ଅଗ୍ରିମ ଟିକେଟ ବୁକିଂ କାଉଣ୍ଟରରୁ ପ୍ରକାଶ ବସ୍ ସର୍ଭିସ୍ ନାମକ ବସ୍‌ରୁ ୩ଟି ଟିକେଟ କାଟିଥିଲୁ। ଟିକେଟରେ ଏସି ସ୍ଲିପର ଲେଖାଥିଲା। କାଉଣ୍ଟର ବାଲା କହିଥିଲେ, ଉମରକୋଟରୁ ଏକ ହଳଦିଆ ରଙ୍ଗର ବସ୍ ଆସିବ। ଛାଡ଼ିବା ସମୟ ସନ୍ଧ୍ୟା ୫ଟା। ବସ୍ ନମ୍ବର କଲମରେ ଲେଖାହୋଇଥିଲା। ଭଡ଼ା ଜଣକା ୯୦୦ଟଙ୍କା, ପ୍ରକୃତରେ ଭଡ଼ା ୭୦୦ଟଙ୍କା। କିଙ୍ଗଫିସର ବସ୍‌ର ଭଡ଼ା। ୫ଟା ପର୍ଯ୍ୟନ୍ତ ବସ୍ ଆସିଲା ନାହିଁ। ୬.୩୦ରେ ଏକ ସ୍କୁଲ ବସ୍ ଆସିଲା। ହଳଦିଆ ରଙ୍ଗର ଆଇଚର ବସ୍। ବସ୍‌ର ନାଁ ନାହିଁ। ଗନ୍ତବ୍ୟସ୍ଥଳ ବୋର୍ଡରେ ଲେଖା ନାହିଁ। କଣ୍ଡକ୍ଟର ଡାକ ମାରିଲେ ଭୁବନେଶ୍ୱର କିଏ ଟିକେଟ କାଟିଥିଲେ ବସନ୍ତୁ। ଆମ ଟିକେଟ ପୂରା ପଛ ୩୬, ୩୭, ୩୮ ନମ୍ବର ଥିଲା। ୧୨ ଘଣ୍ଟା ପଛ ସିଟ୍‌ରେ ବସି ଆସିବା କେତେ କଷ୍ଟକର ତାହା ଅନୁଭବ କରିଛୁ। ବସ୍‌ବାଲା ଏମିତି ଲୋକଙ୍କୁ ହଇରାଣ କରୁଥିଲେ ମଧ୍ୟ ଅଭିଯୋଗ କେହି ଶୁଣୁନାହାନ୍ତି।

-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୁମରି ଲାଗି ଜଳଇ ମୋର ଆରତି
ପରାଣ ଦେହ ତୁମେ ମୋ' ଯଶ କୀରତି
ଯାତନା ଶତ ମରଣ ମମ
ଲଭିଲେ ପଛେ ହେ ପ୍ରିୟତମ
ଅମର ହେବ ଜୀବନ ମମ
ଲଭିଲେ ତିଳେ ପୀରତି !

-(ପ୍ରସାଧନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୧୯ରେ ମାଣିକେଶ୍ୱରୀ ମହୋତ୍ସବ

## ସଫଳ ଆୟୋଜନ ପାଇଁ ସରିଲା ଶେଷ ପ୍ରସ୍ତୁତି ବୈଠକ

ଭବାନୀପାଟଣା,୩।୧୧ ( ଉତ୍ତମ କୁମାର ଦାଶ)



ମାଣିକେଶ୍ୱରୀ ମହୋତ୍ସବ ପାଇଁ ଅନୁଷ୍ଠିତ ବୈଠକ।

ଦୀର୍ଘ ୨୭ ବର୍ଷ ଧରି ବିଭିନ୍ନ ଘାତ ପ୍ରତିଘାତ ମଧ୍ୟରେ କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ସହିତ କଳା, କଳାକାର ଓ କଳାପ୍ରେମୀଙ୍କ ପାଇଁ ମହାମିଳନର ମଞ୍ଚ ପାଲଟିଛି ମାଣିକେଶ୍ୱରୀ ମହୋତ୍ସବ। ଯୁବ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ତଥା କଳାହାଣ୍ଡିର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ନାମରେ ନାମିତ ଏହି ମହୋତ୍ସବ ଏକ ସାଂସ୍କୃତିକ ବିପ୍ଳବର ରୂପ ନେବାକୁ ଯାଉଛି। କଳାହାଣ୍ଡି ଜିଲା ତଥା ରାଜ୍ୟସ୍ତରର ଅନେକ ବଛାବଛା କଳାକାରଙ୍କୁ ନେଇ ଆୟୋଜିତ ହେଉଥିବା ମାଣିକେଶ୍ୱରୀ ମହୋତ୍ସବ ଏଥର ୨୮ତମ ବର୍ଷରେ ପହଞ୍ଚିଛି। ଚଳିତବର୍ଷ ଏହି ମହୋତ୍ସବକୁ ଅନେକ ପରିମାଣରେ ସରସ ସୁନ୍ଦର କରିବାକୁ ରବିବାର ଭବାନୀପାଟଣା ସ୍ଥିତ ହୋଟେଲ ମିଡଟାଉନ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ବିଶିଷ୍ଟ କଣ୍ଠଶିଳ୍ପୀ ଜଗନ୍ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ ଡ. ଅଜୟ କୁମାର ମିଶ୍ର, ପ୍ରଦୀପ କୁମାର ସାହୁ, ବରିଷ୍ଠ ଖବରଦାତା ସ୍ୱାଧୀନ ପାତ୍ର, ବରିଷ୍ଠ ନାଗରିକ ହରିଶ୍ଚନ୍ଦ୍ର ମୁଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ। ଯୁବ ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ଭୂପେଶ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରବି କାନୁନଗୋ, ପ୍ରଦୀପ କୁମାର ଦାସ, ଧବଳେଶ୍ୱର ମହାପାତ୍ର, ସୁଶୀଲ କୁମାର ବାଗ, ଅମୀୟ କୁମାର ସାହୁ, ସତ୍ୟ ନାରାୟଣ ବିଶି, ପ୍ରଭାତ ସାହୁ, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ମହୋତ୍ସବର ସଫଳ ଆୟୋଜନ ସମ୍ପର୍କରେ ନିଜ ନିଜ ମତ ଓ ମନ୍ତବ୍ୟ ରଖିଥିଲେ। ଶେଷରେ ସଙ୍ଗଠନ ସମ୍ପାଦକ ତ୍ରିବିକ୍ରମ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହୋତ୍ସବ ପରିଚାଳନା ପାଇଁ ସଭାପତି ଭାବେ ଭୂପେଶ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ତ୍ରିପାଠୀ, ଉପସଭାପତି ପ୍ରଦୀପ କୁମାର ସାହୁ, ରମେଶ ସିଂହ, ସାଧାରଣ ସମ୍ପାଦକ ଭାବେ ସୁପ୍ରଭା ଶତପଥି, ସଙ୍ଗଠନ ସମ୍ପାଦକ ତ୍ରିବିକ୍ରମ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ଶତପଥି, ଯୁଗ୍ମ ସମ୍ପାଦକ ରବି କାନୁନଗୋ, କାର୍ଯ୍ୟକ୍ରମ ନିଷ୍ପାଦକ କରୁଣାକର ଦାସ, ଜୟରାମ ସାହୁ ପ୍ରମୁଖଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଉପଦେଷ୍ଟା କମିଟିରେ ଡ. ଅଜୟ ମିଶ୍ର, ପ୍ରଭାସ ଚନ୍ଦ୍ର ମିଶ୍ର, ଭୀମସେନ ସାହୁ, ଲକ୍ଷ୍ମୀ ନାରାୟଣ ଦାସ, ହରିଶ୍ଚନ୍ଦ୍ର ମୁଣ୍ଡ, ଧବଳେଶର ମହାପାତ୍ର, ସତ୍ୟ ନାରାୟଣ ବିଶି, ଉମାଚରଣ ପ୍ରଧାନ, ଦେବୀ କାନୁନଗୋ, ରଜନୀକାନ୍ତ ମୁନୀ, ସନ୍ତୋଷ ମିଶ୍ର, ମନୋଜ ପଟ୍ଟନାୟକ, ଗୋବର୍ଦ୍ଧନ ଦାସ, ଆଇନ ପରାମର୍ଶଦାତା ଭାବେ ସତ୍ୟ ନାରାୟଣ ପଣ୍ଡା, ହେମନ୍ତ ସିଂ, ଦିବ୍ୟରଞ୍ଜନ ବହିଦାର ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ମଣିଷର ନୀରୋଗପଣ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ

କର୍ଲାମୁଣ୍ଡା,୩।୧୧ (ପ୍ରଦୀପ କୁମାର ସାହୁ)



ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ତେରେସିଂହା ସରକାରୀ ହାଇସ୍କୁଲଠାରେ ରବିବାରଠାରୁ ଆରମ୍ଭ ହୋଇଥିବା କଳାହାଣ୍ଡି ଜିଲା ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ପୁରସ୍କାର ବିତରଣୀ ସଭାରେ କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣିଷର ନୀରୋଗପଣ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ ବୋଲି ପ୍ରକାଶ କରିଥିଲେ। କଳାହାଣ୍ଡି ଡିଇଓ ରାଧାକାନ୍ତ ଛତ୍ରିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଟିଟିଲାଗଡ ଡିଏଭି କଲେଜର ଅଧ୍ୟକ୍ଷ ଡ. ଶିବପ୍ରସାଦ ବେହେରା ମୁଖ୍ୟବକ୍ତା, ପୂର୍ବତନ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କର୍ଲାମୁଣ୍ଡା ବିଇଓ ବାଞ୍ଛାନିଧି ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲା ଶାରୀରିକ ନିରୀକ୍ଷକ ରୂପସିଂ ରାଉତ ବିବରଣୀ ପଠନ କରିଥିଲେ। ତେରେସିଂହା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗରୁଡଧ୍ୱଜ ଗହୀରଙ୍କ ସଂଯୋଜନାରେ ଉତ୍ସବ ଆୟୋଜିତ ହୋଇଥିଲା। ଶ୍ରବଣ କୁମାର ଜାଲ ପୁରସ୍କାର ବିତରଣକୁ ସଂଚାଳନ କରିଥିବା ବେଳେ ନୀଳମଣି ଗହୀର ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ଜିଲାରୁ ମୋଟ ୩୭୦ ପ୍ରତିଯୋଗୀ ଓଶିକ୍ଷକ ଯୋଗଦେଇଥିଲେ। ଥୁଆମୂଳରାମପୁର ବ୍ଲକ ଚମ୍ପିୟନ ହୋଇଥିବାବେଳେ ନର୍ଲା ବ୍ଲକ ରନର୍ସଅପ ହୋଇଥିଲା। ମୁଖ୍ୟଅତିଥି ପତାକା ଅବତରଣ କରିବା ସହ କ୍ରୀଡ଼ାବିତ୍‌ମାନଙ୍କୁ ଫ୍ଲାଗମାର୍ଚ୍ଚ କରାଇଥିଲେ।


**Government of India**
**Income Tax Department**
**Bhubaneswar**

**ସାର୍ବଜନୀନ ସୂଚନା**

F.No. Nodal Officer/Odisha Elections/2025–26/ Date : 31.10.2025

71–ନୂଆପଡ଼ା ବିଧାନସଭା ନିର୍ବାଚନ ମଧ୍ୟବର୍ତ୍ତୀ ଭୋଟ, 2025 ଘୋଷଣା କରାଯାଇଛି ଭାରତର ନିର୍ବାଚନ ଆୟୋଗ ଦ୍ୱାରା। ନିର୍ବାଚନ ପ୍ରକ୍ରିୟା ସମୟରେ କଳାଟଙ୍କା ବ୍ୟବହାର ରୋକିବା ପାଇଁ ଆୟକର ବିଭାଗ ନିୟମ କଡ଼ାକଡ଼ି ରଖିବା ପାଇଁ ଦାୟିତ୍ୱ ପାଇଛି।

ଅଘୋଷିତ ଅର୍ଥ ଓ ଅନ୍ୟ ଅଘୋଷିତ ମୂଲ୍ୟବାନ୍ ସାମଗ୍ରୀର ସୂଚନା ଓ ଅଭିଯୋଗ ପ୍ରାପ୍ତ କରିବାପାଇଁ ଆୟକର ବିଭାଗ, ଓଡ଼ିଶା ଦ୍ୱାରା ୨୪ x ୭ କଲ୍ ସେଣ୍ଟର ସୁବିଧା ସହିତ ନିମ୍ନଲିଖିତ ଯୋଗାଯୋଗ ନମ୍ବର ସହିତ ଭୁବନେଶ୍ୱରରେ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହିତ ସୂଚନା ଅଭିଯୋଗ ପ୍ରକୋଷ୍ଠ ସ୍ଥାପିତ ହୋଇଛି।

**ନିର୍ବାଚନ ନିୟନ୍ତ୍ରଣ ପ୍ରକୋଷ୍ଠ ସହ ଅଭିଯୋଗ ପରିଚାଳନା ପ୍ରକୋଷ୍ଠ**

ଟୋଲ୍ ଫ୍ରି ନମ୍ବର : 1800–345–7921

ହ୍ୱାଟ୍ସଆପ୍ ନମ୍ବର : 9438917442

ଇମେଲ୍ କରନ୍ତୁ : Bhubaneswar.addldit.inv2@incometax.gov.in

ନିର୍ବାଚନ ସମ୍ବନ୍ଧୀୟ କୌଣସି ପ୍ରକାର ଅନୁଚିତ ନଗଦ ରାଶିର ନେଣଦେଣ କିମ୍ବା ଅଘୋଷିତ ନଗଦ ରାଶି ଓ ମୂଲ୍ୟବାନ୍ ସାମଗ୍ରୀର ସୂଚନା ବିଷୟରେ ଦୟାକରି ଉପରୋକ୍ତ ନମ୍ବରରେ ସୂଚନା ଦିଆଯାଇପାରିବ।

ହସ୍ତାକ୍ଷର
(ବିମଲେନ୍ଦୁ ତୁଡୁ)
ଯୁକ୍ତ ନିର୍ଦ୍ଦେଶକ, ଆୟକର (ଅନ୍ୱେଷଣ)
ୟୁନିଟ୍–୨ ସହ ନୋଡାଲ ଅଧିକାରୀ (ଇ.ଇ.ଏମ୍.), ଭୁବନେଶ୍ୱର


# ଜିଲା ସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

ଭବାନୀପାଟଣା,୩।୧୧(ଉତ୍ତମ କୁମାର ଦାଶ)

ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାପାଳଙ୍କ ଜିଲା ସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଓ ଏସ୍‌ପି ନାଗରାଜ ଦେବର କୋଣ୍ଡା ଅଧ୍ୟକ୍ଷତା କରି ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୫୭ ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ୧୨୮ ଓ ସାମୁହିକ ୨୯ଟି ରହିଥିଲା। ସେହିପରି ୨୩ଟି ଅଭିଯୋଗର ସମାଧାନ ଘଟଣାସ୍ଥଳରେ କରାଯାଇଥିଲା। ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ରାଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଆଦି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ମୁଖ୍ୟ ଜିଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।


**नालको NALCO**
National Aluminium Company Limited
(A Government of India Enterprise)

Nalco Bhawan, Nayapalli,
Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

**RFQ FOR INTERNAL AUDIT ASSIGNMENTS**

**No. NALCO/IA/ RFP/2025** **Dated: 03/11/2025**

National Aluminium Company Limited (NALCO) invites applications from reputed and experienced Chartered Accountant / Cost Accountant Firms or LLPs for undertaking **Internal Audit assignments** for a period of three years at its various locations. The detailed Request for Proposal (RFP) is available on the following websites: **www.nalcoindia.co.in / www.icmai.in / www.pdicai.org**

Interested CA/CMA Firms/LLPs having their Head Offices in Odisha or Visakhapatnam(AP) are requested to submit their profiles both by email and in physical form, as specified in the RFP documents. Last date for receipt of both email and signed physical copies: **24.11.2025 (by 5:00 pm)**

**Alok Tripathy**
DGM(F)



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Lifeline of Odisha
**OFFICE OF THE SENIOR GENERAL MANAGER, PROJECT- I**

**NOTIFICATION**

**No. Sr.GM(TP&C)/Publication/Gaz/08/(Vol.V)/542 Dated : 30.10.2025**

In accordance with Section-164 of the Indian Electricity Act, 2003 and in exercising the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which is intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 36.05 Crores. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr.General Manager(Elect.), EHT(Projects)-I, Bhubaneswar, Odisha Power Transmission Corporation Limited, Tech Tower (7th floor), OPTCL, Janpath, Saheed Nagar, Bhubaneswar-751022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.),EHT (Projects) Division Angul as mentioned against the work, on any working day during office hours.

**Name of the Work:-** Construction of 220kV S/C Line from existing 220/33kV Grid Sub-station at Rengali to proposed RTSS at Khamar (line length- 25 kms. Approx.)

**Name of the Village in which the line will Pass :**
**Tahasil:** Kaniha, **R.I Circle:** Bajrakote, **Revenue Village:** Rengali, Deynali, **R.I Circle:** Sipur, **Revenue Village:** Podagarh, Susuba, Gengutia, Batibaspur, **Tahasil:** Pallahara ,**R.I Circle:** Khamara,**Revenue Village:** Besalia, Panihara, Nitiam, Sankhamur, Baidyanathapur, Sahupada, Jaitdimiria, Khamara.

**Perceived benefit that may accrue :** This will facilitate the un-interrupted power supply to the villages' covers under the Tahasil of Kaniha, Pallahara & overall development of Odisha State in general.

FIPR-54/2025-26

**ER. SUNIL KUMAR DANDSENA**
**Sr. General Manager Project- I**

/optcl.odisha /optcl_odisha


# ମୃତ ଡ୍ରାଇଭରଙ୍କ ପରିବାରକୁ ଆର୍ଥିକ ସହାୟତା



ଡ୍ରାଇଭର ସଂଘ ପକ୍ଷରୁ ଚେକ୍ ପ୍ରଦାନ କରାଯାଉଛି।

ପଲମ, ୩।୧୧(ଭିକାରି ଗଉଡ଼)

କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ ଅନ୍ତର୍ଗତ ମୁଡିଙ୍ଗ ପଞ୍ଚାୟତ କର୍‌ଲାବାହାଲି ଗ୍ରାମର ଡ୍ରାଇଭର ଗୌରାଙ୍ଗ ମାଝୀ ଗତ ୧୦ ଦିନ ଆଗରୁ ମୃତ୍ୟୁବରଣ କରିଥିଲେ। ତାଙ୍କର ଏକାଦଶାହ କାର୍ଯ୍ୟରେ ଓଡ଼ିଶା ଡ୍ରାଇଭର ସଂଘ ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ଚେକ୍ ମାଧ୍ୟମରେ ଆର୍ଥିକ ସହାୟତା କରିଥିଲେ। ଏହା ସହ ମ.ରାମପୁର ବ୍ଲକ ସଂଘ ଓ ମୁଡିଙ୍ଗ ପଞ୍ଚାୟତ ଡ୍ରାଇଭର ସଂଘ ମଧ୍ୟ କିଛି ନଗଦ ଅର୍ଥ ପ୍ରଦାନ କରିଥିଲେ। ପରିବାର ଲୋକଙ୍କୁ ଚେକ୍ ପ୍ରଦାନ କରିଥିବା ସମୟରେ ଓଡ଼ିଶା ଡ୍ରାଇଭର ସଂଘ ଜିଲା ସଭାପତି କାର୍ତ୍ତିକ ପୁଞ୍ଜି, ସମ୍ପାଦକ ବିଶ୍ୱରଞ୍ଜନ ମାହାର, କୋଷାଧ୍ୟକ୍ଷ ଦାଶରଥି ସାହୁ, ମ. ରାମପୁର ବ୍ଲକ ସଭାପତି ବିଶ୍ୱରଞ୍ଜନ ମାହାର, ଉପସଭାପତି ତରୁଣ ହାତି, ସମ୍ପାଦକ ମହିତ ବାଗ, କୋଷାଧ୍ୟକ୍ଷ ଗୌରାଙ୍ଗ ମାଝୀ, ଉପଦେଷ୍ଟା ଭବାନୀ ବିଶି ଏବଂ ମୁଡିଙ୍ଗ ପଞ୍ଚାୟତର ଡ୍ରାଇଭର ସଂଘର କର୍ମକର୍ତ୍ତା, ସଦସ୍ୟ ଉପସ୍ଥିତ ରହି ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ସହାୟତା ପାଇଁ ପରିବାରବର୍ଗଙ୍କୁ ପ୍ରମାଣପତ୍ର ଦେବା ପାଇଁ କହିଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସହାୟକ ବୈଦ୍ୟୁତିକ ଯନ୍ତ୍ରୀ (ସିଓଏନ୍), ଦ.ପୂ. ରେଳପଥ, ରାଞ୍ଚି ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ **www.ireps.gov.in**ରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ: **ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇଏଲ୍-ସିଓଏନ୍-ଆର୍.ଏନ୍.ସି-ଆଇଏଲ୍ଓ-ଏସ୍ଏଲ୍ଏଫ୍-୨୫-୨୬; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** "ଦ.ପୂ. ରେଳପଥର ରାଞ୍ଚି ମଣ୍ଡଳରେ ମୁରିକୁ ଏଡ଼ାଉଥିବା ଇଲୁ-ସିଲ୍ଲି ବାଇପାସ୍ ଲାଇନ୍‌ର କାର୍ଯ୍ୟ ସଂକ୍ରାନ୍ତରେ ଆର୍‌ସି ଏବଂ ପିଏସ୍ଆଇ କାର୍ଯ୍ୟ ଏବଂ ଏଟି ସମ୍ବନ୍ଧିତ କାର୍ଯ୍ୟ ସମେତ ୨୫ କେଭି ଓଏଚ୍ଇ ବିଦ୍ୟୁତୀକରଣ ଏବଂ ପରିବର୍ତ୍ତନ କାର୍ଯ୍ୟର ଯୋଗାଣ, ଉତ୍ଥାପନ, ପରୀକ୍ଷଣ ଏବଂ କମିଶନିଂ ।" **କାର୍ଯ୍ୟର ମୂଲ୍ୟ:** ₹୧୧,୪୨,୬୪,୫୨୧.୬୦ ଏବଂ **ବିଡ୍ ଅମାନତ:** ₹୭,୨୧,୩୦୦.୦୦; **ସମାପ୍ତି ଅବଧି:** ୨୪ ମାସ; **ବନ୍ଦ ହେବା ତାରିଖ:** ୨୬।୧୧।୨୦୨୫; ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା ଏବଂ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି [ଇ-ଟେଣ୍ଡର କାର୍ଯ୍ୟ (ଫୋନ୍ ନଂ. ସହିତ ଲଗ୍ଇନ୍ କରନ୍ତୁ) ଏବଂ ଉପରଦର୍ଶିତ ଟେଣ୍ଡର ନଂ. ସହ ସନ୍ଧାନ କରନ୍ତୁ] । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିଦ୍ର: "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି।" **(PR-795)**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଇଏନ୍‌ଜି.), ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା–୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଟେଣ୍ଡର ନଂ.: ବିଆର୍-ଏକ୍ସ୍ୟୁ-କେଜିପି-୨୫-୨୬-୦୮; କାର୍ଯ୍ୟର ବର୍ଣ୍ଣନା:** "ଏଏକ୍ସଇଏନ୍ (ସେତୁ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ ଅବଧିରେ ଏସ୍ଏସ୍ଇ/ବିଆର୍/କେଜିପି-ଆଇ କ୍ଷେତ୍ରାଧିକାରର ସେତୁ ଜୋନାଲ କାର୍ଯ୍ୟ ।" **ଟେଣ୍ଡର ମୂଲ୍ୟ:** ₹୨,୯୬,୧୧,୦୭୭.୩୯; **ଅମାନତ ରାଶି:** ₹୨,୯୮,୧୦୦.୦୦; **ଟେଣ୍ଡର ଦସ୍ତାବିଜ୍ଞ ମୂଲ୍ୟ:** ଶୂନ୍ୟ; **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୭।୧୧।୨୦୨୫ରିଖ ୧୧.୩୦ ଘଟିକା; **ସମାପ୍ତି ଅବଧି:** ୨୪ (ଚବିଶ) ମାସ; ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା ପାଇଁ ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ଲାଗି ଏହି ଟେଣ୍ଡରର ସ୍ଥିତି ଜାଣିବା ନିମନ୍ତେ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **(PR-790)**



**ଭାରତ ସରକାର**
**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ**
**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ**

**ପ୍ରୋଗ୍ରାମ୍ ମନିଟରିଂ ୟୁନିଟ୍ (ପିଏମ୍‌ୟୁ) ଅଧୀନରେ ରାଜ୍ୟ ସମନ୍ୱୟକାରୀଙ୍କ ପାଇଁ ଖାଲିପଦବୀ ସମ୍ବନ୍ଧୀୟ ଘୋଷଣା**

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ତୃଣମୂଳ ସ୍ତରରେ ଯୋଜନାଗୁଡ଼ିକର ତତ୍ତ୍ୱାବଧାନ ଓ ମୂଲ୍ୟାୟନ କରିବା ତଥା ସେଗୁଡ଼ିକର ଫଳପ୍ରଦ କାର୍ଯ୍ୟାନ୍ୱୟନ ଲାଗି ମତାମତ ଯୋଗାଇବା ଏବଂ ମଧ୍ୟବର୍ତ୍ତୀକାଳୀନ ସୁଧାର ଲାଗି ଯୁବ ବୃତ୍ତିଧାରୀଙ୍କ ସହ ଏକ ପ୍ରୋଗ୍ରାମ୍ ମନିଟରିଂ ୟୁନିଟ୍ (ପିଏମ୍‌ୟୁ) ୨୦୨୫ ଗଠନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ନୂଆଦିଲ୍ଲୀସ୍ଥିତ ପିଏମ୍‌ୟୁ ପାଇଁ **ନିଯୁକ୍ତି ତାରିଖଠାରୁ ୨ ବର୍ଷ ଲାଗି ଅଣ-ନବୀକରଣଯୋଗ୍ୟ ଚୁକ୍ତିରେ** ୪୯ ଜଣ ରାଜ୍ୟ ସମନ୍ୱୟକାରୀଙ୍କ ଚୟନ ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି ପଦବୀରେ ମାସିକ ଟ.୭୫,୦୦୦/-ର ଏକତ୍ରିତ ବେତନ ରହିବା ସହ ଆବଶ୍ୟକତା ଅନୁସାରେ ପ୍ରତିମାସ ପ୍ରାୟ ୨୦-୨୫ ଦିନର ବ୍ୟାପକ ଭ୍ରମଣର ଆବଶ୍ୟକତା ରହିଛି । ଯେକୌଣସି ଶୃଙ୍ଖଳାର ସ୍ନାତକ କିମ୍ବା ଚଳିତ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ହେବାକୁ ଯାଉଥିବା ସ୍ନାତକ (ଏନ୍‌ଆଇଆର୍‌ଏଫ୍ ମାନ୍ୟତା ଅଧୀନରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପାହ୍ୟାପ୍ରାପ୍ତ ହୋଇଥିବା ଅନୁଷ୍ଠାନ - ଦେଶର ୧୦୦ଟି ସାମଗ୍ରିକ ଶୀର୍ଷ ଅନୁଷ୍ଠାନ, ୧୦୦ ଶୀର୍ଷ ମହାବିଦ୍ୟାଳୟ, ୧୦୦ ଶୀର୍ଷ ବିଶ୍ୱବିଦ୍ୟାଳୟ ଏବଂ ୫୦ ଶୀର୍ଷ ଗବେଷଣା ଅନୁଷ୍ଠାନରୁ) ଏହି ପଦବୀ ନିମନ୍ତେ ଆବେଦନ କରିବା ପାଇଁ ଯୋଗ୍ୟ ହେବେ ।

ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା, ଦାୟିତ୍ୱ ଆଦି ସମ୍ବନ୍ଧୀୟ ଅଧିକ ବିବରଣୀ ତଥା ଅନ୍‌ଲାଇନ୍ ଆବେଦନ ପାଇଁ ଦୟାକରି ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ୱେବସାଇଟ୍ **https://socialjustice.gov.in/** ପରିଦର୍ଶନ କରନ୍ତୁ ।

ପଞ୍ଜୀକରଣ ଓ ଦରଖାସ୍ତ ଦାଖଲ ପ୍ରକ୍ରିୟା **୦୪ ନଭେମ୍ବର ୨୦୨୫ରୁ ୦୪ ଡିସେମ୍ବର ୨୦୨୫** ପର୍ଯ୍ୟନ୍ତ ଖୋଲା ରହିବ ।

**cbc 38101/11/0027/2526**


# ୨୫ ଫୁଟ୍ ତଳକୁ ଖସି ପଡ଼ିଲା କାର, ଚାଳକ ଗୁରୁତର

**ଭବାନୀପାଟଣା, ୩।୧୧(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା–ଜୁନାଗଡ଼ ମଧ୍ୟରେ ଥିବା ୨୬ ନମ୍ବର ଜାତୀୟ ରାଜପଥର ଶଗଡ଼ା ନଦୀ ପୋଲ ନିକଟରେ ସୋମବାର ଏକ କାର ୨୫ ଫୁଟ ତଳକୁ ଖସିପଡ଼ିଛି। ଏଥିରେ କାର୍ ଚାଳକ ଗୁରୁତର ହୋଇଛନ୍ତି। ଚିକିତ୍ସାଲାଗି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆନ୍ଧ୍ରପ୍ରଦେଶର ୨ ଯୁବକ ନବରଙ୍ଗପୁରଠାରୁ ଭବାନୀପାଟଣା ପଟକୁ ଯାଉଥିବାବେଳେ ଶଗଡା ନଦୀ ନିକଟରେ କୌଣସି କାରଣରୁ ଚାଳକ ନିୟନ୍ତ୍ରଣ ହରାଇବାରୁ କାର୍ ତଳକୁ ଖସିପଡିଥିଲା।


**केनरा बैंक Canara Bank** A Government of India Undertaking
सिंडिकेट Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭,
ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ବ୍ୟାଙ୍କର ସମସ୍ତ ବକେୟା ଦେୟ ପରିଶୋଧ ଦ୍ୱାରା ସମ୍ପତ୍ତି ବନ୍ଧକମୁକ୍ତ ପାଇଁ ସର୍ବସାଧାରଣ ନୋଟିସ୍**

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| କ୍ର. ନଂ. | ଜଗତ୍‌ସିଂହପୁର ଶାଖା (୧୮୦୨୭)/ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ / ବନ୍ଧକମୁକ୍ତ ନୋଟିସ୍ ତାରିଖ / ବକେୟା ରାଶି |
|---|---|---|---|
| ୧. | ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶିଲ କୁମାର ଦାଶ, ପିତା: ରବୀନ୍ଦ୍ର କୁମାର ଦାସ, ସା: ଜାହାନପୁର, ପୋ: ମଣ୍ଡାସାହି, ଗ୍ରାମ: ଜାହାନପୁର, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୧୪ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୩୨, ଖାତା ନଂ.: ୬୯, ମୌଜା: ଚାଟରା, ଗ୍ରାମ: ଜାହାନପୁର, କ୍ଷେତ୍ର: ଏକର ୦.୦୪ ଡିସିମିଲି, କିସମ: ଘରବାରୀ, ପଞ୍ଜିକୃତ ସବ୍‌ଡିଷ୍ଟ୍ରିକ୍ଟ: ଜଗତ୍‌ସିଂହପୁର ଅଧିନସ୍ଥ ଏବଂ ଜିଲ୍ଲା: ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ନିତ୍ୟାନନ୍ଦ ମହାନ୍ତି, ପୂର୍ବ: ରାଧା ଚରଣ ମହାନ୍ତି, ପଶ୍ଚିମ: ଗୋପିନାଥ ମହାନ୍ତି | ୨୫.୦୮.୨୦୨୫ / ୩୧.୧୦.୨୦୨୫ / ୦୩.୧୧.୨୦୨୫ / ୦୩.୧୧.୨୦୨୫ ସୁଦ୍ଧା ଟ.୧୪,୭୯,୮୪୬.୩୭ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପରଦର୍ଶିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ସମ୍ପତ୍ତି ବିକ୍ରୟ ।**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୧) ଅନୁସାରେ ଉପରଦର୍ଶିତ ତାରିଖରେ ଜାରି କରାଯାଇଥିବା ଦଖଲ ନୋଟିସ ଅନୁଯାୟୀ କାନାରା ବ୍ୟାଙ୍କ (ବ୍ୟାଙ୍କ) ସୁରକ୍ଷିତ ଋଣଦାତା ଭାବେ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ ଫାଇନାନସିଆଲ ଅସେଟ୍ସ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଅନୁସାରେ ଉପରଦର୍ଶିତ ବକେୟା ରାଶି ସହିତ ସୁଧ ଏବଂ ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ ଆଦାୟ କରିବାପାଇଁ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପ୍ରକ୍ରିୟା ଏବଂ ଏହାର ଇ-ନିଲାମର ଖବର କାଗଜ ପ୍ରକାଶନ ଆରମ୍ଭ କରିବାକୁ ଯାଉଛି। ଏତଦ୍‌ଦ୍ୱାରା ଆପଣଙ୍କୁ **୩୦ ଦିନିଆ** ନୋଟିସ୍ ଜାରି କରାଗଲା କି ଏହି ସମୟସୀମା ଅତିକ୍ରାନ୍ତ ପରେ, ଯଦି ପୂର୍ବଦର୍ଶିତ ବକେୟା ରାଶି ପୈଠ କରିନଥାନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟ ଏବଂ ଏହାର ଅନ୍ତର୍ଗତ ନିୟମାବଳୀ ଅନୁସାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ କରିବାପାଇଁ ପଦକ୍ଷେପମାନ ଗ୍ରହଣ କରିବେ। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୮) ର ସଂଶୋଧନ ଅନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆପଣଙ୍କୁ ପରାମର୍ଶ ଦିଆଯାଉଛି କି ବ୍ୟାଙ୍କକୁ ଏହି ନୋଟିସ ପ୍ରାପ୍ତିର **୩୦ ଦିନ** (ନିଲାମ ନୋଟିସ ପ୍ରକାଶନ ପୂର୍ବରୁ) ମଧ୍ୟରେ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ସୁରକ୍ଷିତ ସମ୍ପତ୍ତିର ନିଲାମ ବିକ୍ରୟ ନୋଟିସ୍ ଖବର କାଗଜ ପ୍ରକାଶନ ପରେ ଆପଣଙ୍କ ସମ୍ପତ୍ତିଗୁଡ଼ିକୁ ବନ୍ଧକମୁକ୍ତ କରିବାର ଅଧିକାର ରହିବ ନାହିଁ।

ସ୍ଥାନ : କଟକ
ତାରିଖ : ୦୩.୧୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ



**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank** (Together for the better)
Oriental United

**ଡିମାଣ୍ଡ ନୋଟିସ୍**

ମଣ୍ଡଳ କାର୍ଯ୍ୟାଳୟ : ସମ୍ବଲପୁର, ବାଲାଜୀ ମିଡ୍‌ଟାଉନ୍, ପ୍ରଥମ ମହଲା,
ଦେହେରିପାଲି, ପୋ.: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪, ଇ-ମେଲ୍: **cs8310@pnb.co.in**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେଶୀ) ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

कार्यपालक अभियंता, लघु सिंचाई प्रमण्डल, राँची का पत्रांक — 616 दिनांक— 25.09.25 द्वारा आमंत्रित e-Tender Reference No. WRD/MID/RANCHI F2 -08/2025-26, PR No.362990 Minor Irrigation (25-26).D दिनांक 27.09.2025 को प्रकाशित निविदा में निम्न प्रकार संशोधन किया जाता है:—

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of e-tender on website | 18.10.2025 up to 2:00 pm | 13.11.2025 up to 2.00 pm |
| 2 | Last date for /time for submission of e- tender BID's | 25.10.2025 up to 5:00pm | 19.11.2025 up to 3:00 pm |
| 3 | Last date for online Submission of tender fee and EMD | 25.10.2025 up to 5:00pm | 19.11.2025 up to 3:00 pm |
| 4 | Date of opening tender | 30.10.2025 at 2:00 Pm | 21.11.2025 at 4:00 pm |

निविदा की शेष सभी शर्तें पूर्वतः बनी रहेगी।

विश्वासभाजन
कार्यपालक अभियन्ता, लघु सिंचाई प्रमंडल, राँची

PR 365186 Minor Irrigation (25-26)_D



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SUNDARGARH**
E-mail : eemisundargarh@yahoo.co.in
'e' Procurement Notice
Bid Reference No. SE MID SNG 10/2025-26

**No.A-843** : Bid documents consisting name of Works, Estimated cost, Cost of tender paper, EMD, Time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works | Civil Construction work |
| 2 | No. of Works | 10 (Ten) Nos. |
| 3 | Estimated cost | Varies from Rs.4.66 lakh to Rs.16.78 lakh (Approximately) |
| 4 | Period of completion | 02 (Two) to 03 (Three) Calendar months |
| 5 | Date and Time of availability of bid documents in the portal | From **dt.05.11.2025** at 10.00 AM to **dt.14.11.2025** up to 5.30 PM |
| 6 | Last date / time of receipt of bids in the portal | **Dt.14.11.2025** up to 5.30 PM |
| 7 | Date of opening of Bid | **Dt.15.11.2025** at 11.00 AM onwards |
| 8 | Name and address of the OIT | Superintending Engineer, Minor Irrigation Division, Sundargarh |

**Further details can be seen from the e-Procurement market place http://tendersodisha.gov.in

Sd./- Superintending Engineer
M.I.Division, Sundargarh

OIPR-



**Government of India**
**Income Tax Department**
**Bhubaneswar**

**ସାର୍ବଜନୀନ ସୂଚନା**

F.No. Nodal Officer/Odisha Elections/2025–26/ Date : 31.10.2025

71–ନୂଆପଡ଼ା ବିଧାନସଭା ନିର୍ବାଚନ ମଧ୍ୟବର୍ତ୍ତୀ ଭୋଟ, 2025 ଘୋଷଣା କରାଯାଇଛି ଭାରତର ନିର୍ବାଚନ ଆୟୋଗ ଦ୍ୱାରା। ନିର୍ବାଚନ ପ୍ରକ୍ରିୟା ସମୟରେ କଳାଟଙ୍କା ବ୍ୟବହାର ରୋକିବା ପାଇଁ ଆୟକର ବିଭାଗ ନିୟମ କଡ଼ାକଡ଼ି ରଖିବା ପାଇଁ ଦାୟିତ୍ୱ ପାଇଛି।

ଅଘୋଷିତ ଅର୍ଥ ଓ ଅନ୍ୟ ଅଘୋଷିତ ମୂଲ୍ୟବାନ୍ ସାମଗ୍ରୀର ସୂଚନା ଓ ଅଭିଯୋଗ ପ୍ରାପ୍ତ କରିବାପାଇଁ ଆୟକର ବିଭାଗ, ଓଡ଼ିଶା ଦ୍ୱାରା ୨୪ x ୭ କଲ୍ ସେଣ୍ଟର ସୁବିଧା ସହିତ ନିମ୍ନଲିଖିତ ଯୋଗାଯୋଗ ନମ୍ବର ସହିତ ଭୁବନେଶ୍ୱରରେ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହିତ ସୂଚନା ଅଭିଯୋଗ ପ୍ରକୋଷ୍ଠ ସ୍ଥାପିତ ହୋଇଛି।

**ନିର୍ବାଚନ ନିୟନ୍ତ୍ରଣ ପ୍ରକୋଷ୍ଠ ସହ ଅଭିଯୋଗ ପରିଚାଳନା ପ୍ରକୋଷ୍ଠ**
ଟୋଲ୍ ଫ୍ରି ନମ୍ବର : 1800–345–7921
ହ୍ୱାଟ୍ସଆପ୍ ନମ୍ବର : 9438917442
ଇମେଲ୍ କରନ୍ତୁ : Bhubaneswar.addldit.inv2@incometax.gov.in

ନିର୍ବାଚନ ସମ୍ବନ୍ଧୀୟ କୌଣସି ପ୍ରକାର ଅନୁଚିତ ନଗଦ ରାଶିର ନେଣଦେଣ କିମ୍ବା ଅଘୋଷିତ ନଗଦ ରାଶି ଓ ମୂଲ୍ୟବାନ୍ ସାମଗ୍ରୀର ସୂଚନା ବିଷୟରେ ଦୟାକରି ଉପରୋକ୍ତ ନମ୍ବରରେ ସୂଚନା ଦିଆଯାଇପାରିବ।

ହସ୍ତାକ୍ଷର
(ବିମଲେନ୍ଦୁ ତୁଡୁ)
ଯୁକ୍ତ ନିର୍ଦ୍ଦେଶକ, ଆୟକର (ଅନ୍ୱେଷଣ)
ୟୁନିଟ୍–୨ ସହ ନୋଡାଲ ଅଧିକାରୀ (ଇ.ଇ.ଏମ୍.), ଭୁବନେଶ୍ୱର


# କ୍ୱାକ୍ ଚିକିତ୍ସା, ରୋଗଶଯ୍ୟାରେ ମହିଳା

## ଜିଲାପାଳଙ୍କୁ ଫେରାଦ ମହିଳାଙ୍କ ସ୍ୱାମୀ

- ଚିକିତ୍ସା ଆଳରେ ୩୦ ହଜାର ଟଙ୍କା ନେଇଥିବା ଅଭିଯୋଗ



କ୍ୱାକ୍ଙ୍କ ଚିକିତ୍ସାରେ ଗୁରୁତର ମହିଳା।

ସମ୍ବଲପୁର, ୩।୧୧(ପ୍ରମୋଦ ବହିଦାର)

କ୍ୱାକ୍ ଚିକିତ୍ସାର କରୁଣ ପରିଣତି ସ୍ୱରୂପ ଜଣେ ଗରିବ ମହିଳା ବର୍ତ୍ତମାନ ଶଯ୍ୟାଶାୟୀ। ରୋଗ ଉପଶମ ହେବା ବଦଳରେ ଅଧିକ ଜଟିଳ ହୋଇଛି। ମହିଳା ଜଣକ ଏକପ୍ରକାର ଅକ୍ଷମ ହୋଇ ପଡ଼ିଛନ୍ତି। ସେ ହେଉଛନ୍ତି ବୁର୍ଲା ଜ୍ୟୋତିବିହାର ନିକଟସ୍ଥ ଶିବବିହାରର ପ୍ରମିଳା ସିନ୍ଧ୍ରିଆ(୪୫)। ସେ ଅର୍ଶ ରୋଗରେ ପୀଡ଼ିତା ଥିଲେ। ଡାକ୍ତର ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ଏହି ସମୟରେ ପ୍ରମିଳାଙ୍କ ସ୍ୱାମୀ ଶତ୍ରୁଘ୍ନ ସିନ୍ଧ୍ରିଆ ଜଣେ ଡାକ୍ତର ବିନା ଅସ୍ତ୍ରୋପଚାରରେ ଅର୍ଶର ଗ୍ୟାରେଣ୍ଟି ଚିକିତ୍ସା କରୁଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ପ୍ରଚାର ପତ୍ରରେ ପ୍ରଦତ୍ତ ଠିକଣା ଅନୁସାରେ ସମ୍ବଲପୁର ପଟ୍ଟନାୟକ ପଡ଼ାରେ ଥିବା ଉକ୍ତ ବ୍ୟକ୍ତିଙ୍କ କ୍ଲିନିକ୍ରେ ପହଞ୍ଚି ସ୍ତ୍ରୀଙ୍କ ରୋଗ ସମ୍ପର୍କରେ ଆଲୋଚନା କରିଥିଲେ। କ୍ୱାକଙ୍କ ପରାମର୍ଶ କ୍ରମେ ସେ ଆଗୁଆ ୩୦ ହଜାର ଟଙ୍କା ଦେଇ ୩ ମାସ ତଳେ ସ୍ତ୍ରୀଙ୍କ ଚିକିତ୍ସା କରାଇଥିଲେ। ହେଲେ ପ୍ରମିଳା ଆରୋଗ୍ୟ ଲାଭ କରିବା ବଦଳରେ ଅଧିକ ଗୁରୁତର ହୋଇ ପଡ଼ିଛନ୍ତି। ପରେ ଖବର ନେବାରୁ ସମ୍ପୃକ୍ତ ଚିକିତ୍ସାଧିକାରୀ ଜଣେ କ୍ୱାକ୍ ବା ନକଲି ଡାକ୍ତର ବୋଲି ଜାଣିବାକୁ ପାଇଥିଲେ। ଡାକ୍ତରଙ୍କ କୌଣସି ଡିଗ୍ରୀ ନ ଥିବାବେଳେ ଆର୍ଏମ୍ପି ପ୍ରମାଣପତ୍ର ଜରିଆରେ ସେ ନିରୀହ ଲୋକଙ୍କୁ ଚିକିତ୍ସା ଆଳରେ ଶୋଷଣ କରୁଥିବା ଜଣା ପଡ଼ିଛି। ଏହାକୁ ନେଇ ସିନ୍ଧ୍ରିଆ ତାଙ୍କ ପୁଅଙ୍କ ସହ ସୋମବାର ଧନକଉଡ଼ାରେ ଚାଲିଥିବା ଅଭିଯୋଗ ପ୍ରକୋଷ୍ଠରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଆଗକୁ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବା ସହ ଡାକ୍ତରଙ୍କ ବୈଦ୍ଧ କାଗଜପତ୍ର ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଶତୃଘ୍ନ ସିନ୍ଧ୍ରିଆ କହିଛନ୍ତି।


**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Lifeline of Odisha
**OFFICE OF THE SENIOR GENERAL MANAGER, PROJECT- I**

**NOTIFICATION**

No. Sr.GM(TP&C)/Publication/Gaz/08/(Vol.V)/542 Dated : 30.10.2025

In accordance with Section-164 of the Indian Electricity Act, 2003 and in exercising the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which is intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 36.05 Crores. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr.General Manager(Elect.), EHT(Projects)-I, Bhubaneswar, Odisha Power Transmission Corporation Limited, Tech Tower (7th floor), OPTCL, Janpath, Saheed Nagar, Bhubaneswar-751022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.),EHT (Projects) Division Angul as mentioned against the work, on any working day during office hours.

**Name of the Work:-** Construction of 220kV S/C Line from existing 220/33kV Grid Sub-station at Rengali to proposed RTSS at Khamar (line length- 25 kms. Approx.)

**Name of the Village in which the line will Pass :**
**Tahasil:** Kaniha, **R.I Circle:** Bajrakote, **Revenue Village:** Rengali, Deynali, **R.I Circle:** Sipur, **Revenue Village:** Podagarh, Susuba, Gengutia, Batibaspur, **Tahasil:** Pallahara ,**R.I Circle:** Khamara,**Revenue Village:** Besalia, Panihara, Nitiam, Sankhamur, Baidyanathapur, Sahupada, Jaitdimiria, Khamara.

**Perceived benefit that may accrue** : This will facilitate the un-interrupted power supply to the villages' covers under the Tahasil of Kaniha, Pallahara & overall development of Odisha State in general.

ER. SUNIL KUMAR DANDSENA
Sr. General Manager Project- I

FIPR-54/2025-26

/optcl.odisha /optcl_odisha


# ତୃତୀୟ ସ୍ଥାନରେ ଇଣ୍ଡିଆନ୍ ପବ୍ଲିକ ସ୍କୁଲ



ଆୟୋଜିତ ଆନ୍ତଃବିଦ୍ୟାଳୟ ନାଟକ ପ୍ରତିଯୋଗିତାରେ ଆଇପିଏସ୍ ଦଳ।

ସମ୍ବଲପୁର,୩।୧୧(ବି.ଶଙ୍କର)

**ଆନ୍ତଃବିଦ୍ୟାଳୟ ନାଟକ ପ୍ରତିଯୋଗିତା**

ଏମସିଏଲ୍ ପକ୍ଷରୁ ଦୁର୍ନୀତି ନିବାରଣ ଜାଗରଣ ସପ୍ତାହ ଉପଲକ୍ଷେ ଆନ୍ତଃ ବିଦ୍ୟାଳୟ ନାଟକ ପ୍ରତିଯୋଗିତା ବୁର୍ଲା ଡିଏଭି ପବ୍ଲିକ ସ୍କୁଲରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସମ୍ବଲପୁରର ୧୦ଟି ବିଦ୍ୟାଳୟ ଭାଗ ନେଇଥିଲେ। ଏହିକ୍ରମରେ ସମ୍ବଲପୁର କ୍ଷେତରାଜପୁରସ୍ଥିତ ଇଣ୍ଡିଆନ ପବ୍ଲିକ ସ୍କୁଲ (ଆଇପିଏସ)ର ଛାତ୍ରୀଛାତ୍ରଙ୍କ ଏକ ଦଳ ଭାଗ ନେଇଥିଲା। ସତର୍କତା ଆମର ମିଳିତ ଦାୟିତ୍ୱ ବିଷୟ ଉପରେ ଆଧାରିତ ନାଟକ ପ୍ରଦର୍ଶନ କରି ଆଇପିଏସ ଦଳ ତୃତୀୟ ସ୍ଥାନ ଅଧିକାର କରିଛି। ବିଦ୍ୟାଳୟର ହିନ୍ଦୀ ବିଭାଗ ମୁଖ୍ୟ ହେମନ୍ତ କୁମାର ଯାଦବଙ୍କ ଦ୍ୱାରା ଲିଖିତ ଏବଂ ନିର୍ଦ୍ଦେଶିତ ଏହି ନାଟକ ସାଇବର ଅପରାଧ ଉପରେ ଆଧାରିତ ଥିଲା। ଯେଉଁଥିରେ ଅହାନା ସେନଗୁପ୍ତା (ଅଷ୍ଟମ), ଅବନ୍ତି ପାଠକ, ସୋମିଆ ସ୍ୱରୂପା ମହାନ୍ତ, ଆୟୋସ୍ମା ଦାଶ, ତେଜସପ୍ରିତ କୌର, ତନିଶା ସନନ୍, ଶ୍ରୀବିଦ୍ୟା ନାୟକ, ଡିମ୍ପଲ ଦୁର୍ଗା, ଅକ୍ଷତ ଏବଂ ପ୍ରତ୍ୟୁଷ (ସମସ୍ତେ ନବମ ଶ୍ରେଣୀ) ଭାଗ ନେଇଥିଲେ। ନିଜର ଚମତ୍କାର ପ୍ରଦର୍ଶନ ଦ୍ୱାରା ନିର୍ଣ୍ଣାୟକ ମଣ୍ଡଳ ତଥା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରି ବିଦ୍ୟାଳୟ ପାଇଁ ଟ୍ରଫି ଜିତିଥିଲେ। ଏହି ସଫଳତା ସକାଶେ ସୋମବାର ବିଦ୍ୟାଳୟ ପ୍ରିନ୍ସିପାଲ ସଚିନ ପାଠକ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଦ୍ୟାଳୟ ଚେୟାରମ୍ୟାନ ସୁମନ ଡାଲମିଆ ଏବଂ ପରିଚାଳନା ନିର୍ଦ୍ଦେଶକ କେଶବ ଡାଲମିଆ ଟିମ୍କୁ ଅଭିନନ୍ଦନ ଜଣାଇଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସହାୟକ ବୈଦ୍ୟୁତିକ ଯନ୍ତ୍ରୀ (ସିଓଏନ୍), ଦ.ପୂ. ରେଳପଥ, ରାଞ୍ଚି ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର ୱେବ୍ସାଇଟ୍ **www.ireps.gov.in**ରେ ଅପ୍ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ: **ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇଏଲ୍-ସିଓଏନ୍-ଆର୍ଏନ୍ସି-ଆଇଏଲଓ-ଏସ୍ଏଲ୍ଏଫ୍-୨୫-୨୬; କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** "ଦ.ପୂ. ରେଳପଥର ରାଞ୍ଚି ମଣ୍ଡଳରେ ମୁରିକୁ ଏଡ଼ାଉଥିବା ଇଲ୍ଲୁ-ସିଲ୍ଲି ବାଇପାସ୍ ଲାଇନ୍ର କାର୍ଯ୍ୟ ସଂକ୍ରାନ୍ତରେ ଆର୍ସି ଏବଂ ପିଏସଆଇ କାର୍ଯ୍ୟ ଏବଂ ଏଟି ସମ୍ବନ୍ଧିତ କାର୍ଯ୍ୟ ସମେତ ୨୫ କେଭି ଓଏଚ୍ଇ ବିଦ୍ୟୁତୀକରଣ ଏବଂ ପରିବର୍ତ୍ତନ କାର୍ଯ୍ୟର ଯୋଗାଣ, ଉତ୍ଥାପନ, ପରୀକ୍ଷଣ ଏବଂ କମିଶନିଂ ।" **କାର୍ଯ୍ୟର ମୂଲ୍ୟ: ₹୧୧,୪୨,୬୪,୫୨୧.୬୦ ଏବଂ ବିଡ୍ ଅମାନତ: ₹୭,୨୧,୩୦୦.୦୦; ସମାପ୍ତି ଅବଧି: ୨୪ ମାସ; ବନ୍ଦ ହେବା ତାରିଖ: ୨୬।୧୧।୨୦୨୫;** ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା ଏବଂ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍ଲାଇନ୍ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି [ଇ-ଟେଣ୍ଡର କାର୍ଯ୍ୟ (ଫୋନ୍ ନଂ. ସହିତ ଲଗଇନ୍ କରନ୍ତୁ) ଏବଂ ଉପରବର୍ଣ୍ଣିତ ଟେଣ୍ଡର ନଂ. ସହ ସନ୍ଧାନ କରନ୍ତୁ] । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିଦ୍ର: "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି।" (PR-795)

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ (ଇଏନ୍ଜିନି.), ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଟେଣ୍ଡର ନଂ.: ବିଆର୍-ଏଚ୍କ୍ୟୁ-କେଜିପି-୨୫-୨୬-୦୮**; **କାର୍ଯ୍ୟର ବର୍ଣ୍ଣନା:** "ଏଏକ୍ସଇଏନ୍ (ସେତୁ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ ଅବଧିରେ ଏସ୍ଏସ୍ଇ/ବିଆର୍/କେଜିପି-ଆଇ କ୍ଷେତ୍ରାଧିକାରର ସେତୁ କୋନାଲ କାର୍ଯ୍ୟ।" **ଟେଣ୍ଡର ମୂଲ୍ୟ: ₹୨,୯୬,୧୧,୦୭୭.୩୯; ଅମାନତ ରାଶି: ₹୨,୯୮,୧୦୦.୦୦; ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ୍ୟ; ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୨୭।୧୧।୨୦୨୫ରିଖ ୧୧.୩୦ ଘଟିକା; ସମାପ୍ତି ଅବଧି: ୨୪** (ଚବିଶ) ମାସ; ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା ପାଇଁ ତଥା ନିଜର ବିଡ୍ ଅନ୍ଲାଇନ୍ରେ ଦାଖଲ କରିବା ଲାଗି ଏହି ଟେଣ୍ଡରର ସ୍ଥିତି ଜାଣିବା ନିମନ୍ତେ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ ଫିଜିକାଲ/ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-790)



**ଭାରତ ସରକାର**
**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ**
**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ**

**ପ୍ରୋଗ୍ରାମ୍ ମନିଟରିଂ ୟୁନିଟ୍ (ପିଏମ୍ୟୁ) ଅଧୀନରେ ରାଜ୍ୟ ସମନ୍ୱୟକାରୀଙ୍କ ପାଇଁ ଖାଲିପଦବୀ ସମ୍ବନ୍ଧୀୟ ଘୋଷଣା**

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ତୃଣମୂଳ ସ୍ତରରେ ଯୋଜନାଗୁଡ଼ିକର ତତ୍ତ୍ୱାବଧାନ ଓ ମୂଲ୍ୟାୟନ କରିବା ତଥା ସେଗୁଡ଼ିକର ଫଳପ୍ରଦ କାର୍ଯ୍ୟାନ୍ୱୟନ ଲାଗି ମତାମତ ଯୋଗାଇବା ଏବଂ ମଧ୍ୟବର୍ତ୍ତୀକାଳୀନ ସୁଧାର ଲାଗି ଯୁବ ବୃତ୍ତିଧାରୀଙ୍କ ସହ ଏକ ପ୍ରୋଗ୍ରାମ୍ ମନିଟରିଂ ୟୁନିଟ୍ (ପିଏମ୍ୟୁ) ୨୦୨୫ ଗଠନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ନୂଆଦିଲ୍ଲୀସ୍ଥିତ ପିଏମ୍ୟୁ ପାଇଁ **ନିଯୁକ୍ତି ତାରିଖଠାରୁ ୨ ବର୍ଷ ଲାଗି ଅଣ-ନବୀକରଣଯୋଗ୍ୟ ଚୁକ୍ତିରେ** ୪୯ ଜଣ ରାଜ୍ୟ ସମନ୍ୱୟକାରୀଙ୍କ ଚୟନ ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି ପଦବୀରେ ମାସିକ ଟ.୭୫,୦୦୦/-ର ଏକତ୍ରିତ ବେତନ ରହିବା ସହ ଆବଶ୍ୟକତା ଅନୁସାରେ ପ୍ରତିମାସ ପ୍ରାୟ ୨୦-୨୫ ଦିନର ବ୍ୟାପକ ଭ୍ରମଣର ଆବଶ୍ୟକତା ରହିଛି । ଯେକୌଣସି ଶୃଙ୍ଖଳାର ସ୍ନାତକ କିମ୍ବା ଚଳିତ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ହେବାକୁ ଯାଉଥିବା ସ୍ନାତକ (ଏନ୍ଆଇଆର୍ଏଫ୍ ମାନ୍ୟତା ଅଧୀନରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପାହ୍ୟାପ୍ରାପ୍ତ ହୋଇଥିବା ଅନୁଷ୍ଠାନ - ଦେଶର ୧୦୦ଟି ସାମଗ୍ରିକ ଶୀର୍ଷ ଅନୁଷ୍ଠାନ, ୧୦୦ ଶୀର୍ଷ ମହାବିଦ୍ୟାଳୟ, ୧୦୦ ଶୀର୍ଷ ବିଶ୍ୱବିଦ୍ୟାଳୟ ଏବଂ ୫୦ ଶୀର୍ଷ ଗବେଷଣା ଅନୁଷ୍ଠାନରୁ) ଏହି ପଦବୀ ନିମନ୍ତେ ଆବେଦନ କରିବା ପାଇଁ ଯୋଗ୍ୟ ହେବେ ।

ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା, ଦାୟିତ୍ୱ ଆଦି ସମ୍ବନ୍ଧୀୟ ଅଧିକ ବିବରଣୀ ତଥା ଅନ୍ଲାଇନ୍ ଆବେଦନ ପାଇଁ ଦୟାକରି ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ୱେବସାଇଟ୍ **https://socialjustice.gov.in/** ପରିଦର୍ଶନ କରନ୍ତୁ ।

ପଞ୍ଜୀକରଣ ଓ ଦରଖାସ୍ତ ଦାଖଲ ପ୍ରକ୍ରିୟା **୦୪ ନଭେମ୍ବର ୨୦୨୫ରୁ ୦୪ ଡିସେମ୍ବର ୨୦୨୫** ପର୍ଯ୍ୟନ୍ତ ଖୋଲା ରହିବ ।

cbc 38101/11/0027/2526


# ୫୨ ୟୁନିଟ୍ ରକ୍ତ ସଂଗୃହୀତ

ସମ୍ବଲପୁର,୩।୧୧(ପ୍ରମୋଦ ବହିଦାର)

ଭିଏଚ୍ପି ଓ ବଜରଙ୍ଗ ଦଳ ସମ୍ବଲପୁର ପକ୍ଷରୁ ହୁତାତ୍ମା ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମ୍ବଲପୁର ଜିଲା ମୁରା ରାମଚଣ୍ଡି କଲ୍ୟାଣ ମଣ୍ଡପରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଭିଏଚପି ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ସତ୍ୟନାରାୟଣ ଥନାପତି, ସ୍ୱାମୀ ଧରମ ଦାସ ବାବା ଶିବିରକୁ ଉଦ୍ଘାଟନ କରିଥିଲେ। ଶିବିରରେ ୫୨ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ସେବା ପ୍ରମୁଖ ଜୟରାମ ବଢେଇ, ସଂଯୋଜକ କିଶୋର ଚନ୍ଦ୍ର ପାଢ଼ୀ, ଜିଲା ସହ ସଂଯୋଜକ ପ୍ରମୋଦ କୁମାର ଛନ୍ଦ, ବାବୁଲା ମେହେର, ଚିନ୍ତାମଣି ମହାକୁର ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।


**केनरा बैंक Canara Bank** / सिंडिकेट Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ବ୍ୟାଙ୍କର ସମସ୍ତ ବକେୟା ଦେୟ ପରିଶୋଧ ଦ୍ୱାରା ସମ୍ପତ୍ତି ବନ୍ଧକମୁକ୍ତ ପାଇଁ ସର୍ବସାଧାରଣ ନୋଟିସ୍**

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| କ୍ର. ନଂ. | ଜଗତସିଂହପୁର ଶାଖା (୧୮୦୨୭)/ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ / ବନ୍ଧକମୁକ୍ତ ନୋଟିସ୍ ତାରିଖ / ବକେୟା ରାଶି |
|---|---|---|---|
| ୧. | ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶିଲ କୁମାର ଦାଶ, ପିତା: ରବୀନ୍ଦ୍ର କୁମାର ଦାସ, ସା: ଜାହାନପୁର, ପୋ: ମଣ୍ଡାସାହି, ଗ୍ରାମ: ଜାହାନପୁର, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା - ୭୫୪୧୧୪ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୩୨, ଖାତା ନଂ.: ୬୯, ମୌଜା: ଚାଟରା, ଗ୍ରାମ: ଜାହାନପୁର, କ୍ଷେତ୍ର: ଏକର ୦.୦୪ ଡିସିମିଲି, କିସମ: ଘରବାରୀ, ପଞ୍ଜିକୃତ ସବ୍ଡିଷ୍ଟ୍ରିକ୍ଟ: ଜଗତସିଂହପୁର ଅଧିନସ୍ଥ ଏବଂ ଜିଲ୍ଲା: ଜଗତସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ନିତ୍ୟାନନ୍ଦ ମହାନ୍ତି, ପୂର୍ବ: ରାଧା ଚରଣ ମହାନ୍ତି, ପଶ୍ଚିମ: ଗୋପିନାଥ ମହାନ୍ତି | ୨୫.୦୮.୨୦୨୫ / ୩୧.୧୦.୨୦୨୫ / ୦୩.୧୧.୨୦୨୫ / ୦୩.୧୧.୨୦୨୫ ସୁଦ୍ଧା ଟ.୧୪,୭୯,୮୪୬.୩୭ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍ଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପରଦର୍ଶିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ସମ୍ପତ୍ତି ବିକ୍ରୟ ।**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୧) ଅନୁସାରେ ଉପରଦର୍ଶିତ ତାରିଖରେ ଜାରି କରାଯାଇଥିବା ଦଖଲ ନୋଟିସ ଅନୁଯାୟୀ କାନାରା ବ୍ୟାଙ୍କ (ବ୍ୟାଙ୍କ) ସୁରକ୍ଷିତ ଋଣଦାତା ଭାବେ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଅସେଟ୍ସ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଅନୁସାରେ ଉପରଦର୍ଶିତ ବକେୟା ରାଶି ସହିତ ସୁଧ ଏବଂ ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ ଆଦାୟ କରିବାପାଇଁ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପ୍ରକ୍ରିୟା ଏବଂ ଏହାର ଇ-ନିଲାମର ଖବର କାଗଜ ପ୍ରକାଶନ ଆରମ୍ଭ କରିବାକୁ ଯାଉଛି। ଏତଦ୍ଦ୍ୱାରା ଆପଣଙ୍କୁ **୩୦ ଦିନିଆ** ନୋଟିସ୍ ଜାରି କରାଗଲା କି ଏହି ସମୟସୀମା ଅତିକ୍ରାନ୍ତ ପରେ, ଯଦି ପୂର୍ବଦର୍ଶିତ ବକେୟା ରାଶି ପୈଠ କରିନଥାନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟ ଏବଂ ଏହାର ଅନ୍ତର୍ଗତ ନିୟମାବଳୀ ଅନୁସାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ କରିବାପାଇଁ ପଦକ୍ଷେପମାନ ଗ୍ରହଣ କରିବେ। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୮) ର ସଂଶୋଧନ ଅନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆପଣଙ୍କୁ ପରାମର୍ଶ ଦିଆଯାଉଛି କି ବ୍ୟାଙ୍କକୁ ଏହି ନୋଟିସ ପ୍ରାପ୍ତିର **୩୦ ଦିନ** (ନିଲାମ ନୋଟିସ ପ୍ରକାଶନ ପୂର୍ବରୁ) ମଧ୍ୟରେ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ସୁରକ୍ଷିତ ସମ୍ପତ୍ତିର ନିଲାମ ବିକ୍ରୟ ନୋଟିସ୍ ଖବର କାଗଜ ପ୍ରକାଶନ ପରେ ଆପଣଙ୍କ ସମ୍ପତ୍ତିଗୁଡ଼ିକୁ ବନ୍ଧକମୁକ୍ତ କରିବାର ଅଧିକାର ରହିବ ନାହିଁ।

ସ୍ଥାନ : କଟକ
ତାରିଖ : ୦୩.୧୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ



**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank** (Together for the better) Oriental United

**ଡିମାଣ୍ଡ ନୋଟିସ୍**

ମଣ୍ଡଳ କାର୍ଯ୍ୟାଳୟ : ସମ୍ବଲପୁର, ବାଲାଜୀ ମିଡ୍ଟାଉନ୍, ପ୍ରଥମ ମହଲା, ଦେହେରିପାଲି, ପୋ.: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪, ଇ-ମେଲ୍: **cs8310@pnb.co.in**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେଶୀ) ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨, ଏବଂ ଧାରା ୧୩(୨) ଓ ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ଧାରା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ଦର୍ଶିତ ରାଶି ସହିତ ସୁଧ ଓ ଚୁକ୍ତି ଅନୁଯାୟୀ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ନୋଟିସ୍ ପ୍ରକାଶିତ ହେବାର **୬୦ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । କଥିତ ଡିମାଣ୍ଡ ନୋଟିସ୍କୁ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ପାଖକୁ ପଠାଯାଇଥିଲା କିନ୍ତୁ ତାହା ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି । ତେଣୁ ପୁନଶ୍ଚ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ କୁହାଯାଉଅଛି ଯେ ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ସେମାନଙ୍କର ବକେୟା ଦେୟ ସହ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବ୍ୟାଙ୍କକୁ ପଇଠ କରନ୍ତୁ । ଯଦି ସେମାନେ ଉକ୍ତ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କ କଥିତ ଆଇନର ବ୍ୟବସ୍ଥା ଅନୁସାରେ ଅନ୍ୟ କୌଣସି ଅଧିକାରକୁ ପ୍ରତିହତ ନକରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଧ୍ୟ ହେବେ ।

| ଶାଖା/ ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ/ଋଣ ପରିମାଣ | ବକେୟା ଦେୟ | ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ନୂଆପଡା ଶାଖା (୬୭୭୫୦୦) / ଋଣଗ୍ରହୀତା/ବନ୍ଧକାଦାତ: ଶ୍ରୀ ସନ୍ତୋଷ କୁମାର ଗୁପ୍ତା, ପିତା: ଶ୍ରୀ ମୁସାଫିର ଗୁପ୍ତା, ସା/ପୋ: ପଡୋରା, ଜିଲ୍ଲା: ନୂଆପଡା (ଓଡିଶା), ପିନ୍-୭୬୬୧୦୫ | ୨୪.୦୭.୨୦୨୫ / ଟ.୨୬,୦୦,୦୦୦/- | ୩୧.୧୦.୨୦୨୫ ସୁଦ୍ଧା ଟ.୨୮,୫୩,୯୮୯.୩୫ + ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଦେୟ | ଶ୍ରୀ ସନ୍ତୋଷ କୁମାର ଗୁପ୍ତା, ପିତା: ଶ୍ରୀ ମୁସାଫିର ଗୁପ୍ତାଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୧୫୦/୧୨୫, ପ୍ଲଟ୍ ନଂ.: ୩୮୭/୯୨୪, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ମୌଜା: ପଡୋରା, ତହସିଲ/ଜିଲ୍ଲା: ନୂଆପଡା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ସୁଧିର ଚନ୍ଦ୍ର ମହାନ୍ତି, ଉତ୍ତର: ନିଜସ୍ୱ, ଦକ୍ଷିଣ: କେନାଲ |
| ଝିରିପାଣି ଶାଖା (୦୭୯୬୨୦) / ଋଣଗ୍ରହୀତାମାନେ: ୧) ନିଶିକାନ୍ତ ବେହେରା, ପିତା: ସୁରେନ୍ଦ୍ରନାଥ ବେହେରା, ୨) ସନ୍ଧ୍ୟାରାଣୀ ବେହେରା (ବନ୍ଧକଦାତା), ସ୍ୱାମୀ: ଶ୍ରୀ ନିଶିକାନ୍ତ ବେହେରା, ଉଭୟଙ୍କ ଠିକଣା- ସା: କ୍ୱାର୍ଟର ନଂ.: ସି/୧୯୮, ସେକ୍ଟର-୬, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୬୯୦୦୨ | ୨୮.୦୭.୨୦୨୫ / ଟ.୮,୦୦,୦୦୦/- | ୩୧.୧୦.୨୦୨୫ ସୁଦ୍ଧା ଟ.୮,୦୦,୯୪୩/- + ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଦେୟ | ଶ୍ରୀମତୀ ସନ୍ଧ୍ୟାରାଣୀ ବେହେରା, ସ୍ୱାମୀ: ଶ୍ରୀ ନିଶିକାନ୍ତ ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୭୯/୪୦୨, ପ୍ଲଟ୍ ନଂ.; ୨୪୯/୧୩୮୯, ମୌଜା: ରାଉରକେଲା ଟାଉନ୍ ୟୁନିଟ୍ ନଂ.: ୪୮ (ବଡ ସୁନାପର୍ବତ), ତହସିଲ: ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ଓଡିଶା, କ୍ଷେତ୍ର: ଏକର୦.୦୪୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୪୯/୧୦୬୩, ପଶ୍ଚିମ: ପ୍ଲଟ୍ ନଂ.: ୨୪୯/୧୦୬୩, ଉତ୍ତର: ପ୍ଲଟ୍ ନଂ.: ୨୪୯/୧୦୬୩, ଦକ୍ଷିଣ: ପ୍ଲଟ୍ ନଂ.: ୨୪୯/୧୦୬୩ |
| ଝାରସୁଗୁଡା ଶାଖା (୧୪୦୩୨୦) / ଋଣଗ୍ରହୀତା: ଶ୍ରୀ ମୀନକେତନ ନାୟକ (ବନ୍ଧକଦାତା), ପିତା: ସାରଙ୍ଗଧର ନାୟକ, ସା: କକ୍ସ କଲୋନୀ, ବେହେରାମାଳ, ପୋ: ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ କଲୋନୀ, ଜିଲ୍ଲା: ଝାରସୁଗୁଡା, ପିନ୍-୭୬୮୨୦୩ | ୨୦.୦୮.୨୦୨୫ / ଟ.୫୧,୨୦,୦୦୦/- | ୩୧.୧୦.୨୦୨୫ ସୁଦ୍ଧା ଟ.୨୩,୪୮,୮୩୧.୨୩ + ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ଦେୟ | ଶ୍ରୀ ମୀନକେତନ ନାୟକ, ପିତା: ସାରଙ୍ଗଧର ନାୟକଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୨୪୭/୭୪୩୧, ପ୍ଲଟ୍ ନଂ.: ୬୧୩/୯୨୮୦, କ୍ଷେତ୍ର: ଏକର୦.୦୬୪ ଡିସିମିଲି, ମୌଜା: ଝାରସୁଗୁଡା ୟୁନିଟ୍ ନଂ.: ୨, ବାଲିଯୋରି, ତହସିଲ/ଜିଲ୍ଲା: ଝାରସୁଗୁଡା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୬୦୩, ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୬୧୩ (ଅଂଶ) |

ସ୍ଥାନ : ସମ୍ବଲପୁର, ତାରିଖ : ୦୩.୧୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

# ଉପନିର୍ବାଚନ ପାଇଁ ଅଟକିଛି ଧାନ ସଂଗ୍ରହ କମିଟି ପ୍ରସ୍ତୁତି ବୈଠକ



ରାସ୍ତାରେ ଚାଷୀ ଧାନ ଶୁଖାଉଛନ୍ତି।

ବରଗଡ଼, ୩।୧୧ (ପ୍ରେମାନନ୍ଦ ଖମାରୀ/ ଯୁଧିଷ୍ଠିର ମହାପାତ୍ର)

- ମଣ୍ଡି ଖୋଲିନି, ରାସ୍ତା ଉପରେ ଧାନ
- ବଢ଼ୁଛି ଧାନ ଅଭାବୀ ବିକ୍ରି ଆଶଙ୍କା

ବରଗଡ଼ ଜିଲା ରାଜ୍ୟର ଭାତହାଣ୍ଡି। ଏହି ଜିଲାରେ ରାଜ୍ୟରୁ ଅଧିକ ଧାନ ଉତ୍ପାଦନ ପାଇଁ ବରଗଡ଼ ଏପରି ଆଖ୍ୟା ପାଇଛି । ହେଲେ ଜିଲାର ଚାଷ ଏବଂ ଚାଷୀଙ୍କ ସମସ୍ୟା ଏବେ ମଧ୍ୟ ଅସମାହିତ ରହିଛି । ବର୍ତ୍ତମାନ ଜିଲାରେ ଖରିଫ ଧାନ ଅମଳରୁ ଏହା ଆପେ ବାରି ହୋଇପଡୁଛି। ଚାଷୀମାନେ ଧାନ ଅମଳ ଆରମ୍ଭ କଲେଣି। କଟା ଧାନ କ୍ଷେତରେ ପଡ଼ିଥିବା ବେଳେ ଅମଳ ଧାନ ଖଳାରେ ପଡ଼ିଛି। ଏଥିରୁ ଗ୍ରାମାଞ୍ଚଳ ରାସ୍ତା ଘାଟଠାରୁ ଜାତୀୟ ରାଜପଥ ବି ବାଦ୍ ପଡ଼ିନାହିଁ। ବରଗଡ଼-ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥରୁ ଏହା ପରିଲକ୍ଷିତ ହୋଇଛି। ଏହି ରାଜପଥର କଳାପାଣି, ଅତାବିରା, ସରଣ୍ଡା ଆଦି ସ୍ଥାନରେ ଚାଷୀମାନେ ଅମଳ ଧାନ ଶୁଖାଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଏ ପର୍ଯ୍ୟନ୍ତ ଜିଲାର ମଣ୍ଡିଗୁଡ଼ିକ ଖୋଲିବା ତ ଦୂରର କଥା ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ମଧ୍ୟ ବସିପାରି ନାହିଁ। ଏହାକୁ ନେଇ ଜିଲାରେ ବର୍ତ୍ତମାନ ନାନା ଚର୍ଚ୍ଚା ଚାଲିଛି। ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ ବିଳମ୍ବ ହୋଇଥିବା କେତେକେ କହୁଥିବା ବେଳେ ଜିଲାର ଅନେକ ଚାଷୀ ଧାନ ବିକ୍ରି ପଞ୍ଜୀକରଣରୁ ବାଦ ପଡ଼ିଥିବାରୁ ପ୍ରସ୍ତୁତି ବୈଠକ ବିଳମ୍ବ ହେଉଥିବା କିଛି ଲୋକ କହୁଛନ୍ତି। କିନ୍ତୁ ବିଗତ ବର୍ଷଗୁଡ଼ିକର ଧାନ ସଂଗ୍ରହ ପ୍ରକ୍ରିୟାକୁ ଏବଂ ସାମ୍ପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କଲେ ନୂଆପଡ଼ା ଉପନିର୍ବାଚନ ପାଇଁ ଖରିଫ ଧାନ ସଂଗ୍ରହ ବୈଠକ ଅଟକି ଯାଇଛି ବୋଲି ସାଧାରଣରେ ଆଲୋଚନା ହୋଉଛି।

ସରକାରଙ୍କ ବିଗତ ଗାଇଡ୍‌ଲାଇନ ଅନୁଯାୟୀ ରାଜ୍ୟରେ ନଭେମ୍ବର ମାସ ପହିଲାରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଏହି କ୍ରମରେ ରାଜ୍ୟର ଜିଲାଗୁଡ଼ିକରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅକ୍ଟୋବର ମାସ ଶେଷ ସୁଦ୍ଧା ଜିଲାସ୍ତରୀୟ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକ ବସିଥାଏ। ବୈଠକରେ ଜିଲାର ସମସ୍ତ ଜନପ୍ରତିନିଧି ତଥା ଏମ୍‌ପି, ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ, ସମ୍ପାଦକ, ପ୍ରାଥମିକ କୃଷି ସମବାୟ ସମିତି ଅଧିକାରୀ, ମିଲର୍ସ ଓ ଚାଷୀ ପ୍ରତିନିଧି ଉପସ୍ଥିତ ରହିଥାନ୍ତି। ବୈଠକରେ ଧାନ ସଂଗ୍ରହ ପାଇଁ ନୀତି ନିର୍ଦ୍ଧାରଣ କରାଯାଇଥାଏ। କିନ୍ତୁ ଏବେ ନୂଆପଡ଼ା ଉପନିର୍ବାଚନ ପ୍ରଚାର ଜୋରଦାର ଚାଲିଛି । ଜିଲାର ଏମ୍‌ପି ଏବଂ ବିଧାୟକ ନିଜ ନିଜ ସମର୍ଥିତ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ନୂଆପଡାରେ ଡେରା ପକାଇଛନ୍ତି। ଆସନ୍ତା ୯ ତାରିଖ ସନ୍ଧ୍ୟାରେ ସେଠାରେ ପ୍ରାର୍ଥୀଙ୍କ ପ୍ରଚାର ସରିବ। ଏହି ଦୃଷ୍ଟିରୁ ଏବେ ଧାନ ସଂଗ୍ରହ କମିଟି ବୈଠକ ଡକାଗଲେ ବୈଠକରେ ଏମ୍‌ପି ଓ ବିଧାୟକମାନଙ୍କ ଉପସ୍ଥିତି ସମ୍ଭବ ନୁହେଁ। ଏଭଳି ସ୍ଥିତିରେ ଉପ ନିର୍ବାଚନକୁ ଗୁରୁତ୍ୱ ଦିଆଯାଇ ଧାନ ସଂଗ୍ରହ କମିଟି ବୈଠକକୁ ଜାଣି ଶୁଣି ବିଳମ୍ବିତ କରାଯାଉଛି ବୋଲି ସବୁଠି ଚର୍ଚ୍ଚା ଚାଲିଛି।

## ଏମାନେ ଯାହା କୁହନ୍ତି...

### ଏମ୍‌ପି ଏମ୍‌ଏଲ୍‌ଏଙ୍କ ଦେଖା ନାହିଁ



"ଚାଷୀ ଧାନ ଅମଳ ଆରମ୍ଭ କଲେଣି। କ୍ଷେତ ଖଳା ସହ ରାସ୍ତାରେ ଚାଷୀମାନେ ଅମଳ ଧାନ ଗଦା କରୁଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଧାନ ସଂଗ୍ରହ କମିଟି ବୈଠକ ନ ବସିବା ଦୁର୍ଭାଗ୍ୟ ଜନକ। ଏମ୍‌ପି, ବିଧାୟକଙ୍କୁ ଖୋଜୁଛୁ। କିନ୍ତୁ ତାଙ୍କ ଦେଖା ମିଳୁନି। ଶୁଣିବାକୁ ପାଉଛୁଁ ସେମାନେ ନୂଆପଡା ଉପନିର୍ବାଚନରେ ବ୍ୟସ୍ତ ଅଛନ୍ତି।

–ଟିକେଲାଲ ମିଶ୍ର, ଚାଷୀ ନେତା, ଅତାବିରା

### ଚାଷୀ ପଞ୍ଜୀକରଣରୁ ବାଦ୍, ତେଜୁଛି ଆନ୍ଦୋଳନ



"ଭାଜପା ଶାସନକୁ ଆସିବା ପୂର୍ବରୁ ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ଲେଖାଏ ଦେବାକୁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଏବେ କମ ଚାଷୀ ଯେଭଳି ତାହା ପାଇବେ ସେଥିପାଇଁ ଯୋଜନା କରୁଛି। ଧାନ ବିକ୍ରି ପଞ୍ଜୀକରଣ ନୀତିରୁ ଏହା ସଷ୍ଟ ହୋଇଛି। ଜିଲାର ହଜାର ହଜାର ଚାଷୀ ଏବେ ପଞ୍ଜୀକରଣରୁ ବାଦ୍ ପଡିଛନ୍ତି । ସେଥିପାଇଁ ଚାଷୀ ଆନ୍ଦୋଳନ ତେଜି ଉଠିଛି।

–ସୁରେଶ ନେକାଣ୍ଡି, ଚାଷୀ ନେତା, କଳାପାଣି

### ବିଡମ୍ବନାର ବିଷୟ



"ସରକାର କହୁଛନ୍ତି ନଭେମ୍ବର ମାସ ୧ ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୁଏ। କିନ୍ତୁ ବରଗଡ଼ରେ ଏ ପର୍ଯ୍ୟନ୍ତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବସି ନାହିଁ। ଏହା ବିଡମ୍ବନାର ବିଷୟ। ପ୍ରସ୍ତୁତି ବୈଠକ ବିଳମ୍ବ ହେଲେ ଧାନ କିଣାବିକା ପ୍ରକ୍ରିୟା ମଧ୍ୟ ବିଳମ୍ବ ହେବ। ଏଭଳି ହେଲେ ଚାଷୀ ମାନେ ସରକାରଙ୍କ ନିର୍ଦ୍ଧାରିତ ସର୍ବ ନିମ୍ନ ସହାୟକ ମୂଲ୍ୟ ୩୧୬୯ ଟଙ୍କା ପାଇବାରୁ ବଞ୍ଚିତ ହେବେ। ଧାନ କୁଇଣ୍ଟାଲ ପ୍ରତି ୧୫ ଶହରୁ ୧୬ ଶହ ଟଙ୍କାରେ ବିକ୍ରି କରିବାକୁ ଚାଷୀ ବାଧ୍ୟ ହେବେ।

–ବୀରେନ୍ଦ୍ର କର, ସଭାପତି, ଓଡ଼ିଶା ରାଜ୍ୟ କୃଷକ ସଂଗଠନ, ଅତାବିରା

### ବୈଠକ ନ ଡାକିବା ଦୁର୍ଭାଗ୍ୟଜନକ



"ଖରିଫ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକ ପ୍ରଶାସନ ଏ ପର୍ଯ୍ୟନ୍ତ ନ ଡାକିବା ଅତି ଦୁର୍ଭାଗ୍ୟଜନକ। ଗତ କିଛିଦିନ ତଳେ ବାତ୍ୟା ମୋନ୍ଥାର ପ୍ରଭାବରେ ଜିଲାରେ ଚାଷୀଙ୍କ ଫସଲ କ୍ଷୟକ୍ଷତି ହୋଇଛି । ପ୍ରଶାସନ କ୍ଷୟକ୍ଷତି ଆକଳନ କରିପାରୁନାହିଁ। ସେହିପରି ଜିଲାର ଅନେକ ଚାଷୀ ଏବେ ମଧ୍ୟ ଧାନ ବିକ୍ରି ପଞ୍ଜୀକରଣରୁ ବଞ୍ଚିତ ଅଛନ୍ତି। ଏହା ସହିତ ବର୍ତ୍ତମାନ ନୂଆପଡା ଉପ ନିର୍ବାଚନ ପ୍ରଚାରରେ ଜିଲାର ବିଧାୟକ, ସାଂସଦ ବ୍ୟସ୍ତ ଅଛନ୍ତି। ଏହି ସବୁ କାରଣରୁ ଧାନ ସଂଗ୍ରହ କମିଟି ବୈଠକ ହୋଇପାରୁ ନ ଥିବା ଅନୁମାନ କରାଯାଉଛି।

–ରମେଶ ମହାପାତ୍ର, ଚାଷୀ ନେତା ତଥା ଉପଦେଷ୍ଟା, ସଂଯୁକ୍ତ କୃଷକ ସଂଗଠନ, ବରଗଡ଼

# ବରପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୨ କର୍ମଚାରୀ ଗିରଫ

ବରପାଲି,୩।୧୧ (ଚିତ୍ତରଞ୍ଜନ ସାହୁ)

**ୟୁପିଆଇରେ ଲାଞ୍ଚ ନେଉଥିଲେ**

ଲାଞ୍ଚ ନେବା ଅଭିଯୋଗରେ ବରଗଡ଼ ଜିଲା ବରପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି)ର ୨ଜଣ କର୍ମଚାରୀଙ୍କୁ ସୋମବାର ଗିରଫ କରାଯାଇଛି। ୟୁପିଆଇରେ ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ସେମାନେ ଧରାପଡ଼ିଛନ୍ତି। ଅଭିଯୁକ୍ତମାନେ ହେଲେ ସିଏଚ୍‌ସିର ହିସାବରକ୍ଷକ ଶେଖର ଚନ୍ଦ୍ର ସାହୁ ଏବଂ ପିଅନ ତମନ୍ନା ସାହୁ। ଏ ନେଇ ସମ୍ବଲପୁର ଭିଜିଲାନ୍ସ (ନଂ. ୨୨/୨୫)ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କ ବିରୋଧରେ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ବରପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ଇନ୍‌କ୍ରିମେଣ୍ଟ ଏବଂ ମୋଡିଫାଏଡ ଆସ୍ୟୁଅର୍ଡ କ୍ୟାରିୟର ପ୍ରୋଗ୍ରେସନ (ଏମ୍‌ଏସିପି) ମଞ୍ଜୁର ପାଇଁ ତାଙ୍କ ବକେୟା ଦରମା କାଢିବା ଲାଗି ସେ ଶେଖର ଚନ୍ଦ୍ର ସାହୁ ଓ ତମନ୍ନାଙ୍କୁ କହିଥିଲେ। କିନ୍ତୁ ଅଭିଯୁକ୍ତମାନେ ଏହି କାମ କରିବା ପାଇଁ ୭ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଫଳରେ ଅଭିଯୋଗକାରୀ ବାଧ୍ୟ ହୋଇ ସମ୍ବଲପୁର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ସୋମବାର ଅଭିଯୋଗକାରୀ ତାଙ୍କ ଫୋନ ପେ ମାଧ୍ୟମରେ ଉକ୍ତ ଟଙ୍କା ଶେଖର ଚନ୍ଦ୍ରଙ୍କ ଆକାଉଣ୍ଟକୁ ପଠାଇବା ବେଳେ ତାହା କୌଣସି କାରଣବଶତଃ ନ ଯିବାରୁ ବିଭାଗରେ କାର୍ଯ୍ୟରତ ମହିଳା କର୍ମଚାରୀ ତମନ୍ନାଙ୍କ ଆକାଉଣ୍ଟକୁ ପଠାଇବା ବେଳେ ଭିଜିଲାନ୍ସ ଉଭୟଙ୍କୁ ଧରିଥିଲା। ପ୍ରକାଶଯୋଗ୍ୟ, ଉକ୍ତ କର୍ମଚାରୀଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଏପରି ବହୁ ଅଭିଯୋଗ ରହିଛି।

# ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ



ଅତାବିରାରେ ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଚାଲିଛି।

ଅତାବିରା, ୩।୧୧ (ଯୁଧିଷ୍ଠିର ମହାପାତ୍ର)

ଅତାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ, ଅତାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିପୁନାଥ ସୁନା ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ସମସ୍ୟା ସମ୍ପର୍କିତ ମୋଟ ୭୦ଟି ଅଭିଯୋଗର ଶୁଣାଣି ହୋଇଥିଲା। ସମସ୍ତ ସମସ୍ୟାର ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୋର୍ଣ୍ଣାସ୍ଥିତ ସ୍ୱପ୍ନେଶର ବାବା ଅଷ୍ଟଶମ୍ଭୁ ଶୈବପୀଠକୁ ଗ୍ରାମ ମଧ୍ୟ ଦେଇ ଯାଇଥିବା ରାସ୍ତାରୁ ଜବରଦଖଲ ହଟାଇବାକୁ ମନ୍ଦିର କମିଟି ପକ୍ଷରୁ ଜିଲାପାଳଙ୍କୁ ସ୍ମାରକ ଦିଆଯାଇଥିଲା ।

# ଏକତା ପଦଯାତ୍ରା ଆୟୋଜନ ପ୍ରସ୍ତୁତି ବୈଠକ

ପଦ୍ମପୁର,୩।୧୧ (ପ୍ରଦୀପ୍ତ ଦାଶ)

ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଆସନ୍ତା ୨୧ ତାରିଖରେ ଆୟୋଜିତ ହେବାକୁ ଥିବା ଏକତା ପଦଯାତ୍ରାର ଭବ୍ୟ ଆୟୋଜନ ପାଇଁ ଉପ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଯୋଗ ଦେଇ ଏକତା ପଦଯାତ୍ରାରେ ସମସ୍ତ ଅଧିକାରୀଙ୍କୁ ସକ୍ରିୟ ଭାବେ ଅଂଶଗ୍ରହଣ କରି ଏହି କାର୍ଯ୍ୟକ୍ରମକୁ ଭବ୍ୟ ଆୟୋଜନ କରିବାକୁ ଆହ୍ୱାନ କରି କହିଥିଲେ ଯେ, ଏହି ପଦଯାତ୍ରାରେ ସ୍ୱାଧୀନତା ସଂଗ୍ରାମୀ, ପୂର୍ବ ସେନା କର୍ମଚାରୀ, ବିଭିନ୍ନ ସଙ୍ଗଠନ, ସଂସ୍କୃତିକ ଦଳ, ଏନ୍‌ଜିଓ ଓ ସରକାରୀ ସଂସ୍ଥାଗୁଡ଼ିକ ସହ ଭାଗିତା ସୁନିଶ୍ଚିତ କରିବା ପାଇଁ କହିଥିଲେ। ଏହାପରେ ଉପଜିଲାପାଳ ସ୍ନେହା ଅରଗୁଲ ସମସ୍ତ ବିଭାଗୀୟ ଅଧିକାରୀକୁ ମାର୍ଗଦର୍ଶିକା ଅନୁସାରେ ନିର୍ଦ୍ଧାରିତ ସମୟରେ ନିଜ ନିଜର ସମସ୍ତ ପ୍ରସ୍ତୁତି ସମାପ୍ତ କରିବା ଓ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଓ ଉପଜିଲାପାଳ ସୂଚନା ଦେଉଛନ୍ତି।

# ଗଜା ଧାନ ଧରି ଏମ୍‌ପି, ଉପଜିଲାପାଳଙ୍କ ଦ୍ୱାରସ୍ଥ ଚାଷୀ

- ଅଦିନିଆ ବର୍ଷାରେ ଫସଲ ନଷ୍ଟ
- କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବି

ପଦ୍ମପୁର, ୩।୧୧ (ପ୍ରଦୀପ୍ତ ଦାଶ)

ମୋନ୍ଥା ବାତ୍ୟା ଓ ଅଦିନିଆ ବର୍ଷାରେ ପଦ୍ମପୁର ଉପଖଣ୍ଡରେ ଅମଳ ହୋଇଥିବା ଧାନ ନଷ୍ଟ ହୋଇ ଗଜା ହୋଇଯାଇଛି। ଏ ସମ୍ପର୍କରେ ସରକାର କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ମାତ୍ର ଏ ପର୍ଯ୍ୟନ୍ତ ପଦ୍ମପୁର ଅଞ୍ଚଳରେ କୃଷି ବିଭାଗ କିମ୍ବା ରାଜସ୍ୱ ବିଭାଗ ତରଫରୁ ଅନୁଧ୍ୟାନ କରାଯାଇ ନଥିବା ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ଅଭିଯୋଗ କରିବା ସହିତ ସୋମବାର ପଦ୍ମପୁର ଉପଜିଲାପାଳ ସ୍ନେହା ଅରଗୁଲ ଓ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ଅଭିଯୋଗ କରିଛନ୍ତି। ବାତ୍ୟା ଓ ଅଦିନିଆ ବର୍ଷାରେ ଅମଳ ହୋଇଥିବା ଧାନର ସର୍ଭେକ୍ଷଣ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ଯୋଗାଇଦେବାକୁ ସେମାନେ ଦାବି କରିଥିଲେ। ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ତରଫରୁ ରମେଶ ମହାପାତ୍ର, ଆଇନପରାମର୍ଶ ଦାତା ଅଜିତ ଶତପଥୀ, ଲିଙ୍ଗରାଜ ପଧାନ, ରୋହିତ ପଧାନଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



କୃଷକ ସଙ୍ଗଠନ ତରଫରୁ ଉପଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ।

# ବାଇକ୍- ପିକ୍‌ଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା: ୨ ଗୁରୁତର

ହରଭଙ୍ଗା,୩।୧୧ (ନରେନ୍ଦ୍ର କୁମାର ସାହୁ)

**ମେଡିକାଲ ନେଲେ ଏସ୍‌ପି**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଧୀନ ଜଗନ୍ନାଥ ସଡ଼କର ମଙ୍ଗଳପୁର ଛକରେ ସୋମବାର ସନ୍ଧ୍ୟାରେ ଏକ ବାଇକ୍ ଓ ପିକ୍‌ଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ବାଇକ୍ ଆରୋହୀ ଗୁରୁତ୍ୱର ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ ହାଟଗାଁର ପପୁନ ଭୋକ୍ତା ଓ ରଞ୍ଜିତ ଭୋକ୍ତା। ସୂଚନା ଅନୁଯାୟୀ, ପପୁନ ଓ ରଞ୍ଜିତ୍ ବାଇକ୍‌ରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ୍ ଭ୍ୟାନ୍ ସହ ଧକ୍କା ହୋଇଥିଲା। ଏଥିରେ ପପୁନଙ୍କ ଗୋଟିଏ ଗୋଡ ଛିଣ୍ଡି ପଡିଥିବାବେଳେ ରଞ୍ଜିତ ଗୁରୁତର ହୋଇଛନ୍ତି। ଏହି ସମୟରେ ବୌଦ୍ଧ ଜିଲାପାଳ ବିଭୁତି ଭୂଷଣ ନାୟକ ଏବଂ ଏସ୍‌ପି ରାହୁଲ ଗୋଏଲ ଧଳପୁର ପଟୁ ଜଗନ୍ନାଥ ସଡକରେ ବୌଦ୍ଧ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିବା ଦେଖିବାକୁ ପାଇଥିଲେ। ଗୁରୁତର ଦ୍ୱୟଙ୍କୁ ଏସ୍‌ପି ତାଙ୍କ ଗାଡିରେ ଆଣି ବୌଦ୍ଧ ମେଡିକାଲରେ ଭର୍ତ୍ତି କରିଥିଲେ। ଏଥିସହ ଏସ୍‌ପି ଏନେଇ ବୌଦ୍ଧ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପପୁନଙ୍କ ଛିଣ୍ଡା ଗୋଡକୁ ଧରି ଡାକ୍ତରଖାନା ନେଇଥିଲେ। ଏଥିସହ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟି ଜବତ କରି ଥାନାକୁ ନେଇଛି। ଦୁର୍ଘଟଣା ପରେ ପିକ୍‌ଅପ୍ ଭ୍ୟାନ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି।

# ମା' ଭୈରବୀ ମନ୍ଦିରର ରତ୍ନମୁଦ ଉତ୍ସବ ପାଇଁ କଳସ ଶୋଭାଯାତ୍ରା

ହରଭଙ୍ଗା,୩।୧୧ (ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତିଳେଶ୍ୱର ପଞ୍ଚାୟତର ତାକୁଡ ଗ୍ରାମରେ ଥିବା ମା' ଭୈରବୀ ମନ୍ଦିରର ରତ୍ନମୁଦ ଉତ୍ସବ ଅବସରରେ ସୋମବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମହିଳାମାନେ କଳସ ଶୋଭାଯାତ୍ରାରେ ଯିବା ସମୟରେ ସଂଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି ମନ୍ଦିର ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନିର୍ମାଣ କରାଯାଇଛି। ମଙ୍ଗଳବାର ମା'ଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହେବ ।

# କୃଷକ ସଚେତନତା ସମାବେଶ ସଫଳ ପ୍ରସ୍ତୁତି ବୈଠକ

ପଦ୍ମପୁର,୩।୧୧ (ପ୍ରଦୀପ୍ତ ଦାଶ): ଗୋରୁବଜାର ପଦ୍ମପୁରଠାରେ ସଭାପତି ବାଞ୍ଛାନିଧି ନାୟକଙ୍କ ନେତୃତ୍ୱରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ତରଫରୁ ଆସନ୍ତା ୮ ନଭେମ୍ବର ହେବାକୁ ଥିବା ବିରାଟ କୃଷକ ସଚେତନତା ସମାବେଶକୁ ସଫଳ କରିବା ପାଇଁ ସୋମବାର ବୈଠକ ବସିଥିଲା। ଚଳିତ ବର୍ଷ ମୋନ୍ଥା ପ୍ରଭାବରେ ଫସଲ ନଷ୍ଟ, ଧାନ ବିକ୍ରି ପଞ୍ଜୀକରଣ, ଧାନ ବିକ୍ରି କାର୍ଡ, କଟନି ଛଟଣୀ, ବିଦ୍ୟୁତ୍ ସମସ୍ୟା, ଜଳସେଚନ, ସାର କୀଟନାଶକ, କପା ମଣ୍ଡି ଆଦି ପ୍ରସଙ୍ଗ ସ୍ଥାନ ପାଇବାର ସମ୍ଭାବନା ଅଛି। ଗାଁ ଗାଁରେ ସଭାସମିତି, ପୋଷ୍ଟର ବେନର ସହାୟରେ କୃଷକମାନଙ୍କୁ ସଚେତନ କରାଯିବ ବୋଲି ସଙ୍ଗଠନ ତରଫରୁ କୁହାଯାଇଛି। ବୈଠକରେ ଅଶୋକ ସାହୁ, ବିଜୟୀ ସାହୁ, ନବୀନ ବେହେରା, ଲିଙ୍ଗରାଜ ପଧାନ, କାହ୍ନୁ ମେହେର,ଜଳେଶ୍ୱର ରଣା, ରୁକ୍ମଣ ବରିହା, ଶୁକଦେବ ମେହେର, ସୁବାସ ବରିହା, ନେତ୍ରାନନ୍ଦ ଡନସନା, ପ୍ରକାଶ ଦାସ, ନିରାକାର ପଧାନ, ଅଜୀତ ଶତପଥୀ ଏବଂ ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର ଉପସ୍ଥିତ ଥିଲେ।

# ଚନ୍ଦ୍ରଚୂଡ଼ ମନ୍ଦିରରେ ରୌପ୍ୟ ବାସୁକୀ ନାଗ ପ୍ରତିଷ୍ଠା ଉତ୍ସବ

ବୌଦ୍ଧ,୩।୧୧ (ଅଜିତ କୁମାର ବାରିକ)

ବୌଦ୍ଧ ସହରର ମହାନଦୀ କୂଳରେ ଥିବା ଚନ୍ଦ୍ରଚୂଡ ମନ୍ଦିରରେ ସୋମବାର ରୌପ୍ୟ ବାସୁକୀ ନାଗ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବଗିଚାସାହିର ଭକ୍ତ ରାମକୃଷ୍ଣ ମହାନ୍ତି ମନ୍ଦିରରେ ରୌପ୍ୟ ବାସୁକୀ ନାଗ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ମନ୍ଦିର ପୂଜକଙ୍କ ଅନୁମତିକ୍ରମେ କୋଲକାତାରେ ରୌପ୍ୟ ବାସୁକୀ ନାଗ ପ୍ରତିକୃତି ତିଆରି କରାଯାଇଥିଲା। ସୋମବାର ନୀତିକାନ୍ତି ଅନୁଯାୟୀ ପୂଜାପାଠ ସରିବା ପରେ ତାହାକୁ ପ୍ରତିଷ୍ଠା କରାଯାଇଥିଲା । ଏହି ଉତ୍ସବରେ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। ପୂଜକ ଶାଶାଙ୍କ ଶେଖର ମିଶ୍ର, ରଣଜିତ୍ ହୋତା, ସଞ୍ଜୀବ କୁମାର ପଣ୍ଡା, ମାନସ କୁମାର ମିଶ୍ର, ଶିବ ପ୍ରସାଦ ପାଣିଗ୍ରାହୀ ପୂଜାକାର୍ଯ୍ୟ ତୁଲାଇଥିଲେ। ଶେଷରେ ୧୦୮ ବ୍ରାହ୍ମଣ ଭୋଜନ ସହିତ ସମସ୍ତ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।



ମନ୍ଦିରରେ ପ୍ରତିଷ୍ଠା ପାଇଁ ଆସିଥିବା ରୌପ୍ୟ ବାସୁକୀ ନାଗ।

# ବିଦ୍ୟାଳୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ

ପାଇକମାଳ,୩।୧୧ (ବଡ଼ ଶତପଥୀ)

ପାଇକମାଳ ବ୍ଲକ ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପରମେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ସିଏଚ୍‌ଏସ୍‌ସି ଦ୍ୱାରା ପ୍ରାଓଜିତ ଜୋନ ସ୍ତରୀୟ ଅନ୍ତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରୀୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଓ ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରିଡ଼ା ଶିକ୍ଷକ ସରୋଜ ପଣ୍ଡା ଯୋଗ ଦେଇ ଉଦ୍‌ଘାଟନ କରି ଖେଳ ଆରମ୍ଭ କରିଥିଲେ। ଏହି ପ୍ରତିଯୋଗିତାରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ ବିଜେପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ପଦ୍ମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ମ୍ୟାଚରେ ପଦ୍ମପୁର ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଖଡ଼ିଆଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ମାଣ୍ଡୋସିଲ ବିଜୟୀ ହୋଇଥିଲା। ମାଣ୍ଡୋସିଲ ଓ ପଦ୍ମପୁର ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମାଣ୍ଡୋସିଲ ବିଜୟୀ ହୋଇ ଜିଲା ସ୍ତରୀୟ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଏଥିରେ ସୁଦର୍ଶନ ମହାକୁଡ଼, ହେମ ସାଗର ସାହୁ, ସରୋଜ ପ୍ରଧାନ, ଅଜିତ ପ୍ରଧାନ କ୍ରୀଡ଼ା ଶିକ୍ଷକମାନେ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଜେପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବରେ ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରିଷ୍ଠ ଅଧ୍ୟାପକ ତେଜରାଜ ସାହୁ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ କ୍ରିଡ଼ା ଶିକ୍ଷକ ବୈବସ୍ୱତ ପ୍ରଧାନ, ଦଳ ମୁଖ୍ୟ ପ୍ରେମ କୁମାର ସାହୁ , ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ଛାତ୍ରୀଛାତ୍ରମାନେ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ଜୟଶ୍ରୀ ମେହେର ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଗହଣରେ ଖେଳାଳୀମାନେ।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତରଣକୁ ବିରୋଧ

## ହମିରପୁର ବାସୀଙ୍କ ମହଲରେ ଅସନ୍ତୋଷ

ରାଉରକେଲା,୩।୧୧(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ଼ ଜିଲା ସର୍ବ ପୁରୁଣା ରାଜସ୍ୱ ଗ୍ରାମ ହମିରପୁର ହେଉଛି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ଅଞ୍ଚଳ ରାଉରକେଲା ମ୍ୟୁନିସିପାଲିଟି ଅଧୀନରେ ନା ଗ୍ରାମପଞ୍ଚାୟତ ଅଧୀନରେ ରହିଛି ତାହାକୁ ନେଇ ଦ୍ୱନ୍ଦ୍ୱ ରହିଛି। ଦୀର୍ଘ ଦଶନ୍ଧି ଧରି ଏଠି ସ୍ୱାସ୍ଥ୍ୟ, ରାସ୍ତାଘାଟ, ଶିକ୍ଷା, ଆଲୋକୀକରଣ ଓ ଡ୍ରେନେଜ ଭଳି ବିକାଶମୂଳକ କାର୍ଯ୍ୟ ହୋଇପାରୁନାହିଁ। ଏହି ରାଜସ୍ୱ ଅଞ୍ଚଳ ୨୨ହଜାର ଜନସଂଖ୍ୟା ବିଶିଷ୍ଟ। ଏହି ବିଶାଳ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳକୁ କିଭଳି ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନରେ ସାମିଲ କରାଯାଇ ଏଠି ଏକ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବ ସେଥିପାଇଁ ସରକାରଙ୍କୁ ହମିରପୁରବାସୀ ଅନୁରୋଧ କରିଥିଲେ। ସ୍ଥାନୀୟ ଲୋକଙ୍କ ଅନୁରୋଧ କ୍ରମେ ଇସ୍ପାତ କାରଖାନା କର୍ତ୍ତୃପକ୍ଷ ମାରିଅମ ଛକଠାରେ ୮ଡିସିମିଲ ବିଶିଷ୍ଟ ଜାଗା ମଧ୍ୟ ଯୋଗାଇ ଦେଲେ। ସ୍ୱାସ୍ଥ୍ୟକେନ୍ଦ୍ର କାମ ଆଗେଇ ଚାଲିଥିବା ବେଳେ ୨୦୧୯ରେ ପୂର୍ବତନ ଜମି ମାଲିକଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ନିର୍ମାଣ କାମ ଉପରେ ସ୍ଥଗିତାଦେଶ ଅଣାଗଲା। ତେଣୁ ୨୦୨୨ ଜୁଲାଇରୁ କଣ୍ଟ୍ରାକ୍ଟର କଲୋନିର ଏକ ଭଡାଘରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଥିବା ବେଳେ ୨୦୨୪ ଜାନୁଆରୀରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ସେକ୍ଟର-୧୬ ଜଗନ୍ନାଥପାଲିକୁ ସ୍ଥାନାନ୍ତର ହୋଇଗଲା। ସ୍ୱାସ୍ଥ୍ୟକେନ୍ଦ୍ର ଯେହେତୁ ଏକ ବହୁଳ ଜନସଂଖ୍ୟା ପାଇଁ ଉପଲବ୍ଧ ରହିଥିଲା। ହଠାତ ସ୍ୱାସ୍ଥ୍ୟକେନ୍ଦ୍ର ୬କି.ମି ଦୂର ଉଠିଗଲା ପରେ ବର୍ତ୍ତମାନ ସ୍ଥାନୀୟବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଥାଉକି, ୨୦୨୩ ଡିସେମ୍ବର ପରେ ଘର ମାଲିକଙ୍କ ସହ ଚୁକ୍ତି ସ୍ୱାକ୍ଷର ନ ହେବା ଯୋଗୁ ଏହିଭଳି ହୋଇଥିବା କୁହାଯାଉଥିବା ବେଳେ ଗ୍ରାମରେ ଏନେଇ ଦିନକୁ ଦିନ ଅସନ୍ତୋଷର ବାତାବରଣ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ହମିରପୁର ବିକାଶ ପରିଷଦର ସଭାପତି ଡା. ସୁମନ ଦଣ୍ଡଙ୍କ କହିବା ଅନୁଯାୟୀ, ହମିରପୁର ରାଉରକେଲା ଏନ୍‌ଏସିରେ ଥିବାବେଳେ ୧୯୯୪ରେ ଇଣ୍ଡଷ୍ଟ୍ରିଆଲ ଟାଉନ ଘୋଷଣା ହେବାପରେ ହମିରପୁର ଗ୍ରାମ ଇସ୍ପାତ କାରଖାନା ଅଧୀନକୁ ଆସିଲା। ମାତ୍ର ୧୯୯୮ରେ ଇସ୍ପାତ କାରଖାନା ଅଧୀନରୁ ଗ୍ରାମଟି ବାଦ ପଡିଥିଲା। ସେବେଠାରୁ ଏଠାକାର ଜନସାଧାରଣ ସରକାରୀ ସ୍ୱାସ୍ଥ୍ୟ ସୁବିଧା ସୁଯୋଗରୁ ବଞ୍ଚିତ ରହୁଛନ୍ତି। ଏମିତିରେ କେନ୍ଦ୍ର ସ୍ଥାନାନ୍ତର ହୋଇଯାଇଥିବା ବେଳେ ଆଗକୁ ଏହାର ସ୍ଥାୟୀ ସମାଧାନ ନ ହେଲେ ହମିରପୁରବାସୀ ରାଜରାସ୍ତାକୁ ଓହ୍ଲାଇବା ନିଶ୍ଚିତ ବୋଲି ମତ ପ୍ରକାଶ କରିଛନ୍ତି। ଏନେଇ ରାଉରକେଲା ଉପଜିଲାପାଳ ବିଜୟ କୁମାର ନାୟକଙ୍କୁ ପଚାରିବାରୁ, ଏନେଇ ପୂର୍ବରୁ ହମିରପୁରବାସୀ ଏକ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ହମିରପୁରରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହେବାକୁ ଥିଲା। ମାତ୍ର ପୂର୍ବ ମାଲିକଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଉପରେ ସ୍ଥଗିତାଦେଶ ଲାଗିବାରୁ କେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଗଲା। ଆଗକୁ ଯେଭଳି ସ୍ଥାନୀୟ ଲୋକମାନଙ୍କ ଦାବି ପୂରଣ ହେବ ସେ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେଇ ସରକାରଙ୍କୁ ଅବଗତି କରାଯିବ ବୋଲି କହିଥିଲେ।



ସେକ୍ଟର-୧୬କୁ ସ୍ଥାନାନ୍ତରିତ ହୋଇଥିବା ହମିରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

# ମା'ଜଗଦ୍ଧାତ୍ରୀଙ୍କ ପୂଜା, ମେଳା ସମ୍ପନ୍ନ

**ରାଉରକେଲା,୩।୧୧(ବିପ୍ଳବ ରଞ୍ଜନ ଦାଶ):** ନୂଆଗାଁ ବ୍ଲକ ହାତୀବାରି ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ମା' ଜଗଦ୍ଧାତ୍ରୀଙ୍କ ପୂଜା ଓ ମେଳା ସୋମବାର ସମ୍ପନ୍ନ ହୋଇଯାଇଛି। ହାତୀବାରି ଜୟ ମା' ଜଗଦ୍ଧାତ୍ରୀ ପୂଜା କମିଟି ପକ୍ଷରୁ ଆୟୋଜିତ ହୋଇଥିବା ଏହି ପୂଜା ଅକ୍ଟୋବର ୨୮ରୁ ଆରମ୍ଭ ହୋଇଥିଲା। ୨୮ ତାରିଖ ଦିନ ମା ଜଗଦ୍ଧାତ୍ରୀଙ୍କ ଷଷ୍ଠୀ ପୂଜା, ବିଲ୍ୱାଧୀବାସ, ଜଳାଭିଷେକ ଓ କଳସ ସ୍ଥାପନ କରାଯାଇଥିଲା ବେଳେ ୨୯ରେ ସପ୍ତମୀ ପୂଜା, ୩୦ ତାରିଖ ଦିନ ମହାଷ୍ଟମୀର ସନ୍ଧିପୂଜା, ୩୧ ତାରିଖ ଦିନ ଅଁଳା ନବମୀ ଓ ନବମୀ ପୂଜା, ନଭେମ୍ବର ୧ ତାରିଖ ଶନିବାର ଦିନ ଦଶମୀ ପୂଜା ସହ ଅପରାଜିତା ପୂଜା କରାଯାଇ ଘଟ ବିସର୍ଜନ କରାଯାଇଥିଲା। ସୋମବାର ସମସ୍ତ ପୂଜା କର୍ମ ସମ୍ପନ୍ନ କରା ଯାଇଥିଲା। ଏହି ମେଳାକୁ ହାତୀବାରି ଅଞ୍ଚଳ ସମେତ ନୂଆଗାଁ, ରାନାକାଟା, କନ୍ଦରକେଲା, ବାଂଶଯୋର, ଘୋଗିଆ, ପୁରୁଣାପାଣି, ଭୋଜପୁର, ଜାହାଡି ଟୋଲି, ଗୋଟି ଟାଙ୍ଗର, ପୋଟଗ, ଜାମଦଢା, କୁସୁମ ଟୋଲା, ଓହ୍ଲାଣି ଅଞ୍ଚଳରୁ ଭକ୍ତମାନେ ଦେଖି ଆତ୍ମସନ୍ତୋଷ ଲାଭ କରିଥିବା ଜୟ ମା' ଜଗଦ୍ଧାତ୍ରୀ ପୂଜା କମିଟି ସଭାପତି ସୁନ୍ଦର ବଡାଇକ, ସମ୍ପାଦକ ଅମିତ ବାରିକ ଏବଂ କୋଷାଧ୍ୟକ୍ଷ ସାଗର ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି।

# ବାରଣ ସତ୍ତ୍ୱେ ହଟୁନି ଘରୋଇ ଆମ୍ବୁଲାନ୍ସ



ସରକାରୀ ମେଡିକାଲ ପରିସରରେ ଥିବା ଘରୋଇ ଆମ୍ବୁଲାନ୍ସ।

- ରାଉରକେଲା ସରକାରୀ ହସ୍ପିଟାଲ ସମ୍ମୁଖରେ ରହୁଛି
- ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି ରୋଗୀ ସମ୍ପର୍କୀୟ

ରାଉରକେଲା,୩।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ହସ୍ପିଟାଲ (ଆର୍‌ଜିଏଚ୍) ଉପରେ ରାଉରକେଲା ସମେତ ୪ଟି ବ୍ଲକ ଓ ପଡ଼ୋଶୀ ଝାଡଖଣ୍ଡ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ପ୍ରତିଦିନ ଏଠାକୁ ହଜାର ସଂଖ୍ୟାରେ ରୋଗୀ ଆସିଥାନ୍ତି। ହେଲେ ରୋଗୀଙ୍କୁ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ବେଳେ ରୋଗୀ ସମ୍ପର୍କୀୟ ସରକାରୀ ଆମ୍ବୁଲାନ୍ସ ସେବା ନ ପାଇ ଘରୋଇ ଆମ୍ବୁଲାନ୍ସରେ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଆର୍‌ଜିଏଚ୍ କ୍ୟାମ୍ପସ ପରିସରରେ ଘରୋଇ ଆମ୍ବୁଲାନ୍ସ ଲାଗିଥିବା ଦେଖି ତାହାକୁ ସରକାରୀ ହସ୍ପିଟାଲର ଆମ୍ବୁଲାନ୍ସ ଭାବି ନେଉଛନ୍ତି ରୋଗୀ ସମ୍ପର୍କୀୟ। ଫଳରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପରେ ଆର୍ଥିକ ଯାତନା ସହୁଛନ୍ତି। ସରକାରୀ ହସ୍ପିଟାଲ କ୍ୟାମ୍ପସ ପରିସରରେ କୌଣସି ଘରୋଇ ଆମ୍ବୁଲାନ୍ସ ଲଗାଇବା ନିଷେଧ ଥିବା ବେଳେ ଆରଜିଏଚ୍‌ରେ ଏହାର ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳୁଛି। ଏଦିଗରେ ବିଭାଗୀୟ ପ୍ରଶାସନ ତରଫରୁ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ରୋଗୀ ମହଲରେ ଦାବି ହେଉଛି। ଏନେଇ ଆର୍‌ଜିଏଚ୍ ସୁପରିଣ୍ଟେଣ୍ଡେଣ୍ଟ ପଣ୍ଡିତ ସାହୁଙ୍କୁ ପଚାରିବାରୁ, ସରକାରୀ ହସ୍ପିଟାଲର କ୍ୟାମ୍ପସ ଆଗରେ ଛିଡା ହେଉଥିବା ଘରୋଇ ଆମ୍ବୁଲାନ୍ସଜନିତ ମାମଲା ହାଇକୋର୍ଟ ଯାଏ ପହଞ୍ଚିଛି ଏବଂ ମାମଲା ମଧ୍ୟ ଚାଲିଛି। ଏନେଇ ସୁନ୍ଦରଗଡ ଜିଲାପାଳ ଓ ରାଉରକେଲା ଆରକ୍ଷୀ ଅଧୀକ୍ଷକଙ୍କୁ ବାରମ୍ବାର ଜଣାଯାଇଛି। ଏଥିସହ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚିଠି ମଧ୍ୟ କରାଯାଇଛି। ଆଗାମୀ ସମୟରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହେବ ବୋଲି ସେ କହିଥିଲେ।

# ଛାତ୍ର ଜୀବନରେ ବିଦ୍ୟାଳୟ ହେଉଛି ମନ୍ଦିର ସଦୃଶ

ରାଉରକେଲା,୩।୧୧(ଦିନେଶ ମିଶ୍ର)

ଉଦିତନଗର ସ୍ଥିତ ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୁରଭି କାର୍ଯ୍ୟକ୍ରମ ସୋମବାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସିଗ୍ମା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିପିୟୁଟିର କୁଳପତି ଅମୀୟ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ହେଉଛି ଛାତ୍ର ଜୀବନରେ ମନ୍ଦିର ସଦୃଶ୍ୟ। ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କ ଶାରିରୀକ, ମାନସିକ ଓ ବୌଦ୍ଧିକ ଅଭିବୃଦ୍ଧି ନିମନ୍ତେ ଶିକ୍ଷା ଅପରିହାର୍ଯ୍ୟ ବୋଲି ମୁଖ୍ୟ ଅତିଥି ରଥ ତାଙ୍କ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ଉପସ୍ଥିତ ଥିଲେ। ବିଶ୍ରା ବ୍ଲକ ଶିକ୍ଷା ଅଧିକାରୀ ସୁପ୍ରଭାତ ବେହେରା, ସେକ୍ଟର-୬ ହାଇସ୍କୁଲର ପ୍ରଧାନ ଶିକ୍ଷକ ସହଦେବ ମହାକୁଡ, ବିଶ୍ରା ଏବିଇଓ ସତ୍ୟଭାମା ବେହେରା ମଞ୍ଚାସୀନ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରଥ ରାଉରକେଲା ମହାନଗର ନିଗମର ୭ଟି କ୍ଲଷ୍ଟକୁ ନେଇ ପିଲାମାନଙ୍କ ଦ୍ୱାରା ତିଆରି ହୋଇଥିବା ଶିଳ୍ପମେଳାକୁ ଉଦ୍‌ଘାଟନ କରିବା ସହ ବୁଲି ଦେଖିଥିଲେ। ଏହି ମେଳାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ଚିତ୍ରାଙ୍କନ, ତର୍କ ପ୍ରତିଯୋଗିତା, ସଙ୍ଗୀତ ଭଳି ଏକାଧିକ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ପିଲା ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବେ ବିଭିନ୍ନ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଓ ଅଧ୍ୟାପକ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଶିକ୍ଷକ ଶ୍ୟାମପଦ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ସୁଭରି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଉପରେ ମତ ପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସଭାର ଦ୍ୱିତୀୟ ପର୍ଯ୍ୟାୟରେ ଆରଏମ୍‌ସିର ଉପଆୟୁକ୍ତ ପଲ୍ଲବୀ ନାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ତଥା ମୁଖ୍ୟବକ୍ତା ଭାବେ ଡେପୁଟି କଲେକ୍ଟର ପାନପୋଷ ନିବେଦିତା ପ୍ରଧାନ ଯୋଗ ଦେଇଥିଲେ। ସେକ୍ଟର-୨୦ ପ୍ରଧାନ ଶିକ୍ଷୟିତ୍ରୀ ମାଧୁରୀ କେରକେଟ୍ଟା, ଫକୀର ମୋହନ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ପଟେଲ, ସୁବାସୀ ଟୋପ୍ପୋ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅଶୋକ କୁମାର ସାହୁ ଓ ଶିକ୍ଷୟିତ୍ରୀ ନିରୁପମା ପତି ମଞ୍ଚ ପରିଚାଳନା କରିଥିଲେ। ଏହି ପର୍ଯ୍ୟାୟରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଉତ୍କଳମଣି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଇଭେଣ୍ଟ କୋଅର୍ଡିନେଟର ମନୋଜ କୁମାର ଆଚାର୍ଯ୍ୟ, ଦୀପ୍ତିମୟୀ ପରିଡା, ଅଲତାବ ସାକୀଲ ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି ଅତିଥି।

# କିଟ, କିସ ଦଳଗତ ଚାମ୍ପିୟନ



## ୪୨ତମ ରାଜ୍ୟ ସାଇକେଲିଂ ଚାମ୍ପିୟନଶିପ ଉଦ୍‌ଯାପିତ

ସୁନ୍ଦରଗଡ,୩।୧୧(ଜୟ ନାରାୟଣ ମେଣ୍ଡୁଲି)

ଓଡିଶା ସାଇକେଲିଂ ସଂଘ ଓ ସୁନ୍ଦରଗଡ ଜିଲା କ୍ରିଡା ସଂସଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଭବାନୀପୁର ସ୍ପୋର୍ସ କମ୍ପ୍ଲେକ୍ସଠାରେ ଚାଲିଥିବା ୪୨ତମ ରାଜ୍ୟ ସାଇକେଲିଂ ଚାମ୍ପିୟନଶିପ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଦଳଗତ ଚାମ୍ପିୟନ କିଟ ଓ କିସ ହୋଇଥିବା ହୋଇଥିବା ବେଳେ ଭଦ୍ରକ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ମିଳିତ ଭାବେ ଦଳଗତ ରନର୍ସ ଅପ ହୋଇଛନ୍ତି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବରେ ଜିଲା କ୍ରିଡା ଅଧିକାରୀ ତେଜ କୁମାର ଖେସ ଏବଂ ରାଜ୍ୟ ବିଦ୍ୟାଳୟ ଶାରୀରିକ ଶିକ୍ଷା ଉପ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା, ରାଜ୍ୟ କୋଚ ଶିବ ପ୍ରସାଦ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦାନ କରି କୃତୀ ଖେଳାଳିଙ୍କୁ ମେଡାଲ ପୁରସ୍କୃତ କରିଥିଲେ। ଦ୍ୱିତୀୟ ଦିବସରେ ୟୁଥ ଗାର୍ଲ ରେସରେ ଭଦ୍ରକର ସସ୍ମିତା ପଣ୍ଡା ତଥା ୟୁଥ ବଏଜରେ ଭଦ୍ରକର ହର୍ଷିତ ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସବ-ଜୁନିୟର ଗାର୍ଲରେ ରାଉରକେଲାର ଅଞ୍ଚଳ ସାହୁ ତଥା ସବ୍‌ଜୁନିୟର ବଏଜରେ କିଟ ଓ କିସର ଅଶୋକ କୁମାର ହେମ୍ବ୍ରମ ପ୍ରଥମ ସ୍ଥାନ ଅଧିକାର କରି ଗୋଲ୍ଡ ପାଇଥିଲେ। ଜୁନିୟର ମହିଳା ଗ୍ରୁପରେ ଭୁବନେଶ୍ୱରର ମନିଷା ସାହୁ ତଥା ଜୁନିୟର ପୁରୁଷ ଗ୍ରୁପରେ ଭୁବନେଶ୍ୱର ରାୟଗୁରୁ ସୂର୍ଯ୍ୟାନଂଶ ମହାପାତ୍ର ପ୍ରଥମ ସ୍ଥାନ ଅଧିକାର ଗୋଲ୍ଡ ମେଡାଲ ହାସଲ କରିଥିଲେ। ମହିଳା ଏଲାଇଟରେ କିଟ ଓ କିସର ମଧୁସ୍ମିତା ବଡେକ ଓ ପୁରୁଷ ଏଲାଇଟରେ ଯାଜପୁରର ସଞ୍ଜୟ ଜେନା ପ୍ରଥମ ସ୍ଥାନ ଅଧିକାର କରି ଗୋଲ୍ଡମେଡାଲ ହାସଲ କରିଛନ୍ତି। ଓଡ଼ିଶାର ପୂର୍ବତନ ଗୋଲ୍ଡ ମେଡାଲିଷ୍ଟ ଆରତୀ ପତି, ସୁବାସ ଦାସ, ଏସଆର ସିଂହ, ସ୍ୱର୍ଗତ ଏଲ ଡି ଷଡଙ୍ଗୀ ଓ ପ୍ରଦୀପ କୌରଙ୍କୁ ଜୀବନ ବ୍ୟାପୀ ସାଧନା ପାଇଁସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ସମାରୋହରେ ଓଡିଶା ସାଇକେଲିଂ ଆସୋସିଏଶନର ସଭାପତି ମିନତୀ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ପ୍ରଶାନ୍ତ କୁମାର ରାଉତଙ୍କୁ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଜିଲା କ୍ରିଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ ମଞ୍ଚ ପରିଚାଳନା କରିଥିଲେ। ଜିଲା କ୍ରିଡା ସଂସଦର ଉପସଭାପତି ମେରୀଜନ ବାଗେ, ଜୟଦେବ ପାତ୍ର, ରାଜେନ୍ଦ୍ର ପାଣ୍ଡେ, ଶିଶିର ପଟେଲ, ସୁଶୀଲ ପଟେଲ,ରୋମାଞ୍ଚ ଭୈଷାଲ, ନିତ୍ୟକୁମାର ବଳ, ପ୍ରସନ୍ନ ଠାକୁର, ରାଜା ପଟ୍ଟନାୟକ, ପ୍ରସାଦ ନାଏକ, ଗୋପୀନାଥ ପଣ୍ଡା, ଅଜୟ ବହିଦାର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଚାମ୍ପିୟନଶିପ ଆୟୋଜିତ ହୋଇଥିଲା।

# ଡିୱାଇଏଫ୍‌ଆଇର ପ୍ରତିଷ୍ଠା ଦିବସ

ରାଉରକେଲା, ୩।୧୧(ସଙ୍ଗୀତା ଜେନା)

ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ୍ (ଡିୱାଇଏଫ୍‌ଆଇ)ର ୪୬ତମ ପ୍ରତିଷ୍ଠା ଦିବସ ସୋମବାର ପୂର୍ବାହ୍ନ ୧୧ଟାରେ ସଙ୍ଗଠନର ସୁନ୍ଦରଗଡ଼ କାର୍ଯ୍ୟାଳୟ ସେକ୍ଟର-୧୬ଠାରେ ପତାକା ଉତ୍ତୋଳନ ଓ ସଭା ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ପୂର୍ବ ସଭାପତି ରାଜକିଶୋର ପ୍ରଧାନ ଯୋଗଦେଇ କହିଲେ, ଶହୀଦ ଭଗତ ସିଂହଙ୍କ ଆଦର୍ଶ ଓ ବିଚାରଧାରାକୁ ନେଇ ନଭେମ୍ବର ୩ ତାରିଖ ୧୯୮୦ ମସିହାରେ ସଂଗ୍ରାମୀ ମାଟି ପାବର ଲୁଧିଆନା ସହରରେ ସଂଗଠନ ତାଙ୍କ ପ୍ରଥମ ସମ୍ମିଳନୀ କରି ପ୍ରତିଷ୍ଠା ଘୋଷଣା କରିଥିଲେ। ଶିକ୍ଷା ଓ ନିଯୁକ୍ତି, ବେକାରିଙ୍କୁ ନିଯୁକ୍ତି ଓ ଆତ୍ମନିଯୁକ୍ତି, ଅପସଂସ୍କୃତି ଓ ଅନ୍ଧବିଶ୍ୱାସ ବିରୋଧରେ ଯୁବ ସମାଜକୁ ଏକଜୁଟ କରି ଐକ୍ୟବଦ୍ଧ ଆନ୍ଦୋଳନ କରିବା ସହିତ ଏକ ସର୍ବବୃହତ୍ ସଙ୍ଗଠନ ଭାବରେ ପ୍ରତିଷ୍ଠା କରିବା ପାଇଁ ଆଜି ଦିନରେ ଶପଥ ନେବାକୁ ପ୍ରଧାନ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିୱାଇଏଫ୍‌ଆଇ ରାଉରକେଲା ଆଞ୍ଚଳିକ କମିଟି ସଭାପତି ସତ୍ୟମ ତନ୍ତୀ, ସମ୍ପାଦକ ଲଲାଟେନ୍ଦୁ ନାୟକ, ପରେଶ ମହାନ୍ତି, ପୂର୍ବତନ ଯୁବନେତା ବିଶ୍ୱଜିତ ମାଝୀ, ପ୍ରଭାତ ମହାନ୍ତି, ଦିବାକର ମହାରଣା ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।



ଯୁବ ଫେଡରେଶନର କର୍ମକର୍ତ୍ତା।

# ୧୧ କେଭି ମରାମତି ପାଇଁ ବିଜୁଳି ସରବରାହ ବନ୍ଦ ରହିବ

**ରାଉରକେଲା,୩।୧୧(ସଙ୍ଗୀତା ଜେନା):** ମଙ୍ଗଳବାର ସକାଳ ୮ଟାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ ୧୧ କେଭି ଉଦିତନଗର ଫିଡର ବନ୍ଦ କରାଯିବା ଯୋଜନା ରହିଛି। ଏଥିରେ ହୀରାକୁଦ କଲୋନୀ, ମ୍ୟୁନିସିପାଲ କଲେଜ, ଫୁଡକୋର୍ଟ, ବିଏସ୍‌ଏନ୍‌ଏଲ୍ ଅଫିସ, ଶୀତଲପଡ଼ା, ଆର୍‌ଏମ୍‌ସି କାର୍ଯ୍ୟାଳୟ, ଖଡିଆପଡ଼ା, ତହସିଲ ଅଫିସ, ପୋଲିସ କଲୋନୀ, ଏଡ଼ିଏମ୍ କାର୍ଯ୍ୟାଳୟ, ଏସ୍‌ପି କାର୍ଯ୍ୟାଳୟ, ସବ୍‌କଲେକ୍ଟର କାର୍ଯ୍ୟାଳୟ, ଆୟକର ଅଫିସ, ନୂତନ କୋର୍ଟ, ବିରଜାପାଲୀ, ତିନତାଲା ପିଏଚଡ଼ି, ଲକ୍ଷ୍ମୀ ମନ୍ଦିର, ଓରାମପଡ଼ା, ନିୟୋଜନ କାର୍ଯ୍ୟାଳୟ , ରାଧାକୃଷ୍ଣ ମନ୍ଦିର, ଅଫିସର କଲୋନୀ, ମାରିଡିଆନ୍ କୋଠା, ଗଫୁର କଲୋନୀ, ସିଟି ସୁପରବଜାର, ବିଶାଳ ମେଗା ମାର୍ଟ, ଘର ସଂସାର, ଜ୍ଞାନ ଆକାଶ ଆଦି ଅଞ୍ଚଳ ପ୍ରଭାବିତ ରହିଛି। ବିଜୁଳୀ ତାର ଓ ଅନ୍ୟ ମରାମତି ପାଇଁ ଏପରି କରାଯାଉଛି ବୋଲି ଉଦିତନଗର ବିଜୁଳୀ ବିଭାଗ ପକ୍ଷରୁ କୁହାଯାଇଛି।

# ସତର୍କତା ସଚେତନତା ସପ୍ତାହ ନେଇ ପୁରସ୍କାର ବିତରଣ କାର୍ଯ୍ୟକ୍ରମ

ରାଉରକେଲା,୩।୧୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସପି ଅନ୍ତର୍ଗତ ସତର୍କତା ବିଭାଗର ଦ୍ୱାରା ସେକ୍ଟର-୨୦ ସ୍ଥିତ ଏସଏସଆରଭିଏମ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅକ୍ଟୋବର ୩୦ରେ ଏକ ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ ଟି.ଜି କାନେକର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ସତର୍କତା ବିଭାଗର ଜିଏମ ତଥା ଏସିଭିଓ ରନ ଭାରତୀ, ବିଦ୍ୟାଳୟର ନିର୍ଦ୍ଦେଶକ କ୍ୟାପଟେନ ଆଲୋକେଶ ସେନ ,ସତର୍କତା ବିଭାଗର ଡିଜିଏମ ସନ୍ଦୀପ ବଂଶଲ, ଡିଜିଏମ ଏସ.କେ ଏସ ରାଜପୁତ,ଶିକ୍ଷା ବିଭାଗର ଏଜିଏମ ଡକ୍ଟର ସୁଶ୍ରୀତା ଦାଶଙ୍କ ସହିତ ବିଦ୍ୟାଳୟର ଅନ୍ୟ ସହକାରୀ ଶିକ୍ଷକ ଏବଂ ସତର୍କତା ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର ପ୍ରଥମ,ଦ୍ୱିତୀୟ ଓ ତୃତୀୟ ବର୍ଗରେ ଉନ୍ନୀତ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ରନ ଭାରତୀ ସେକ୍ଟର-୨୦ ସ୍ଥିତ ଏସଏସଆରଭିଏମ ଆଇଆଇଏମଏସର ବିଦ୍ୟାର୍ଥୀମାନଙ୍କୁ ସଚ୍ଚୋଟତା ଭାବ ବଜାୟ ରଖିବା ପାଇଁ ଶପଥପାଠ କରାଇଥିଲେ। ଏ ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରମାନେ ସତର୍କତା ବିଷୟ ବସ୍ତୁ ଉପରେ ଏକ ସ୍କିଟ୍ ମଧ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ଅନୁରୂପ ଭାବେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅକ୍ଟୋବର ୩୦ ତାରିଖରେ ସେକ୍ଟର-୧୪ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଇଜ୍, ଚିତ୍ରାଙ୍କନ, ପ୍ରବନ୍ଧ ଏବଂ ବକ୍ତୃତା ଆଦିର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରା ଯାଇଥିଲା। ଏ ଅବସରରେ ଡିପିଏସର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ତନଭି ରାଇଜଦା,ସତର୍କତା ବିଭାଗର ଡିଜିଏମ ଏସ.କେ ଏସ ରାଜପୁତ ଏବଂ ଏଜିଏମ ଅବନୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ସତର୍କତା ବିଭାଗର ନିରୀକ୍ଷକ ଗୌତମ ଦାଶ ସଂଯୋଜନା କରିଥିଲେ।



ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନରେ ସାମିଲ ଅଂଶଗ୍ରହଣକାରୀ।

# ଗ୍ରାଣ୍ଡ ଫାଇନାଲରେ ୨୪୮ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

## ବିପିୟୁଟି ହାକାଥନ୍-୨୦୨୫ ଉଦ୍‌ଯାପିତ

ରାଉରକେଲା,୩।୧୧(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପରିସରରେ ଥିବା ନେତାଜୀ ସୁଭାଷ ବୋଷ ଅଡିଟୋରିୟମ୍‌ରେ ଆୟୋଜିତ ୨ ଦିନିଆ ବିପିୟୁଟି କାର୍ନିଭାଲ ଓ ବିପିୟୁଟି ହାକାଥନ୍-୨୦୨୫ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିପିୟୁଟି ହାକାଥନ୍ ଓ କାର୍ନିଭାଲ ଯୁବପିଢ଼ିଙ୍କ ପାଇଁ ନିଜ ଭିତରେ ଥିବା ପ୍ରତିଭାକୁ ଉଜାଗର କରିବାର ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଯୋଗାଇ ଦେଇଛି ବୋଲି ଅତିଥି ରଥ ତାଙ୍କ ବକ୍ତବ୍ୟରେ କହିଥିଲେ। ବିପିୟୁଟିର କୁଳସଚିବ ନିଶି ପୁନମ୍ ମିଞ୍ଜ ସମଗ୍ର ଓଡ଼ିଶାରେ ନବସୃଜନକୁ ପ୍ରୋତ୍ସାହିତ କରିବାରେ ଏହି ହାକ୍‌ଥନ୍ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ବର୍ଣ୍ଣନା କରିଥିଲେ। ବିପିୟୁଟିର ଅର୍ଥ ଅଧିକାରୀ ସେବତୀ ଦାନସେନା ଏହି ହାକାଥନ୍ ପ୍ରତିଭାବାନ ଛାତ୍ରୀଛାତ୍ରଙ୍କୁ ଚାକିରି ଖୋଜିବା ଅପେକ୍ଷା ନିଜକୁ ଉଦ୍ୟୋଗୀରେ ପରିଣତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଏଥିରେ ଓଡ଼ିଶାର ପ୍ରାୟ ୨୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ୫୦୫ଟି ପଞ୍ଜୀକୃତ ଦଳ ମଧ୍ୟରୁ ଶ୍ରେଷ୍ଠ ୫୦ଟି ଦଳକୁ ମିଶାଇ ମୋଟ ୨୪୮ ପ୍ରତିଯୋଗୀ ଗ୍ରାଣ୍ଡଫିନାଲେରେ ଅଂଶ ଗ୍ରହଣ କରିଥିଲେ। ରିମ୍ସ ରାଉରକେଲା, ଏସ୍‌ଏଏମ୍‌ଟି ଭୁବନେଶ୍ୱର, ଜିଆଇଇଟି ଘଙ୍ଗାପାଟଣା, ଜିଆଇଇଟି ବଣେଇ ଟାଙ୍ଗୀ, ଭିଆଇଟି ଭୁବନେଶ୍ୱର, ଗୀତା ଭୁବନେଶ୍ୱର, ୟୁଏସ୍‌ବିଏମ୍ ଭୁବନେଶ୍ୱର ଓ ଟିଏଟି ଭୁବନେଶ୍ୱର ସହ ବିପିୟୁଟି ରାଉରକେଲା କ୍ୟାମ୍ପସ୍‌ରେ ମଧ୍ୟବର୍ତ୍ତୀ ମୂଲ୍ୟାଙ୍କନ ଦ୍ୱାରା ଏହି ଦଳଗୁଡିକ ଚୟନ କରାଯାଇଥିଲା। ଏହି ଦଳ ଏସ୍‌ଟିପିଆଇ ଭୁବନେଶ୍ୱର, ଓକେସିଏଲ୍ ଭୁବନେଶ୍ୱର, ଓକାକ୍ ଭୁବନେଶ୍ୱର, ଏମ୍‌ଇଆଇଏଲ ହାଇଦ୍ରାବାଦ ଓ ଡିଏଡିବି ଜର୍ମାନୀ ଭଳି ପ୍ରତିଷ୍ଠିତ ଶିଳ୍ପ ସହଯୋଗୀମାନଙ୍କ ଦ୍ୱାରା ଚିହ୍ନଟ ୧୦ଟି ବାସ୍ତବ-ଜୀବନ ସମସ୍ୟାର ସମାଧାନ ଉପରେ କାର୍ଯ୍ୟ କରାଯାଇଥିଲା। ନବସୃଜନ ଓ ସାମାଜିକ ପ୍ରଭାବ ଉପରେ ଧ୍ୟାନ ଦେଇ ଦଳଗୁଡିକର ମୂଲ୍ୟାଙ୍କନ କରାଯାଇଥିଲା। ଏହି ୨ ଦିନିଆ କାର୍ଯ୍ୟକ୍ରମରେ ଶିଳ୍ପ ସହଯୋଗୀ, ବିଶିଷ୍ଟ ଶିକ୍ଷାବିତ, ଜୁରି ସଦସ୍ୟ, ବିପିୟୁଟିର ସଂଲଗ୍ନ ଓ ଅନୁବନ୍ଧିତ କଲେଜର ଅଧିକାରୀ ଓ ରାଉରକେଲା ତଥା ଆଖପାଖ ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ରମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ବିଜେତା ଦଳକୁ ୬ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହାସହିତ ମହିଳା ସଶକ୍ତୀକରଣ ଓ ଅନ୍ତର୍ଭୁକ୍ତିମୂଳକ ନବସୃଜନ ପ୍ରତି ବିପିୟୁଟିର ପ୍ରତିବଦ୍ଧତାକୁ ପୁନଃ ଉପସ୍ଥାପନ କରି ଶ୍ରେଷ୍ଠ ମହିଳା ନେତୃତ୍ୱାଧୀନ ଦଳକୁ ଏକ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ଡକ୍ଟର ଡି. ଚନ୍ଦ୍ରଶେଖର ରାଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ୨ ଦିନିଆ ଉତ୍ସବକୁ ବିପିୟୁଟିର ସମସ୍ତ ଅଧ୍ୟାପକ, ନିର୍ଦ୍ଦେଶକ ଓ ଅଧିକାରୀ, କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିପିୟୁଟିର ଉପକୁଳସଚିବ ଏସ୍.କେ. ରଥ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

# ନିଆରା ଢଙ୍ଗରେ ନିର୍ବାଚନୀ ପ୍ରଚାର

## ୬ ରାଜ୍ୟରେ କଲେଣି ପ୍ରଚାର

**ନୂଆପଡ଼ା,୩।୧୧ (ପୀତାମ୍ବର ସାହୁ)**

ଯେତେବେଳେ ବିଭିନ୍ନ ଦଳ ଡିଜେ ସାଉଣ୍ଡ ଲଗାଇ ଗାଡ଼ିରେ ପ୍ରଚାର କରୁଛନ୍ତି ସେତେବେଳେ ଏକ ସାଇକେଲରେ ଛୋଟ ସାଉଣ୍ଡ ସିଷ୍ଟମ ଲଗାଇ ପ୍ରଚାର କରୁଛନ୍ତି ଜଣେ ବ୍ୟକ୍ତି। ସେ ହେଲେ ସନ୍ତୋଷ କୁମାର ପାତ୍ର(୫୪)। ତାଙ୍କ ଘର ବରଗଡ ଜିଲା ସୋହେଲାରେ। ସେ ଏବେ ନୂଆପଡ଼ା ଆସି ଏହି ଉପନିର୍ବାଚନରେ ଭାଜପା ପାଇଁ ସାଇକେଲରେ ବୁଲି ପ୍ରଚାର କରୁଛନ୍ତି। ଭାଜପାର ବିଧାୟକ ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ ଦେବାକୁ ସେ ନିବେଦନ କରୁଛନ୍ତି। ସେ ଜଣେ ପୂର୍ବତନ ସରପଞ୍ଚ। ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ ସୋହେଲାର ସରପଞ୍ଚ ଭାବେ କାର୍ଯ୍ୟ କରିଛନ୍ତି। ସେ ଅବିବାହିତ ଅଟନ୍ତି। ସେ ୧୯୯୯ରେ ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ



ନୂଆପଡାରେ ସାଇକେଲରେ ନିର୍ବାଚନ ପ୍ରଚାର କରୁଛନ୍ତି ସନ୍ତୋଷ।

ଦଳର ସଦସ୍ୟତା ଗ୍ରହଣ କରିଛନ୍ତି। ସେହି ଦିନଠାରୁ ସେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ବୁଲି ଭାଜପା ସପକ୍ଷରେ ପ୍ରଚାର କରୁଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ଉତ୍ତରପ୍ରଦେଶର ବନାରସରେ ପ୍ରଚାର କରିଥିବା ପ୍ରକାଶ କରିଛନ୍ତି। ଗୋରଖପୁରରେ ସେ ଯୋଗୀ ଆଦିତ୍ୟନାଥଙ୍କ ପାଇଁ ମଧ୍ୟ ନିର୍ବାଚନୀ ପ୍ରଚାର କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସେ ହରିଆନା, ଦିଲ୍ଲୀ, ଛତିଶଗଡ଼, ପଞ୍ଜାବ, ଉତ୍ତରପ୍ରଦେଶ, ଓଡ଼ିଶା ବିଧାନସଭା ନିର୍ବାଚନରେ ଭାଜପା ପାଇଁ ପ୍ରଚାର କରିସାରିଛନ୍ତି। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଏଠାରେ ପ୍ରତ୍ୟେକ ନାଗରିକ ନିଜର ମତ ସାବ୍ୟସ୍ତ କରିବା ଉଚିତ ବୋଲି କହି ଲୋକଙ୍କୁ ସଚେତନ ମଧ୍ୟ କରୁଛନ୍ତି। ସେ କାହିଁକି ଭାଜପାରେ ଯୋଗଦେଇ ଏହାର ସମର୍ଥନରେ ପ୍ରଚାର କରୁଛନ୍ତି ବୋଲି ପଚାରିବାରୁ ନିର୍ବାଚନ ପାଇଁ ଯେ କୌଣସି ଦଳରେ ଯୋଗଦେବା ଆବଶ୍ୟକ ବୋଲି କହିଛନ୍ତି। ଏହା ସହିତ ଭାଜପାର ନୀତି ଆଦର୍ଶ ତାଙ୍କୁ ଆକୃଷ୍ଟ କରିଥିଲା ବୋଲି ଆମକୁ କହିଛନ୍ତି। ସେ ନିର୍ବାଚନ ସମୟରେ ପ୍ରଚାର କରୁଥିବା ବେଳେ ବାକି ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହିତ ଏହାର ସୁବିଧା ହାସଲ କରିବା ପାଇଁ ବିଭିନ୍ନ ସ୍ଥାନକୁ ସାଇକେଲରେ ବୁଲି ପ୍ରଚାର କରିଥାନ୍ତି।

# ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କଲେ ଭକ୍ତ

**ନୂଆପଡ଼ା,୩।୧୧ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ୍ ଜୋନ୍ ୩ରେ ସୋମବାର କଂଗ୍ରେସ ନିର୍ବାଚନୀ ପ୍ରଚାରକୁ ଜୋର୍‌ଦାର କରିଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ କଣ୍ଟାପାଲି, ଦାନଝଲା, ଗଣ୍ଡାମେର, ମାଲପଡ଼ା, ମହୁଲଭଟା ଓ କାଣ୍ଡେତରା, ଭେଳା ବୁଢ଼ାରଜା ମନ୍ଦିର ବଘାମୁଡା, ଉଲଭା, ଷୋଳବନ୍ଧ, କୋମନା ଆଦି ଗାଁରେ କର୍ମୀମାନେ ପଦଯାତ୍ରା କରି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ପ୍ରଦେଶ କଂଗ୍ରେସ ପର୍ଯ୍ୟବେକ୍ଷକ ଅଜୟ ଲଲ୍ଲୁ, କୋରାପୁଟ ବିଧାୟକ ରାମଚନ୍ଦ୍ର କାଡ଼ାମ, ରାଜଗାଙ୍ଗପୁର ବିଧାୟକ ଡ. ରାଜନ ଏକ୍କା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାନ୍ତଲା, ଷ୍ଟାର ପ୍ରଚାରକ ସୁନିତା ବିଶ୍ୱାଳ ଓ ଅନିତା ବିଶ୍ୱାଳ, କୋରାପୁଟ କଂଗ୍ରେସ ଜିଲା ସଭାପତି କୈଳାସ ଚନ୍ଦ୍ର କୋଲସା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭକ୍ତରାମ ଶବର, ଯୁବ କଂଗ୍ରେସ ଜିଲା ସଭାପତି ଅମିତ ଅହୀର, ଇସାଦ ଖାନ ପ୍ରମୁଖ ଉପସ୍ଥିତ ଥିଲେ।


ପଦଯାତ୍ରାରେ ନିର୍ବାଚନ ପ୍ରଚାର କରାଯାଉଛି।

# ଗୀତଗାଇ ଭୋଟରଙ୍କ ମନଜିଣିଲେ ସିଦ୍ଧାନ୍ତ

**ନୂଆପଡ଼ା,୩।୧୧ (ମକାରୁ ବେମାଲ)**

ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ସୋମବାର ଲଖନା ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଜନସମାବେଶ ଆୟୋଜିତ ହୋଇଥିଲା। ଏଥିରେ ସିନେତାରକା ତଥା ନେତା ସିଦ୍ଧାନ୍ତ ମହାପାତ୍ର, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚରେ ସିଦ୍ଧାନ୍ତ ମହାପାତ୍ର ନିଜର ଅଭିଭାଷଣ ସାଙ୍ଗକୁ 'ପୁଚୁକି ଗାଲି', 'ସୁନେଲି ସୁନେଲି ଖରା' ପରି ସୁପରହିଟ ଗୀତ ଗାଇ ଭୋଟରଙ୍କ ମନ ଜିଣିଥିଲେ। ଅତିଥିମାନେ ଅଞ୍ଚଳର ଉନ୍ନତି ସମ୍ପର୍କରେ ଅଭିଭାଷଣ ରଖିଥିଲେ।


ସଭାମଞ୍ଚରେ ଅଭିନେତା ସିଦ୍ଧାନ୍ତଙ୍କ ସହ ଅନ୍ୟ ନେତୃବୃନ୍ଦ।

# ଶତପ୍ରତିଶତ ମତଦାନ ପାଇଁ ମଜଦୁର ସଂଘର ଆହ୍ୱାନ

**ନୂଆପଡ଼ା,୩।୧୧ (ମକାରୁ ବେମାଲ)**

ନୂଆପଡ଼ା ଯାଦବ ଭବନଠାରେ ସୋମବାର ଭାରତୀୟ ମଜଦୁର ସଂଘର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଶାନ୍ତନୁ ମହାପାତ୍ର, ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ପ୍ରଭାରୀ ବିଶ୍ୱ ରଞ୍ଜନ ସାହା, ସଙ୍ଗଠନ ସମ୍ପାଦକ ଲକ୍ଷ୍ମଣ ଦାସ, ଅସଙ୍ଗଠିତ କ୍ଷେତ୍ରର ପ୍ରମୁଖ ସୁରେନ୍ଦ୍ର ରାୟ, ଓଡ଼ିଶା କନ୍‌ଷ୍ଟ୍ରକଶନ ମଜଦୁର ମହାସଂଘର ରାଜ୍ୟ ସଭାପତି ମନୋଜ ବସନ୍ତରାୟ, ପାଚିକା ଓ ସହାୟିକା ମଜଦୁର ସଂଘର ରାଜ୍ୟ ସଭାପତି ମୁକ୍ତିକାନ୍ତ ସାହୁ ଯୋଗଦେଇ ଆଗାମୀ ଉପନିର୍ବାଚନରେ ରାଷ୍ଟ୍ର ହିତରେ ଶତପ୍ରତିଶତ ମତଦାନ କରିବା ପାଇଁ ଆହ୍ୱାନ କରିଥିଲେ। ଏହି ବୈଠକରେ ଅଲ ଓଡ଼ିଶା ଅଙ୍ଗନୱାଡ଼ି ୱାର୍କର୍ସ ଆସୋସିଏଶନ, ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ, ଓଡ଼ିଶା ରାଜ୍ୟ ପାଚିକା ସଂଘ, ବିଶ୍ୱକର୍ମା ମଜଦୁର ସଂଘ, ନୂଆପଡ଼ା ନିର୍ମାଣ ମଜଦୁର ସଂଘର ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲା ସମ୍ପାଦକ ବାବୁଲାଲ ମାଝି ସଭା ପରିଚାଳନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

# ପ୍ରିଜାଇଡିଂ, ପୋଲିଂ ଅଧିକାରୀଙ୍କ ତାଲିମ

**ନୂଆପଡ଼ା,୩।୧୧ (ମକାରୁ ବେମାଲ)**

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ସ୍ଥାନୀୟ ନ୍ୟାଶନାଲ ହାଇସ୍କୁଲ, ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଓ ୱାଟରସେଡ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତଙ୍କ ତତ୍ତ୍ୱାବଧାନରେ ମାଷ୍ଟର ଟ୍ରେନରମାନେ ଅଧିକାରୀମାନଙ୍କୁ ଇଭିଏମ୍, କଣ୍ଟ୍ରୋଲ ୟୁନିଟ ଓ ଭିଭିପିଏଟି କାର୍ଯ୍ୟକାରିତା ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ। ଜିଲାପାଳ ମଧୁସୂଦନ ଦାଶ ଉପସ୍ଥିତ ରହି ପ୍ରଶ୍ନୋତ୍ତର ମାଧ୍ୟମରେ ଅଧିକାରୀଙ୍କ ପକ୍ଷରୁ ଆଗତ ସମସ୍ତ ସମସ୍ୟାର ସମାଧାନ କରିଥିଲେ। ତାଲିମ ସମୟରେ ପ୍ରିଜାଇଡିଂ ଅଫିସରମାନେ ୧୦୦ଟି ମକ୍ ଭୋଟ ଦେବା ସହ ଏହାକୁ ଭିଭିପିଏଟି ସ୍ଲିପ ସହିତ ମିଳାଇ ମକ୍‌ଡ୍ରିଲ କରିଥିଲେ। ଏହାପରେ ଉଦ୍ଦିଷ୍ଟ ଫର୍ମାଟରେ ସେମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ତାଲିମ, ଭୋଟିଂ ମେଶିନର କାର୍ଯ୍ୟଦକ୍ଷତା, ମକ୍ ପୋଲର ଭିଡିଓ ରେକର୍ଡିଂ କରାଯାଇ ସ୍ୱଚ୍ଛତାକୁ ଶତପ୍ରତିଶତ ସୁନିଶ୍ଚିତ କରାଯାଇଛି। ଏହି ଉପନିର୍ବାଚନ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ଅନୁଷ୍ଠିତ ହେବ ବୋଲି ଜିଲାପାଳ କହିଥିଲେ।

# ଜୟଙ୍କ ପାଇଁ ଭୋଟ ଭିକ୍ଷା କଲେ ବୈଜୟନ୍ତ

**ନୂଆପଡ଼ା,୩।୧୧ (ମକାରୁ ବେମାଲ)**

ପଶ୍ଚିମ ଓଡ଼ିଶା ମୋ ରକ୍ତରେ ଅଛି। ଏଠି ମୋ ମାମୁ ଘର। ଗତବର୍ଷ ଭାଜପାର ଐତିହାସିକ ବିଜୟ ହେଲା। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ହେଲା। ନୂଆପଡ଼ାରେ ୭୫ ହଜାର ମହିଳା ସୁଭଦ୍ରା ଯୋଜନାରେ ଟଙ୍କା ପାଇଛନ୍ତି। ନୂଆପଡ଼ାର ସାମଗ୍ରିକ ବିକାଶ ପାଇଁ ଜୟ ଢୋଲକିଆଙ୍କୁ ବିଜୟୀ କରିବାକୁ ସାଂସଦ ତଥା ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ନୂଆପଡ଼ାବାସୀଙ୍କୁ ନିବେଦନ କରିଛନ୍ତି। ଭାଷଣ ପ୍ରସଙ୍ଗରେ ସେ କହିଥିଲେ, କଂଗ୍ରେସ ଦଳ କେବଳ ମିଛ ପ୍ରତିଶ୍ରୁତି ଦିଏ। ପଡୋଶୀ ଛତିଶଗଡ଼ ବାସିନ୍ଦାଙ୍କୁ କଂଗ୍ରେସର ଦୁଇବର୍ଷ ପୂର୍ବର କୁଶାସନ ସମ୍ପର୍କରେ ପଚାରିଲେ ସେମାନେ ଭଲ ଭାବେ କହିପାରିବେ। ନୂଆପଡ଼ାବାସୀଙ୍କ ଭବିଷ୍ୟତର ସ୍ୱପ୍ନ ପୂରଣ ପାଇଁ ମୋଦୀଙ୍କ ସହ ରହିବାକୁ ହେବ ବୋଲି ପଣ୍ଡା କହିଛନ୍ତି। ଏହି ଅବସରରେ ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ସନ୍ତୋଷ ଖଟୁଆ, ରାଜ୍ୟ ଉପସଭାନେତ୍ରୀ କୁସୁମ ଟେଟେ, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ବରିଷ୍ଠ ନେତା ପ୍ରସନ୍ନ ପାଢ଼ୀ, ପୂର୍ବତନ ସାଂସଦ ପ୍ରଭାସ ସିଂହ, ଜିଲା ସଭାପତି କମଳେଶ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।


ବୈଜୟନ୍ତ ପଣ୍ଡା ନିର୍ବାଚନ ପ୍ରଚାର କରୁଛନ୍ତି।

# ନବୀନ ପଟ୍ଟନାୟକଙ୍କ ଗସ୍ତରେ ଏପାଖସେପାଖ

### ନିର୍ବାଚନୀ ସଭାରେ ବିଜେଡିରେ ମିଶିଲେ ପୂର୍ବତନ ସରପଞ୍ଚ

**ନୂଆପଡ଼ା,୩।୧୧ (ମକାରୁ ବେମାଲ)**

ନୂଆପଡ଼ା ଉପନିର୍ବାଚନ ପାଇଁ କୋମନା ବ୍ଲକ୍ ତରବୋଡ଼ଠାରେ ସୋମବାର ଆୟୋଜିତ ସଭାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ସେହି ସଭାରେ ଠିକପାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋପୀନାଥ ଶବର ନବୀନ ଓ ଅନ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଥିଲେ। ତାଙ୍କୁ ଦଳ ପକ୍ଷରୁ ଉତ୍ତରୀୟ ଦିଆଯାଇ ସ୍ୱାଗତ କରାଯାଇଥିଲା।

### ହେଲିକପ୍ଟର ଦେଖିବା ପାଇଁ ଭିଡ଼

ନିର୍ବାଚନୀ ସଭାରେ ଭାଷଣ ଶୁଣିବା ଅପେକ୍ଷା ହେଲିକପ୍ଟର ଦେଖିବା ପାଇଁ ବ୍ୟାରିକେଡ୍ ଚାରିପାଖରେ ଲୋକଙ୍କ ଅଧିକ ଭିଡ଼ ଲାଗିଥିଲା। କେତେଜଣ ମହିଳା ପୁରୁଷଙ୍କ ମତାମତ ନେବାରୁ ଆମେ ସଭାରେ ଭାଷଣ ଶୁଣିବା ପାଇଁ ନୁହେଁ, ହେଲିକପ୍ଟର ଓ ନବୀନ ପଟ୍ଟନାୟକଙ୍କୁ ଦେଖି ଫେରିଯିବୁ। କାହାକୁ ଭୋଟ ଦେବ ବୋଲି ପଚାରିବାରୁ ରାଜେନ୍ଦ୍ର ଢୋଲକିଆଙ୍କ ପରି ଯିଏ ଦୁଃଖସୁଖର ସାଥୀ ହେବ ଓ ଆମ ଭଲମନ୍ଦ ବୁଝିବ ତାଙ୍କୁ ଭୋଟ ଦେବେ ବୋଲି କହିଥିଲେ।

### ସଭା ଅଧାରୁ ଚୌକି ଖାଲି

କୋମନା ବ୍ଲକ୍ ତରବୋଡ ସମ୍ଭବ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଜନ ସମାବେଶ ହୋଇଥିଲା। ସମସ୍ତଙ୍କ ବସିବା ପାଇଁ ଚୌକି ନ ହେବାରୁ ଠିଆ ହୋଇ ଜନସାଧାରଣ ନବୀନଙ୍କ ସଭାକୁ ଉପଭୋଗ କରିଥିଲେ। ପ୍ରଥମେ ଉପସ୍ଥିତ ନେତୃବୃନ୍ଦ ଭାଷଣ ଦେଇଥିଲେ। ଶେଷରେ ନବୀନ ପଟ୍ଟନାୟକ ଭାଷଣ ଦେଇଥିଲେ। ହେଲେ ଭାଷଣ ସରିବା ପୂର୍ବରୁ ଲୋକେ ଉଠି ପଳାଇବା ଆରମ୍ଭ କରିଥିଲେ। ଭାଷଣ ଅଧାହେବା ବେଳକୁ ଚୌକି ଅଧା ଖାଲି ଥିବା ଦେଖାଯାଇଥିଲା।


ସଭାସ୍ଥଳରେ ଚୌକି ଖାଲି ପଡ଼ିଛି।

### ଖବରଦାତାଙ୍କୁ ସଭାସ୍ଥଳକୁ ଛାଡୁ ନ ଥିଲା ପୋଲିସ



ହେଲିକପ୍ଟର ଦେଖିବାକୁ ଲୋକଙ୍କ ଭିଡ଼।

ବିଜୁ ଜନତା ଦଳ ନିର୍ବାଚନୀ ସଭାରେ ପ୍ରବଳ ଜନସମାବେଶ ଯୋଗୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସଭାସ୍ଥଳକୁ ଯିବା ରାସ୍ତାରେ ପୋଲିସ କର୍ମଚାରୀ ନିୟୋଜିତ ହୋଇ ରହିଥିଲେ। ଧଳା ପୋଷାକ ପରିଧାନ କରିଥିବା ବ୍ୟକ୍ତିବିଶେଷଙ୍କୁ ସଭାସ୍ଥଳକୁ ଯିବା ପାଇଁ ପୋଲିସ ଛାଡ଼ି ଦେଉଥିଲା। ହେଲେ ଖବରଦାତାମାନଙ୍କୁ ସଭାସ୍ଥଳକୁ ଛାଡୁ ନ ଥିବାରୁ ଖବର ସଂଗ୍ରହ କରିବା କ୍ଷେତ୍ରରେ ବାଧା ଉପୁଜିଥିଲା।

## ଅନ୍ୟାନ୍ୟ ଖବର

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଭବ୍ୟ ସ୍ୱାଗତ

**ଖଡ଼ିଆଳ,୩।୧୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଖଇରପଦର ଗ୍ରାମର ଶମ୍ଭୁନାଥ ମାଝି ଭାରତୀୟ ସେନାରେ ସୁବେଦାର ଭାବରେ କାର୍ଯ୍ୟକରି ଅବସର ଗ୍ରହଣ କରିଛନ୍ତି। ସୋମବାର ଗ୍ରାମବାସୀ ତାଙ୍କୁ ଶୋଭାଯାତ୍ରାରେ ଖଡ଼ିଆଳ ସହର ପରିକ୍ରମା କରାଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶମ୍ଭୁନାଥ ୧୯୯୭ ମସିହାରେ ସେନା ବିଭାଗରେ ଯୋଗଦେଇ ୨୮ ବର୍ଷ ପରେ ଅବସର ଗ୍ରହଣ କରିଛନ୍ତି। ସେ ଚାକିରି ଜୀବନରେ ଦେଶର ବିଭିନ୍ନ ରାଜ୍ୟରେ କାର୍ଯ୍ୟ କରିଥିବା ବେଳେ ଦକ୍ଷିଣ ଆଫ୍ରିକାରେ ମଧ୍ୟ କିଛି ମାସ ଭାରତୀୟ ସେନା ପକ୍ଷରୁ ନିୟୋଜିତ ହୋଇଥିଲେ। ଆଗାମୀ ଦିନରେ ସେ ଅଞ୍ଚଳର ଯୁବକମାନଙ୍କୁ ସେନା ବିଭାଗରେ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବେ ବୋଲି ପ୍ରକାଶ କରିଥିଲେ। ଏହି ଶୋଭାଯାତ୍ରାରେ ବହୁସଂଖ୍ୟକ ସେନା କର୍ମଚାରୀ, ପରିବାର ଲୋକ, ଗ୍ରାମବାସୀ ସାମିଲ ହୋଇଥିଲେ।


ସେନା କର୍ମଚାରୀଙ୍କୁ ସ୍ୱାଗତ କରାଯାଉଛି।

# କ୍ଷତିପୂରଣ ଦାବିରେ ବିଜେଡିର ଧାରଣା

## ମୁଖ୍ୟ ଚିକିତ୍ସାଳୟ କର୍ମଚାରୀ ଜୀବନ ହାରିବା ଘଟଣା

**ନୂଆପଡ଼ା,୩।୧୧ (ମକାରୁ ବେମାଲ)**

ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷା କର୍ମୀ ଭାବରେ କାର୍ଯ୍ୟରତ ଲଘୁତମ ସାହୁ (୪୭) ୯ ମାସର ଦରମା ନ ପାଇ ୭ ମହଲା କୋଠାରୁ ଡେଇଁ ଆତ୍ମହତ୍ୟା କରିବା ଘଟଣାର ପ୍ରତିବାଦ କରିଛି ବିଜେଡି। ସୋମବାର ଦଳ ପକ୍ଷରୁ ଘଟଣାକୁ ନିନ୍ଦା କରାଯିବା ସହ କ୍ଷତିପୂରଣ ଦାବିରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା।

ଏଥିରେ କର୍ମକର୍ତ୍ତାମାନେ ଦର୍ଶାଇଥିଲେ, ଗତ ୧୬ ମାସ ହେଲା ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ସରକାର କିଛି ପଦକ୍ଷେପ ନେଉନାହାନ୍ତି। ମୁଖ୍ୟ ଚିକିତ୍ସାଳୟର ଜଣେ ସୁରକ୍ଷା କର୍ମୀ ଦରମା ନ ପାଇ ନିଜ ଜୀବନ ହାରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅପାରଗତା ପାଇଁ ଆଜି ଏହି ଅଘଟଣ ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପାଖ ଲୋକ ବୋଲି କହି ଦାୟିତ୍ୱରେ ଥିବା ଅଧିକାରୀ ସମ୍ପୃକ୍ତ କର୍ମଚାରୀଙ୍କୁ ଧମକ ଦେବା ଓ ହଇରାଣ କରିବା ଅତ୍ୟନ୍ତ ନିନ୍ଦନୀୟ। ଏହା କ'ଣ ଲୋକଙ୍କ ସରକାର ବୋଲି ବିଜେଡି ପ୍ରଶ୍ନ କରିଛି। ନୂଆପଡ଼ା ଉପନିର୍ବାଚନରେ ଦଳରୁ ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ, ହରିଶ୍ଚନ୍ଦ୍ର ପଣ୍ଡା, ଦେବେଶ ଆଚାର୍ଯ୍ୟ, ବିଧାୟିକା ବର୍ଷା ସିଂ ବରିହା, ଦୀପାଳି ଦାସ, ଚିନ୍ମୟ ସାହୁ, ଈପ୍ସିତା ସାହୁ, ଆଦମ ଖାନ ପ୍ରମୁଖଙ୍କ ନେତୃତ୍ୱରେ ଧାରଣା ଅନୁଷ୍ଠିତ ହୋଇଥିଲା।


ଧାରଣାରେ ସାମିଲ ହୋଇଥିବା ଦଳୀୟ ନେତୃବୃନ୍ଦ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**କଲମପୁର, ୩।୧୧ (ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଲମପୁର ବ୍ଲକର ଆଦର୍ଶ ବିଦ୍ୟାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ୬ ଗୋଟି କ୍ଲଷ୍ଟରର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କଲମପୁର ବ୍ଲକ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକ ସଭାପତିତ୍ୱ କରିଥିଲେ। ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ମୁଖ୍ୟ ଅତିଥି, ବିଶିଷ୍ଟ ସାହିତ୍ୟିକ ସତ୍ୟନାରାୟଣ ପଟ୍ଟନାୟକ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ କୁଳମଣି ମାଝୀ, ଅନ୍ୟତମ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ବେହେରା ଓ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ରାହୁଲ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ ଉତ୍ସବରେ କଲମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ମାଣ୍ଡାଙ୍ଗୀ ମୁଖ୍ୟ ଅତିଥି ଓ କଲମପୁର ଜୋନ ୨ ଜିଲା ପରିଷଦ ସଭ୍ୟା ନିବେଦିତା ହଂସ, ବ୍ଲକ କନିଷ୍ଠ ଯନ୍ତ୍ରୀ ପୀତାମ୍ବର ହେମ୍ବ୍ରମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ତୀର୍ଥସ୍ଥଳୀ ପାତାଳଗଙ୍ଗାରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବୋଡ଼େନ,୩।୧୧ (ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡ଼େନ ଥାନା ଅନ୍ତର୍ଗତ ଭଇଁସାଦାନି ପଞ୍ଚାୟତ କୋଟଗାଁର ରମେଶ ଚିନ୍ଦା (୨୩) ନାମକ ଯୁବକ ପବିତ୍ର ତୀର୍ଥସ୍ଥଳୀ ପାତାଳଗଙ୍ଗାର ଗଭୀର ଜଳରେ ବୁଡ଼ି ପ୍ରାଣ ହରାଇଛନ୍ତି। ସୂଚନା ଅନୁସାରେ ରବିବାର ଅପରାହ୍ନରେ ଗଙ୍ଗାପାଣି କୁଣ୍ଡରେ ରମେଶ ବୁଡ଼ି ଯାଇଥିଲେ। ପରିବାର ଲୋକେ ଖୋଜା ଖୋଜି କରିଥିଲେ ବି ତାଙ୍କର ପତ୍ତା ମିଳି ନ ଥିଲା। ସୋମବାର ସକାଳେ ଲୋକେ ପାଣିରେ ତାଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ବୋଡ଼େନ ପୋଲିସ ଖବର ପାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲକୁ ପଠାଇଥିଲା। ଏ ସମ୍ପର୍କରେ ବୋଡ଼େନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

**ନବଗ୍ରହ ପୂଜା**

ବେଲପାହାଡ଼,(ସୁବାସ ପ୍ରଧାନ): ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ଦ୍ୱାରା ସ୍ଥାନୀୟ ଦାଦିରାଣୀ ସତୀ ମନ୍ଦିର ପ୍ରାଙ୍ଗଣରେ ସାମୂହିକ ନବଗ୍ରହ ପୂଜା ଓ ତୁଳସୀ ବିବାହ କାର୍ଯ୍ୟକ୍ରମ ସୋମବାର ଉତ୍ସାହିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳର ପ୍ରାୟ ୧୪ ଦମ୍ପତି ଯୋଗଦେଇଥିଲେ। ଏହି ପୂଜା ସମ୍ପନ୍ନ କରିବା ପାଇଁ ଛତିଶଗଡ଼ର ଖରସିଆରୁ ପ୍ରସିଦ୍ଧ ପଣ୍ଡିତ ବିନୋଦ ଆସିଥିଲେ। ଏନେଇ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ରାଜକୁମାର ଭୁଞ୍ଜନିଆ କହିଛନ୍ତି, ଏହା ଆମର ପ୍ରଥମ ପ୍ରୟାସ, ଆଗାମୀ ଦିନରେ ଏଭଳି ଧାର୍ମିକ କାର୍ଯ୍ୟକ୍ରମ ଜାରି ରହିବ।



# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା

**ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରସଙ୍ଗ**

ଦେବଗଡ଼,୩।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସହରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ଦାବିରେ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଚାଲିଥିବାବେଳେ କାର୍ଯ୍ୟାଳୟ ସମ୍ମୁଖରେ ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ରଙ୍କ ନେତୃତ୍ୱରେ ବହୁ ମହିଳା, ପୁରୁଷ ପୂର୍ବାହ୍ନ ପ୍ରାୟ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ଜିଲା ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲା। ପ୍ରଶାସନର ଏଭଳି କାମକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଯୁବ ଏକତା ମଞ୍ଚର ଶାନ୍ତିପୂର୍ଣ୍ଣ ଧାରଣା।

ସୂଚନାଯୋଗ୍ୟ, ଗତ ଜୁଲାଇରୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସହର ଠାରୁ ପ୍ରାୟ ୫ କି.ମି. ଦୂର ନୂଆଁବାଲିରୋଇସ୍ଥିତ ନୂତନ କୋଠାକୁ ସ୍ଥାନାନ୍ତର ହୋଇଛି। ସେଠାରେ ଡାକ୍ତର ଅଭାବ ସାଙ୍ଗକୁ ବିଭିନ୍ନ ସମସ୍ୟା ଲାଗି ରହିଥିବାବେଳେ ପୁରୁଣା କୋଠାରେ ମାତ୍ର ୪ ଘଣ୍ଟା ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେଉଛି। ଫଳରେ ରୋଗୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଜନସାଧାରଣଙ୍କ ପକ୍ଷରୁ ନିରନ୍ତର ଦାବି ହୋଇଆସୁଛି। ଜିଲା ଯୁବ ଏକତା ମଞ୍ଚ ନେତୃତ୍ୱରେ ପୂର୍ବରୁ ଦେବଗଡ଼ ବନ୍ଦ ପାଳନ କରାଯାଇଥିଲା। ଏଥିରେ ଦେବଗଡ଼ ବିଧାୟକଙ୍କ ସମେତ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଓ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ। ଉପଜିଲାପାଳ ପରିସ୍ଥିତି ସାହୁ ଆନ୍ଦୋଳନସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହ ୧ ମାସ ମଧ୍ୟରେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହାସତ୍ତ୍ୱେ ଦାବି ପୂରଣ ନ ହେବାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଞ୍ଚର ସଦସ୍ୟା, ସଦସ୍ୟମାନେ ମୁହଁରେ କଳାପଟି ବାନ୍ଧି ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ। ମାତ୍ର ଧାରଣା ଶେଷ ହେବା ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ସେଠାରେ ପହଞ୍ଚି ନ ଥିଲେ। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ତୁରନ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନ ପାଇଁ ପୁଣିଥରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

# ୩୦ ଅଭିଯୋଗ ଶୁଣିଲେ ଜିଲାପାଳ


ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

ଦେବଗଡ଼,୩।୧୧ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଜ୍ଞାନଦାସ କୁମାର ସାହୁ ଯୋଗଦେଇ ୩୦ଟି ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ଅନ୍ତୋଦୟ ଗୃହ ପ୍ରଦାନ, ବିଦ୍ୟୁତ୍ ସଂଯୋଗୀକରଣ, ବିଏସ୍‌ଏନ୍‌ଏଲ୍ ମୋବାଇଲ ଟାୱାର ସ୍ଥାପନ ଆଦି ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡ଼ିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଏସ୍‌ପି ଅନିଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମିସ୍ ରଶ୍ମି ଜୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରିସ୍ଥିତି ସାହୁ, ଡେପୁଟି କଲେକ୍ଟର ଅଞ୍ଜଳି କୁଜୁର, ସହକାରୀ ଜିଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ପଥରରେ ଛେଚି ଯୁବକଙ୍କୁ ହତ୍ୟା

ସମ୍ବଲପୁର,୩।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ହୀରାକୁଦ ଥାନା ଅନ୍ତର୍ଗତ ଗାନ୍ଧୀ ନଗରପଡ଼ାରେ ସୋମବାର ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଗାନ୍ଧୀ ନଗରପଡ଼ାର କାଲୁ ବାହାଦୁର(୩୨)। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, ରାତି ପ୍ରାୟ ସାଢେ ୮ଟାରେ କାଲୁ ଏକ ବାଇକ୍‌ରେ ଯାଉଥିବାବେଳେ ଓ୍ୱେସ୍କୋ ଅଫିସ ପାଖରେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ସେ ତଳେ ପଡିଯିବା ପରେ ସେମାନେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ରାସ୍ତାପାର୍ଶ୍ୱରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡ଼ିଥିବା ଦେଖି ପଥଚାରୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରୁ କାଲୁଙ୍କୁ ଉଦ୍ଧାର କରି ହୀରାକୁଦ ପ୍ରାଥମିକ ଚିକିତ୍ସା କେନ୍ଦ୍ର ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ହୀରାକୁଦ ଏସ୍‌ଡିପିଓ ବଳେଶ୍ୱର ଗିଧି କହିଛନ୍ତି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ଆଲୋଚନା ହେଉଛି।

# ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ବ୍ରଜରାଜନଗର, ୩।୧୧ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ମହାବିଦ୍ୟାଳୟ କେନ୍ଦ୍ରରେ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ସପ୍ତମ ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ଶିବପ୍ରିୟା ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ପ୍ରମୋଦ ସେନାପତି, ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ରାଜ୍ୟ ସମ୍ପାଦକ ଚିନ୍ତାମଣି ଦାସ, ବ୍ରଜରାଜନଗର କଲେଜ ଅଧ୍ୟକ୍ଷ ବିଜୟ କୁମାର ସାହୁ ଯୋଗଦେଇ ଶ୍ରୀମଦ୍ ଭଗବଦ୍ ଗୀତା ବିଷୟରେ ଆଲୋକପାତ କରିଥିଲେ। ବ୍ରଜରାଜନଗର, ଝାରସୁଗୁଡ଼ା, ବେଲପାହାଡ ଏବଂ ବନହରପାଲିଠାରେ ଅନୁଷ୍ଠିତ ପୌର ପରିଷଦ/ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜିଲାସ୍ତରୀୟ ପ୍ରତିଯୋଗିତାରେ 'କ' ବିଭାଗ (ତୃତୀୟରୁ ପଞ୍ଚମ ଶ୍ରେଣୀ)ରେ ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲର ଦିବ୍ୟାଂଶୁ ମହାପାତ୍ର ପ୍ରଥମ, ବନହରପାଲି ଡିଏଭି ପବ୍ଲିକ ସ୍କୁଲ ନ୍ୟାମିସ୍ମିତା ପଧାନ ଦ୍ୱିତୀୟ, ସରବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦିବ୍ୟାଂଶ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି 'ଖ' ବିଭାଗ(ଷଷ୍ଠରୁ ଅଷ୍ଟମ)ରେ ସରବାହାଲ ଶିଶୁ ବିଦ୍ୟାମନ୍ଦିରର ଦିଲେଶ୍ୱରୀ ସାହୁ ପ୍ରଥମ, ସରବାହାଲ ଡିଏଭି ପବ୍ଲିକ ସ୍କୁଲର ଅଂଶୁମାନ ସାହୁ ଦ୍ୱିତୀୟ ଏବଂ ବନହରପାଲି ଡିଏଭି ପବ୍ଲିକ ସ୍କୁଲର ତେଜସ୍ୱିତା ପଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି 'ଗ' ବିଭାଗ(ନବମ– ଦ୍ୱାଦଶ)ରେ ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲର ଅଶ୍ୱିନୀ କୁମାର ଝା ପ୍ରଥମ, ଡିଏଭି ପବ୍ଲିକ ସ୍କୁଲର ବିରାଟ କୁମାର ଦ୍ୱିତୀୟ ଏବଂ ବ୍ରଜରାଜନଗର ଇନ୍ଦିରା ଗାନ୍ଧୀ ମହିଳା ମାଧ୍ୟମିକ ବିଦ୍ୟାଳୟର ମିନି ସାହୁ ତୃତୀୟ ହୋଇଥିଲେ। ଏଥିସହ 'ଘ' ବିଭାଗ (ଯୁକ୍ତ ୩ ସ୍ନାତକୋତ୍ତର)ରେ ବେଲପାହାଡ଼ ମହାବିଦ୍ୟାଳୟର ସସ୍ମିତା ପଣ୍ଡା ପ୍ରଥମ, ବେଲପାହାଡ଼ ମହାବିଦ୍ୟାଳୟର ବିଜୟଲକ୍ଷ୍ମୀ ଚକ୍ରବର୍ତ୍ତୀ ଦ୍ୱିତୀୟ ଏବଂ ବ୍ରଜରାଜନଗର ମହାବିଦ୍ୟାଳୟର ଅର୍ପିତା ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଦିଆଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, 'ଗୀତା ଜ୍ଞାନ ପରୀକ୍ଷା–୨୦୨୪'ରେ ବୃତ୍ତି ପାଇଥିବା ମିନି ସାହୁ, ଲକ୍ଷ୍ମଣ ସାହୁ ଏବଂ କୀର୍ତ୍ତିମୟୀ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ପଦ୍ମାବତୀ ମହାପାତ୍ର ସଭା ପରିଚାଳନା ଓ ଅମ୍ବିକା ପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।

# ବସ୍–ବାଇକ୍ ମୁହାଁମୁହିଁ: ଯୁବକ ମୃତ

ଦେବଗଡ଼,୩।୧୧
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଥାନା ତିଲେଇବଣି ଫାଣ୍ଡି ଅନ୍ତର୍ଗତ କରଡାପାଳ ବୁଲାଣିରେ ଯାତ୍ରୀବାହୀ ବସ୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଅନ୍ୟଜଣେ ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ କତରକେଲା ଗ୍ରାମର ନିରଞ୍ଜନ ପ୍ରଧାନ(୩୮) ଦେବଗଡ଼ ପୌରାଞ୍ଚଳ ଭିତିରିଆସାହିର ସମ୍ପର୍କୀୟ ସତ୍ୟ ନାୟକଙ୍କ ଘରକୁ ଆସିଥିଲେ। ରବିବାର ସନ୍ଧ୍ୟାରେ ଆୟୋଜିତ ରାହାସ ଯାତ୍ରାରେ ଉଭୟ ନିରଞ୍ଜନ ଓ ସତ୍ୟ ଯୋଗଦେଇଥିଲେ। ସୋମବାର ଉଭୟ ଏକ ବାଇକ(ନଂ.ଓଡି୧୫ଏଲ–୦୬୬୯) ଯୋଗେ କତରକେଲା ଅଭିମୁଖେ ଯାଉଥିବାବେଳେ କରଡ଼ାପାଳ ନିକଟ ଜାତୀୟ ରାଜପଥର ଏକ ବୁଲାଣିରେ କୁଚିଣ୍ଡା ପଟୁ ଆସୁଥିବା ଯାତ୍ରୀବାହୀ ବସ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ନିରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ସତ୍ୟଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ପୋଲିସ ନିରଞ୍ଜନଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ସେହିପରି ଦୁର୍ଘଟଣାଗ୍ରସ୍ତ ବସ୍ ଓ ବାଇକ୍‌କୁ ଜବତ କରିଥିବା ସୂଚନା ମିଳିଛି।

# କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

ବେଲପାହାଡ଼, ୩।୧୧(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ ତେଲେନପାଲି ଧୋବାପଡ଼ା କମ୍ୟୁନିଟି ସେଣ୍ଟର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଜିଲା ପରିଷଦ ସଭ୍ୟା ପୁଷ୍ପଲତା ସେଠ ଏହାକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଜକ ସେବା ସଂଘର କେନ୍ଦ୍ରୀୟ କମିଟି ସଭାପତି ରାଜେଶ କୁମାର ସେଠ, ମୁଖ୍ୟବକ୍ତା ସମ୍ପାଦକ ଜୟକୃଷ୍ଣ ସେଠ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ଉପସଭାପତି ଉମେଶ କୁମାର ସେଠ, କେନ୍ଦ୍ରୀୟ କୋଷାଧ୍ୟକ୍ଷ ଅଭିନ୍ନ ଚନ୍ଦ୍ର ସେଠ, ଝାରସୁଗୁଡ଼ା ଜିଲା କମିଟି ସଭାପତି ଚନ୍ଦ୍ରମଣି ସେଠ, ସମ୍ପାଦକ କିଶୋର ସେଠ, ସମ୍ବଲପୁର ଜିଲା କମିଟି ସଭାପତି ରମେଶ ଚନ୍ଦ୍ର ସେଠ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଜିଲା ଉପଦେଷ୍ଟା ଶିବଶଙ୍କର ସେଠ, କୋଷାଧ୍ୟକ୍ଷ ପୂର୍ଣ୍ଣେନ୍ଦୁ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ତେଲେନପାଲି ଆଞ୍ଚଳିକ କମିଟି ସଭାପତି ରାଜେନ୍ଦ୍ର ସେଠଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହକୁ ଆଞ୍ଚଳିକ ସମ୍ପାଦକ ବିଜୟ ସେଠ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଈଶ୍ୱର ସେଠ ଧନ୍ୟବାଦ ଦେଇଥିଲେ।

# ଚୋରି ମୋବାଇଲ ହସ୍ତାନ୍ତର ମେଳା



ଏସ୍‌ପି ଜଣେ ବ୍ୟକ୍ତିଙ୍କୁ ଚୋରି ମୋବାଇଲ ହସ୍ତାନ୍ତର କରୁଛନ୍ତି।

ଝାରସୁଗୁଡ଼ା, ୩।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ଚୋରି ହୋଇଥିବା ମୋବାଇଲକୁ ପୋଲିସ ଜବତ କରି ମାଲିକମାନଙ୍କୁ ହସ୍ତାନ୍ତର କରିଛି। ଏଥିପାଇଁ ଝାରସୁଗୁଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଏକ ମେଳା ଆୟୋଜନ କରାଯାଇଥିଲା। ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଯୋଗଦେଇ ଜବତ ମୋବାଇଲକୁ ମାଲିକମାନଙ୍କୁ ହସ୍ତାନ୍ତର କରିଥିଲେ। ସୂଚନାଯୋଗ୍ୟ, ଗତ ଦିନରେ ବିଭିନ୍ନ ଥାନା ଅଞ୍ଚଳରୁ ଚୋରି ହୋଇଥିବା ମୋବାଇଲ ଜବତ କରିବା ପାଇଁ ଏସ୍‌ପି ରାଘବେନ୍ଦ୍ର ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୦୧ଟି ମୋବାଇଲ ଜବତ କରିଥିଲା। ସେଗୁଡ଼ିକୁ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଆଗାମୀ ଦିନରେ କାହାରି ମୋବାଇଲ ଚୋରି କିମ୍ବା ହଜିଗଲେ ତୁରନ୍ତ ସାଇବର କ୍ରାଇମ୍ ପୋର୍ଟାଲ ଅବା ଜିଲା ସାଇବର ସେଲ୍‌କୁ ଯୋଗାଯୋଗ କରିବା ପାଇଁ ଏସ୍‌ପି ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜେମ୍ସ ସମାଦ ଓ ମଧୁସ୍ମିତା ମିଶ୍ର, ଏସ୍‌ଡିପିଓ ଉମାଶଙ୍କର ସିଂ, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ ଉପସ୍ଥିତ ଥିଲେ।

# ଆମିଷ ବିକ୍ରି ଗୃହ ନିର୍ମାଣ ପାଇଁ ଦାବିପତ୍ର

ଝାରସୁଗୁଡ଼ା, ୩।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସୁନାରୀମୁଣ୍ଡାରେ ଆମିଷ ବିକ୍ରି ଗୃହ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇଛି। ତୁରନ୍ତ ଉକ୍ତ ସ୍ଥାନରେ ଆମିଷ ବିକ୍ରି ଗୃହ ନିର୍ମାଣ ପାଇଁ ଝାରସୁଗୁଡ଼ା ଜିଲା ଆମିଷ ବ୍ୟବସାୟୀ ସଂଘ ପକ୍ଷରୁ ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ଅଗଷ୍ଟରେ ନଗର ଉନ୍ନୟନ ମନ୍ତ୍ରୀ ଓ ଝାରସୁଗୁଡ଼ା ବିଧାୟକଙ୍କ ଦ୍ୱାରା ସୁନାରୀମୁଣ୍ଡା ପେଟ୍ରୋଲ ପମ୍ପ ନିକଟରେ ନୂତନ ଆମିଷ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ତାହାର ନିର୍ମାଣକାର୍ଯ୍ୟ ଆରମ୍ଭ ହୋଇନାହିଁ। ଏଥିଯୋଗୁ ସରବାହାଲ ଅଞ୍ଚଳର ରାସ୍ତାକଡ଼ରେ ଆମିଷ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏପରି କି ଆମିଷ କିଣିବାକୁ ଆସୁଥିବା ଗ୍ରାହକଙ୍କୁ ମଧ୍ୟ ଗାଡ଼ି ରଖିବା ପାଇଁ ଅସୁବିଧା ହେଉଛି। ଏଣୁ ତୁରନ୍ତ ଆମିଷ ବିକ୍ରି ଗୃହ ନିର୍ମାଣ କରି ବ୍ୟବସାୟୀଙ୍କୁ ବଣ୍ଟନ କରିବା ପାଇଁ ବ୍ୟବସାୟୀ ସଂଘ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଆମିଷ ବ୍ୟବସାୟୀ ସଂଘ ସଭାପତି ଉମେଶ କୁମାର ନାଇକ, ଉପସଭାପତି ଆସିଫ କୈଫ ଖାନ୍, ସମ୍ପାଦକ ଭକ୍ତଚରଣ ଦେହେରି ପ୍ରମୁଖ ଉପସ୍ଥିତ ଥିଲେ।

# ୭ରୁ ସାଂସଦ ଖେଳ ମହୋତ୍ସବ

ସମ୍ବଲପୁର,୩।୧୧(ଭବାନୀ ଶଙ୍କର ଭୋଇ)

ଗାଁ ଓ ସହରାଞ୍ଚଳରୁ ଲୁକ୍କାୟିତ କ୍ରୀଡ଼ାବିତଙ୍କୁ ଚିହ୍ନଟ କରିବା ଲକ୍ଷ୍ୟରେ ଆସନ୍ତା ୭ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଲୋକ ସଭା କ୍ଷେତ୍ରରେ ସାଂସଦ ଖେଳ ମହୋତ୍ସବ ଆୟୋଜିତ ହେବ। ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପକ୍ଷରୁ ସୋମବାର ଦିଆଯାଇଥିବା ସୂଚନା ଅନୁସାରେ ଆଗାମୀ ୭ ତାରିଖରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ପାଇଁ ଦେବଗଡ଼ ଜିଲାର ତିଲେଇବଣିସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଏହି ମହୋତ୍ସବର ଶୁଭ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ଏହାବ୍ୟତୀତ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ପାଇଁ ନଭେମ୍ବର ୧୧ରେ ଢେଙ୍କାନାଳ ଷ୍ଟାଡିୟମରେ ଉଦ୍‌ଘାଟନୀ ସମାରୋହ ଆୟୋଜନ କରାଯିବ। ମୋଟ ୧୯ ଦିନ୍ଧ ଧରି ଚାଲିବାକୁ ଏହି ସାଂସଦ ଖେଳ ମହୋତ୍ସବ ସମ୍ବଲପୁର ଓ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ଅନୁଗୋଳ, ଢେଙ୍କାନାଳ ଏବଂ ଦେବଗଡ଼ ଜିଲାର ବିଭିନ୍ନ ବ୍ଲକରେ ଆୟୋଜନ କରାଯିବା କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ବିକଶିତ ଭାରତ ପାଇଁ ସୁସ୍ଥ ରହିବେ ଯୁବବର୍ଗ ଥିମରେ ଆୟୋଜିତ ଏହି ମହୋତ୍ସବ ଦେଶର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ଭାବନାକୁ ଉଜ୍ଜୀବିତ କରିବାକୁ ପ୍ରୟାସ କରାଯିବ। ଜାତୀୟ ଶିକ୍ଷାନୀତିରେ କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା ଉପରେ ଦିଆଯାଇଥିବା ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି ମହୋତ୍ସବ ଛାତ୍ରୀଛାତ୍ରଙ୍କୁ ଶାରୀରିକ ଏବଂ ମାନସିକସ୍ତରରେ ସୁଦୃଢ଼ କରିବାରେ ସହାୟକ ହେବ। କନିଷ୍ଠ ବିଭାଗରେ ୧୪ରୁ ୧୭ ବର୍ଷ ଏବଂ ବରିଷ୍ଠ ବିଭାଗରେ ୧୮ରୁ ୨୩ ବର୍ଷ ପାଇଁ କ୍ରୀଡ଼ା ପ୍ରତିଯୋଗିତା ହେବ। ୧୪ରୁ ୧୭ ବର୍ଷ ପାଇଁ ୧୦୦ ଓ ୨୦୦ ମିଟର ଦୌଡ଼, ଡିସକସ ଥ୍ରୋ, ଶଟପୁଟ ଏବଂ ଖୋଖୋ ପ୍ରତିଯୋଗିତା, ୧୮ରୁ ୨୩ ବର୍ଷର ଖେଳାଳିମାନେ ୧୦୦ ଓ ୨୦୦ ମିଟର ଦୌଡ଼, ଡିସକସ ଥ୍ରୋ, ସଟପୁଟ ଏବଂ କବାଡ଼ି ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରଦର୍ଶନ କରିବେ।

# 'କଠିନ ପରିଶ୍ରମ କଲେ ସଫଳତା ମିଳିବ'



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବେଲପାହାଡ଼, ୩।୧୧(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ଶିକ୍ଷା କାର୍ଯ୍ୟାଳୟ, ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ କ୍ରୋସାକିର ମିଳିତ ଆନୁକୂଲ୍ୟରେ ଗୁମାଡେରାସ୍ଥିତ ଜୁବିଲି ହଲଠାରେ ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୧୦୦ ଜଣ ଏ–୧ ଆକାଂକ୍ଷୀ ଛାତ୍ରୀଛାତ୍ରଙ୍କୁ ନେଇ ତ୍ରିଦିବସୀୟ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ ଯୋଗଦେଇ କହିଛନ୍ତି, ନିୟମିତ ପ୍ରସ୍ତୁତି, ଦୃଢ ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ କଲେ ସଫଳତା ମିଳିବ। ଏଥିରେ ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବିଇଓ ଅନିଲ କୁମାର ପଟେଲ, ଲଖନପୁର ବିଇଓ ରାଜେନ୍ଦ୍ର ପ୍ରସାଦ ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ନିରୋଜ କୁମାର ପଟେଲ, ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀର ପିଆର୍ ଆଣ୍ଡ ସିଏସ୍‌ଆର୍ ଜେନେରାଲ ମ୍ୟାନେଜର ଡ. ସନ୍ତୋଷ କୁମାର ମିଶ୍ର, ଦୀପକ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବେଲପାହାଡ଼ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ସଞ୍ଚାଳନ ଓ ଶିକ୍ଷକ କୁଶ ସା ଧନ୍ୟବାଦ ଦେଇଥିଲେ। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ମାର୍ଗଦର୍ଶନ ଏବଂ ଜିଲା ଶିକ୍ଷା ଅଧିକାରୀ ଗଡ଼ତିଆଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କର୍ମଶାଳା ଆୟୋଜନ କରାଯାଉଛି। ଏହାର ସଫଳ ରୂପାୟନ ପାଇଁ ଶିକ୍ଷକ ସଚିନ୍ଦ୍ର ପଟେଲ, ରମେଶ ଖମାରୀ, ଚୁନା ରଣା, କୁଶ ସା, ପ୍ରମୋଦ ପଟେଲ, ବିପ୍ଳବ ପାତ୍ର , ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ଜୟଶଙ୍କର ନାଗ, ଗୋବର୍ଦ୍ଧନ ସା, ଭାରତୀ ଭୋଇ, ଅରୁଣ ଭୋଇ, ଶିବଶଙ୍କର ମେହେର, ସବିତା ସାହୁ, ସୁଜିତ୍ ପଧାନ, ପିଣ୍ଟୁ ପଧାନଙ୍କୁ ସାଧନ କର୍ମୀ ଭାବେ ନିଯୁକ୍ତ କରାଯାଇଛି।

# ସମସ୍ୟା ସମାଧାନ ପାଇଁ ୨୪ରେ ଗଣଧାରଣା

ଝାରସୁଗୁଡ଼ା,ଲଖନପୁର,
ବେଲପାହାଡ,୩।୧୧(ଆଶିଷ ରଞ୍ଜନ ଦାଶ/ଗୌତମ ସାହୁ/ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ଲଖନପୁର ବଜାର ପଡିଆରେ ସୋମବାର ଅପରାହ୍ନ ୨ଟାରେ ହୀରାକୁଦ ବୁଡିଅଞ୍ଚଳ ସଂଗ୍ରାମ ସମିତି କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଡି ଅଞ୍ଚଳ ସଂଗ୍ରାମ ସମିତି ସଭାପତି ତପି ବାଗ ସଭାପତିତ୍ୱ କରିଥିଲେ। ବୈଠକରେ ହୀରାକୁଦ ବୁଡିଅଞ୍ଚଳ ପ୍ରତି ପରିବାରକୁ ୧୦ ଡିସିମିଲ ଲେଖାଏ ଘରଡିହ ଜମିପଟ୍ଟା ପ୍ରଦାନ, ମତ୍ସ୍ୟଜୀବୀଙ୍କ ସମସ୍ୟା ସମାଧାନ ପାଇଁ ଆସନ୍ତା ୨୪ରେ ଲଖନପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପାଇଁ ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବୈଠକର ଆଲୋଚନା ମଧ୍ୟରେ ସମିତି ସମ୍ପାଦକ ଗୋପୀନାଥ ମାଝୀ ସରକାରଙ୍କ ନୀତିଗତ ନିଷ୍ପତ୍ତି ପରେ ମଧ୍ୟ ବିସ୍ଥାପିତଙ୍କୁ ଘରଡିହ ଜମିପଟ୍ଟା ପ୍ରଦାନ ଦିଗରେ ଜିଲା ପ୍ରଶାସନର ଅହେତୁକ ବିଳମ୍ବ ସଙ୍ଗେ ସଙ୍ଗେ ବିସ୍ଥାପିତ ପ୍ରମାଣ ପତ୍ର ଆଳରେ ବିସ୍ଥାପିତଙ୍କୁ ଘରଡିହ ଜମିପଟ୍ଟା ପାଇବାରୁ ବଞ୍ଚିତ ରଖାଯାଇଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ବିସ୍ଥାପିତ ପ୍ରମାଣ ପତ୍ରପାଇଁ ଲୋକଙ୍କୁ ବାଧ୍ୟ କରା ନ ଯାଇ ଦରଖାସ୍ତକାରୀଙ୍କୁ ଗ୍ରାମ୍ୟ କମିଟିର ସୁପାରିଶ ଆଧାରରେ ଜମିପଟ୍ଟା ପ୍ରଦାନ କରାଯାଉ ବୋଲି ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ନିଆଯାଇଛି। କିଛିଦିନ ହେବ ୧୭ଟି ଅଣରାଜସ୍ୱ ଗ୍ରାମର ଲୋକଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି। ହେଲେ ତାହାର କମ୍ପ୍ୟୁଟରୀକରଣ କରାଯାଇ ନ ଥିବାରୁ ସେହିଜମିର ନେଟ୍‌ପଟ୍ଟା ମିଳିପାରୁନାହିଁ। ଫଳରେ ଉକ୍ତ ଜମିପଟ୍ଟାଗୁଡିକ ଧାନ କିଣାବିକା କିମ୍ବା ଅନ୍ୟାନ୍ୟ ସରକାରୀ କାମ ପାଇଁ ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ। ଏଣୁ ଅତିଶୀଘ୍ର ଉକ୍ତ ପଟ୍ଟାକୁ କାର୍ଯ୍ୟକାରୀ କରିବା ପାଇଁ ଦାବି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।


ବୈଠକରେ ଉପସ୍ଥିତ ଜନସାଧାରଣ।

ହୀରାକୁଦ ଜଳଭଣ୍ଡାରରୁ ମାଛ ଧରିବା କ୍ଷେତ୍ରରେ ସ୍ଥାନୀୟ ମତ୍ସ୍ୟଜୀବୀ ପରିବାରକୁ ଅଗ୍ରାଧିକାର ଦିଆଯିବା ସହିତ ଅଣ ମତ୍ସ୍ୟଜୀବୀଙ୍କ ପ୍ରବେଶକୁ ବାରଣ କରାଯିବା, ମତ୍ସ୍ୟଜୀବୀଙ୍କଠାରୁ ଉଚିତ୍ ମୂଲ୍ୟରେ ମାଛ କିଣିବା ପାଇଁ ସରକାର ପ୍ରୟାସ କରିବା ନେଇ ଦାବି ରଖାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏଣୁ ଏହି ସମସ୍ତ ସମସ୍ୟା ସମାଧାନ ପାଇଁ ହୀରାକୁଦ ବୁଡିଅଞ୍ଚଳ ସଂଗ୍ରାମ ସମିତି ସରକାରଙ୍କ ନିକଟରେ ଉପଯୁକ୍ତ ଦାବି ଜଣାଇବା ସଙ୍ଗେ ସଙ୍ଗେ ପୂର୍ବପରି ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରିବା ଲାଗି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ସମିତି ସମ୍ପାଦକ ଗୋପୀନାଥ ମାଝୀ, ଦ୍ୱାରିକା ପ୍ରସାଦ ସା, ଡିଗ୍ରୀଲାଲ ସେଟ, କ୍ଷେତ୍ରବଳ କାସିପଲିଆ, ସଂକୀର୍ତ୍ତନ କୁମୁରା, ମକର୍ଧଜ ରୋହିଦାସ, ପଞ୍ଚାନନ ରୋହିଦାସ, କରୁଣାକର ସା, କୈଳାସ କୁମୁରା, ଶତ୍ରୁଘନ ମୁଣ୍ଡା, ଜୁହାନ ମୁଣ୍ଡା, କେଦାର ନାଥ ଧୁରୁଆଙ୍କ ସମେତ ସମିତିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ୧ ୧ରୁ ଗଣଧାରଣା ଚେତାବନୀ

## ହଲଦୀଝରିଆ ଗ୍ରାମର ସମସ୍ୟା ସମାଧାନ ଦାବି

ହେମଗିର,୩।୧୦(ଚୈତନ୍ୟ ପଟେଲ)


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ଝାରପଲମ ପଞ୍ଚାୟତର ଏକ ଗାଁ ହେଉଛି ହଲଦୀଝରିଆ। ଜାମକାନୀ ଠାରୁ ମାତ୍ର ଅଳ୍ପ କିଛି ଦୂରରେ ରହିଛି ଏହି ଗ୍ରାମ। ଏହି ଗ୍ରାମରେ ନା ଅଛି ଭଲ ରାସ୍ତା ନା ମିଳୁଛି କୌଣସି ମୌଳିକ ସୁବିଧା। ଏନେଇ ଶୁକ୍ରବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବସୁନ୍ଧରା ଜୋନ କମିଟି ପକ୍ଷରୁ ଏକ ଦାବି ପତ୍ର ବିଡିଓ ରିନା ନାଏକଙ୍କୁ ଦିଆଯାଇଛି। ରାସ୍ତା ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥା , ଗାଧୁଆ ପୋଖରୀ ଖନନ , ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାପନ, ବିଦ୍ୟୁତ୍ ସଂଯୋଗ, ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଓ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଆଦି ସମସ୍ୟାର ସମାଧାନ ପାଇଁ ଅନେକଥର ଗ୍ରାମବାସୀ ପ୍ରଶାସନକୁ ଜଣାଇଥିଲେ ମଧ ଏହାର ସମାଧାନ ହୋଇପାରି ନାହିଁ। ଏହି ସମସ୍ୟା ଗୁଡିକର ସମାଧାନ ଶୀଘ୍ର କରିବା ପାଇଁ ଦାବି କରିବା ସହ ଦାବି ପୂରଣ ନ ହେଲେ ନଭେମ୍ବର ୧୧ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଡ଼ିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଅବସରରେ ରାଜେନ୍ଦ୍ର ନାଏକ, ରମେଶ ଜୟପୁରୀଆ, ରାଧେଶ୍ୟାମ ଗରଡ଼ିଆ,ସୁକଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ରେ ଏବିଭିପିର ବିଭାଗ ଅଭ୍ୟାସ ବର୍ଗ




ସୁନ୍ଦରଗଡ,୩।୧୧(ଜୟ ନାରାୟଣ ମେଣ୍ଡୁଲି)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସୁନ୍ଦରଗଡ଼ ବିଭାଗ (ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ରାଉରକେଲା) ପକ୍ଷରୁ ୨ ଦିନିଆ ବିଭାଗ ଅଭ୍ୟାସ ବର୍ଗ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ରଙ୍କ ଭିତରେ ଦେଶ ପ୍ରେମ ଭାବନା ଜାଗୃତ କରିବା, ନେତୃତ୍ୱ ବିକାଶ କରିବା, ରାଷ୍ଟ୍ରୀୟ ଶିକ୍ଷା ନୀତି, ଜୀବନରେ ଅନୁଶାସନ ଶିଖେଇବା ଭଳି ଅନେକ ବିଷୟ ନେଇ ୨ ଦିନ ଧରି ଆଲୋଚନା ଥିଲା। ଏଥିରେ ସୁନ୍ଦରଗଡ, ରାଉରକେଲା ଓ ଝାରସୁଗୁଡ଼ା ଜିଲାର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ପ୍ରଶିକ୍ଷଣ ଶିବିର ନଭେମ୍ବର ୧ ସନ୍ଧ୍ୟାରେ ଆରମ୍ଭ ହୋଇଥିଲା। "ଉଦଘାଟନୀ" ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଏବିଭିପି ଓଡ଼ିଶା ରାଜ୍ୟ ସଭାପତି ଡ. ସଞ୍ଜୀବ କୁମାର ନାଏକ, ବିଭାଗ ପ୍ରମୁଖ ପ୍ରଫୁଲ୍ଲ ଧୁରୁଆ, ବିଭାଗ ସଙ୍ଗଠନ ସମ୍ପାଦକ ଜୀବନ ଜ୍ୟୋତି ରାଉତ, ବିଭାଗ ସହ ସଂଯୋଜକ ବାପୁନ ପଶାୟତ ପ୍ରମୁଖ ମଞ୍ଚାସୀନ ଥିଲେ । ନଭେମ୍ବର ୨ରେ "ବିଚାର କନିକା" ସତ୍ର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସୁନ୍ଦରଗଡ କର୍ଯ୍ୟବାହ ରତ୍ନାକର ବେହେରା "ପଞ୍ଚ ପରିବର୍ତ୍ତନ" ର ସମରସତା ବିଷୟରେ ବକ୍ତବ୍ୟ ରଖିଥିଲେ। ଏବିଭିପିର କର୍ମ ବିକାଶ ଭୂମିକା ସମ୍ପର୍କରେ ଏବିଭିପି ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ସଂଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ବକ୍ତବ୍ୟ ରଖିଥିଲେ। ଏହି ବିଭାଗ ଅଭ୍ୟାସ ବର୍ଗରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ୨ ଦିନ ଧରି ପ୍ରଶିକ୍ଷିତ ହୋଇଥିଲେ। କାର୍ଯ୍ୟକ୍ରମକୁ ବିଭାଗ ସଂଯୋଜକ ଗୋପାଳ ନାଏକ, ଜିଲା ସଙ୍ଗଠନ ସମ୍ପାଦକ ନାରାୟଣ ବେହେରା, ଜିଲା ସଭାପତି ଶୁଭ୍ରାଂଶୁ ସାମନ୍ତରାୟ, ଜିଲା ସଂଯୋଜକ ରୁମକି ନାଏକ, ଗୋବର୍ଦ୍ଧନ ବାରିକ, ତପନ ମେହେର, ଶୁଭମ ମହାକୁଲ, ସସ୍ମିକା ମେହେର, ଅଲଙ୍କିତା ପଟ୍ଟନାୟକ, ନିକିତା ପ୍ରଧାନ, ସୋନିଆ ସାହୁ, ଜ୍ୟୋତି ପଟେଲ, ଜ୍ୟୋର୍ତିମୟୀ ନାଏକ, ଜ୍ୟୋତି ଛତ୍ରିଆ, ଧନଞ୍ଜୟ କୁମାର ମାଝୀ, ପିଣ୍ଟୁ ଓରାମ, ଜଗନ୍ନାଥ, ଅଭିଜିତ ଓରାମ, ଅମିତ ଓ ବିଦ୍ୟାର୍ଥୀ ପରିଷଦର ପୁରାତନ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

# କିଟ୍ ଚାମ୍ପିୟନ, ସୁନ୍ଦରଗଡ଼ ଜିଲା କନିଷ୍ଠ ବାଳିକା ସିପକଟାକ୍ରୋ ଦଳ ଉପ ବିଜେତା

ସୁନ୍ଦରଗଡ଼,୩।୧୧(ଜୟ ନାରାୟଣ ମେଣ୍ଡୁଲି)



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ସୁନ୍ଦରଗଡ ଜିଲା ଯୋଗୀମାଲ ନିକଟସ୍ଥ ତେନ୍ତୁଳି ହନୁମାନ ମନ୍ଦିର ପରିସରରେ ଚାଲିଥିବା ୨ ଦିବସୀୟ ୨୪ ତମ ଆନ୍ତଃ ଜିଲା କନିଷ୍ଠ ସିପକଟାକ୍ରୋ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ୨୦ ଟି ଜିଲାରୁ ବାଳିକା ଓ ବାଳକ ଖେଳାଳି ଅଂଶ ଗ୍ରହଣ କରି ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚ ବାଳିକା ବିଭାଗରେ କିଟ ଚାମ୍ପିୟନ ହୋଇଥିବା ବେଳେ ସୁନ୍ଦରଗଡ଼ ଉପ ବିଜେତା ହୋଇଛି। ବାଳକ ବିଭାଗରେ କିସ ଏବଂ କିଟ ଚାମ୍ପିୟନ ଓ ଉପ ବିଜେତା ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ଯୋଗଦାନ କରି ଆୟୋଜକ ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିଥିଲେ। ସିପକଟାକ୍ରୋ ଖେଳ ପାଇଁ ଯାହା ସବୁ ଦରକାର ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭଷ୍ମା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡ଼ା, ହକି ସଂଘ ସଭାପତି ରାମେଶ୍ୱର ଟପ୍ପୋ ଉପସ୍ଥିତ ଥିଲେ। ଓଡ଼ିଶା ରାଜ୍ୟ ସିପକଟାକ୍ରୋ ସଂଘ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁ ବିବରଣୀ ପାଠ କରିଥିଲେ। ଟେକ୍ନିକାଲ ଅଫିସର ଆନ୍ତର୍ଜାତୀୟ ରେଫରୀ ବ୍ରଜ ମୋହନ ସାହୁ ଓ ରାମ ଚନ୍ଦ୍ର ବାରିକ, ଜାତୀୟ ରେଫରୀ କିରଣଶିଳା ବାର୍ଲା, କେ ଭି ରାଜଶେଖର, ଗୌରାଙ୍ଗ ଚନ୍ଦ୍ର ନାୟକ, ଷ୍ଟେଟ ରେଫରୀ ହୁତାଶନ ଦଣ୍ଡସେନା, ବିକାଶ କୁଆଁ, ରସାନନ୍ଦ ମହାନନ୍ଦିଆ ଓ ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ ଖେଳ ପରିଚାଳନା କରିଥିଲେ। ସୁନ୍ଦରଗଡ଼ ଜିଲା ସିପକଟାକ୍ରୋ ସଂଘ ସଭାପତି ସିଦ୍ଧାର୍ଥ ବକ୍ସି, ସମ୍ପାଦକ ସୁଶାନ୍ତ କୁମାର ଷଡ଼ଙ୍ଗୀ, ସହ ସମ୍ପାଦକ ରୂପକ କୁମାର ପ୍ରସାଦ, ଉପଦେଷ୍ଟା ରଥ ଖାଲକୋ, ଜନ ସେବା ସମିତିର ସଭାପତି ନଳିନ କୁମାର ପଟେଲ, ରାଜ୍ୟ ଉପ ସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତି, ଅଫିସ ସେକ୍ରେଟାରୀ ବିଶନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ଆୟୋଜକ ସେକ୍ରେଟାରୀ ଲିପ୍ସା ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ସଫଳ ହୋଇଥିଲା। ଶେଷଦେବ ନନ୍ଦ ଓ ଚନ୍ଦ୍ରମଣି ତାଜନ ମଞ୍ଚ ପରିଚାଳନା କରିଥିବା ବେଳେ କୋଷାଧକ୍ଷ ନିରଜ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲାର ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଯୁବକଙ୍କୁ ହତ୍ୟା ସନ୍ଦେହ ଘଟଣା,ଉଚ୍ଚ ସ୍ତରୀୟ ତଦନ୍ତ ଦାବି

ବଡ଼ଗାଁ, ୩।୧୧(ଅଶୋକ ଷଡଙ୍ଗୀ) : ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଗଙ୍ଗାଜଳ ନିକଟ ଭାଟିପଡାରେ ଗତମାସ ୨୫ ତାରିଖରେ ଅରୁଣ କେରକେଟା (୧୮) ଙ୍କ ମୃତ ଦେହ ତାଙ୍କ ଘରୁ ପୋଲିସ ଜବତ କରିଥିଲା। ସେତେବେଳେ ଏହି ଘଟଣାକୁ ନେଇ ଅରୁଣଙ୍କ ମା' ସୁନିତା କେରକେଟା ପୁଅକୁ ହତ୍ୟା କରାଯାଇଥିବା ସନ୍ଦେହ କରି ୨୬ ତାରିଖ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସାଇଣ୍ଟିଫିକ ଟିମ ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିଲେ। ଏହି ଘଟଣାକୁ ନେଇ ଗଙ୍ଗାଜଳ ଗ୍ରାମରେ ଗ୍ରାମବାସୀଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଘଟଣା ବିଷୟରେ ଗ୍ରାମବାସୀମାନେ ଆଲୋଚନା କରିଥିଲେ। ସନ୍ଦେହ କରି ୨ ନାବାଳକ ଓ ଜଣେ ଯୁବକଙ୍କୁ ସର୍ବସମ୍ମୁଖରେ ଘଟଣା ବିଷୟରେ ପଚରାଯିବାରୁ ସେମାନେ ନିର୍ଦ୍ଦୋଷ ବୋଲି ବୟାନ ଦେଇଥିଲେ। ଏଣୁ ଗ୍ରାମବାସୀ ମାନେ ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ଆବଶ୍ୟକ ଥିବା ନିଷ୍ପତ୍ତି ନେଇଥିଲେ। ସୋମବାର ଗ୍ରାମର ମୁଖିଆ ଜିମ ଟପ୍ପୋ, ଓୟେସିସ କୁଲୁ, ଶୁଶିଲ କୁଲୁ, ସୁରତ କେରକେଟା ମୃତ ଯୁବକଙ୍କ ମା' ସୁନିତାଙ୍କ ସହିତ କେତେକ ଗ୍ରାମବାସୀ ବଡ଼ଗାଁ ଥାନାକୁ ଆସି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ଦାବିକରିଛନ୍ତି। ଉପସ୍ଥିତ ପୋଲିସ ଅଧିକାରୀ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିବା ସହ ଏହି ରିପୋର୍ଟ ୧୦ ତାରିଖ ଭିତରେ ଆସିବ କହିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ ଯୋଗ୍ୟ ଯେ, ଅରୁଣ ମୃତ୍ୟୁ ଘଟଣା ସ୍ଥାନୀୟ ଗ୍ରାମବାସୀମାନଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଛି।


## GOVERNMENT OF ODISHA
Email:eekrcbdbasudevpur@gmail.com
## OFFICE OF THE SUPERINTENDING ENGINEER, KANUPUR REHABILITATION, CAMPS & BUILDING DIVISION
At/PO- Basudevpur, Dist-Keonjhar, PIN-758047
e-PROCUREMENT NOTICE
No.A-
Bid Identification No.SE,KRC & BD-17/2025-26

| Sl. No. | Name of Work | Approx. value of work (Rs. in lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & Address of the division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of basic amenities in the premises of UGME School at R&R colony Birikala for the DPs of village Birikala & Gobindapur of KIP" | 44.80 | 44850.00 | 6,000.00 | 08 (Eight) Calendar Months | "B" | Kanupur Reh. Camps & Building Division, At/PO-Basudevpur, Dist-Keonjhar |
| 02 | Construction of kitchen & store room of U.G.M.E. school Dadun at Dhobalabeda R&R Colony (Daduan) for the DPs of village Daduan of K.I.P" | 17.10 | 17100.00 | 6,000.00 | 06 (Six) Calendar Months | "C" & "D" | Kanupur Reh. Camps & Building Division, At/PO-Basudevpur, Dist-Keonjhar |
| 03 | "Construction of Kothi Ghara (Thakurani) at Dhobalabeda (Daduan) R&R Colony for the DPs of village Daduan of K.I.P." | 11.30 | 11300.00 | 6,000.00 | 06 (Six) Calendar Months | "C" & "D" | Kanupur Reh. Camps & Building Division, At/PO-Basudevpur, Dist-Keonjhar |
| 04 | "Construction of Kirtan Mandali house at Dhobalabeda (Daduan) R&R Colony for the DPs of village Daduan of K.I.P. | 10.35 | 10350.00 | 6,000.00 | 06 (Six) Calendar Months | "C" & "D" | Kanupur Reh. Camps & Building Division, At/PO-Basudevpur, Dist-Keonjhar |

| Procurement Officer | Bid Identification No. | Availability of tender online for bidding | | Date & Time of opening of tender | | Place of Opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C&B Division, Basudevpur, Dist-Keonjhar | SE, KRC & BD-17/ 2025-26 | 04.11.25 From 10.00 Hours | 14.11.25 Upto 17.00 Hours | 15.11.25 | 11.00 Hours | O/o the Superintending Engineer, Kanupur Reh. C&B Division, Basudevpur, Dist-Keonjhar |

Sd./- Superintending Engineer
Kanupur Reh. C & B Division, Basudevpur
OIPR-

## ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness
No.CAD-2153:
E-PROCUREMENT NOTICE

| Sl. No. | NIT No. | Job Description | Availability of Tender Document | Bid Due Date |
|---|---|---|---|---|
| 1 | OMC/ E- PROC/C&P/ 025/ 2025-26, Dtd.30/10/2025 | Providing BLS (Basic Life Support) Ambulance Service alongwith drivers and paramedics on monthly hiring basis across various locations of OMC Ltd. | 31.10.2025 | 29.11.2025 |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.
OIPR- Sd./- Head (C&P)

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION-I, BHADRAK
E-mail: ee_rwbdk@yahoo.com
"e" Procurement Notice for Road Works
Bid Identification No. Online Tender 10 of 2025-26
No.O-1277:1.Name of the Work : Roads, 2. Total No. of Works : 10 Nos., 3. Estimated Cost: Rs.5.08 Lakh to Rs.38.05 Lakh. 4. Class of Contractor: 'C', 'D' & 'B' Class, 5. Period of Completion: As per Annexure. 6. Type of Tender: Single Cover. 7. Other Details:

| Procurement Officer | Bid Identification No. | Availability of tender On-line for bidding | | Date of seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-I, Bhadrak | Online-10 of 2025-26 | 04.11.2025 At-11.00 A.M. | 13.11.25 At- 4.00 P.M. | 13.11.25 At-2.00 P.M. | 14.11.25 At-11.00 A.M. |

Further details can be seen from the e-procurement portal "https://tendersorissa.gov.in". N.B.:- Transparency Lottery date will be intimated later. Signed Scan Copy of Schedule "A", "E" & "F" Sheet is mandatory. Non submission of the sheet may cause rejection of the bid.
Sd./- Er. Ganesh Chandra Hembram
Executive Engineer, R.W.Division, Bhadrak
OIPR-

## OFFICE OF THE SUPERINTENDING ENGINEER, RURAL WORKS DIVISION NO-I, KEONJHAR
e-mail: eerw1_kjr@yahoo.com
1st Corrigendum to e-Procurement Notice for Building Works
Identification No. Online NCB-07 of 2025-26
O-1297: 1.The availability of tender online for bidding in column No.-3 & 4, Last date & Time of Seeking Tender Clarification in Column No-7 and Date & Time of Opening of Tender Column No-8 may be read as follows.
e-Procurement Notice No.07 of 2025-26

| Procurement Officer | Bid Identification No. | Availability of Tender on-Online for bidding as per Tender Notice | | As per Corrigendum the Availability of tender on-Online for bidding as per Corrigendum | | Last date & Time of seeking tender clarification | Date, Time & Place of Opening of Tender |
|---|---|---|---|---|---|---|---|
| | | From | To | From | To | | |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, R.W. Division, No-I, Keonjhar | Road Works of NCB-07/ 2025-26 | 31.10.2025 at 11.00 A.M. | 11.11.2025 upto 5.00 P.M. | 03.11.2025 at 11.00 A.M. | 13.11.2025 upto 5.00 P.M. | 12.11.2025 at 11.00 A.M | 14.11.2025 at 11 A.M. Office of the Superintending Engineer, R.W.Division, No-I, Keonjhar |

All other terms and conditions to the original e-procurement no-07 of 2025-26 will remain unchanged.
OIPR- Sd./- Superintending Engineer, R.W.Division-I, Keonjhar

## GOVERNMENT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION: RAYAGADA
e-mail ID: rw_rayagada@yahoo.co.in
Letter No.3491, Date:30.10.2025
CANCELLATION OF TENDER
No.O-1295: The tender for the work invited vide this office bid identification No.EERWRGD-Online-08/2025-26 invited vide this office letter No.3368, dated 24.10.2025 is hereby cancelled due to unavoidable circumstances.
Sd./- Executive Engineer
Rural Works Division, Rayagada
OIPR-

## Odisha State Museum
Kalpana Square, Bhubaneswar-751014
Tel-0674-2431597
Email-supdt.museum@hotmail.com, Website: www.odishamuseum.nic.in
TENDER CALL NOTICE
No.1599/OSM, dated 30.10.2025
No.RR-26:Sealed Tenders in confirmity with the terms, conditions and specifications in the tender documents are invited from reputed firms/agencies for: Supply and Installation of G.I. Creeper Shed made of G.I. Square Pipe 65x40mm (heavy) with G.I. flat bracing 25mmx6m top roof carving and covering with plastic jalli as per requiring size including painting installation with supply of all missionary work materials and transportation as per detailed specification.

| Sl. | Name of Work | Bid Security | Cost of Document | Period of Completion |
|---|---|---|---|---|
| 1 | Supply and Installation of G.I. Creeper Shed made of G.I. Square Pipe 65x40mm (heavy) with G.I. flat bracing 25mmx6m top roof carving and covering with plastic jalli as per requiring size including painting installation with supply of all missionary work materials and transportation as per detailed specification | EMD Rs.10000/- | Rs.2000.00 | 01 (One) Calendar Month |

* Availability of Tender in Odisha State Museum website: From 31.10.2025, 10.00 A.M. to 14.11.2025, 4.00 P.M. * Submission of Bid: From 31.10.2025, 10.00 A.M. to 14.11.2025, 4.30 P.M. * Date and Time of Opening of the Bid: 15.11.2025, at 11.30 A.M. Further details can be seen from the website www.odishamuseum.nic.in regularly for any amendment, corrigendum/cancellation of the tender)
Sd./- Superintendent of Museum
Odisha, Bhubaneswar
OIPR-

## OFFICE OF THE CHIEF CONSTRUCTION ENGINEER BALANGIR (R&B) CIRCLE, BALANGIR
E-mail ID: sepwdbalangir@gmail.com
CANCELLATION OF TENDER
In Bid Identification No.CCE(R&B) BGR/02/2024-25
Letter No.2142, Date:28.10.2025
No.B-660: The tender for the work: Construction of RCC Drain at different location inside Balangir town such as P.R.High School to Railway Station Road (From 0/500 Km to 1/500). Collector Res. to Railway Station Road via Mahalaxmi Nagar (from 0/0 Km to 0/470 Km). Approach Road to Circuit House (Bhagirathi Chowk to Circuit House from 0/450 Km to 1/350 Km) Ring Road from NH Office to Jail Back site from 6/615 to 7/115 Km). Balangir TTG NH to Bijakhaman to Rajib Nagar from 0/0 Km to 0.700 Km) in Bid Identification No.CCE (R&B) BGR/02/2024-25 is here by cancelled under technical and Administrative ground.
Sd./- Chief Construction Engineer
Balangir (R&B) Circle, Balangir
OIPR-

## RAYAGADA AUTONOMOUS COLLEGE
PO/Dist- RAYAGADA, 765001 (ODISHA)
NAAC ACCREDITED
Email: rayagadacollege@gmail.com,
Ph:06856-222130, Fax:06856-222130
Ref.No.2512/RAC/25 Date:29.10.25
RAYAGADA AUTONOMOUS COLLEGE, RAYAGADA
TENDER NOTICE
Advertisement No:02/OHEPEE/RAC/2025 Date:1.11.2025
No.CAD-2154: Sealed tenders are invited from registered supplier/ reputed firms/ dealers/ distributors having valid GST and PAN to provide or supply Air Conditioners and Security Guards.
The Sealed tender papers alongwith DD for Rs.500/- as tender fee and respective EMDs should reach the undersigned by 5.00 P.M. on 21.11.2025 by Regd. Post/ Speed Post/ Courier only. For details and tender document visit our website www.rayagadacollege.edu.in/tenders. All the terms and conditions of government shall be strictly adhered to for finalizing the tender and placing of orders.
Sd./- Principal
Rayagada Auto College, Rayagada
OIPR-

## ODISHA LIFT IRRIGATION CORPORATION LTD.
(A GOVT. OF ODISHA UNDERTAKING)
PLOT NO. 17/2, NAYAPALLI, BHUBANESWAR - 12
Phone No. : (0674)2390195, Fax No. : (0674)2395844,
e-Mail ID : olicltd123@bsnl.in, olicltd@ymail.com
Order No. IT-25/2025-8759/OLIC Date : 30.10.2025
No.CAD-2158: The Request for Proposal No.IT-25/2025-8359 dt.09.10.2025 towards selection of recruitment agency to conduct Computer Based Test (CBT) for recruitment to different posts for and on behalf of OLIC is hereby cancelled due to administrative reasons.
By order of Managing Director
Sd./- Executive Director (Tech)
OLIC Ltd, Bhubaneswar
OIPR-

## GOVERNMENT OF ODISHA
DEPARTMENT OF WATER RESOURCES,
## OFFICE OF THE ADDITIONAL CHIEF ENGINEER BALANGIR MINOR IRRIGATION CIRCLE, BALANGIR
e-Procurement Notice
e-Procurement Notice No.-BMIC-BLGR/01/2025-26
No.A-827 : The Additional Chief Engineer, Balangir M.I Circle, Balangir on behalf of Hon'ble Governor of Odisha invites **percentage rate bids in Double cover in ONLINE mode only** for the Construction of works detailed in the table from **"B & A"** Class Contractors registered with the State Government and contractors of equivalent Grade/Class registered with Central Government / M.E.S / Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.

1. Name of the works : Construction of Check Dams under M.I. Divisin, Balangir for the year 2025-26
2. Total No. of works : 02 (Two)
3. Estimated Cost : Varies from Rs.100.23 lakh to 112.43 lakh (Approximately)
4. Class of Contractor : Class "B & A"
5. Period of completion : Refer DTCN
6. Date & time of Availability of Bid Document in the Portal for online bidding : From 04.11.2025 at 10.00 A.M. to 13.11.2025 up to 5.00 P.M.
7. Last date/Time for receipt of Bid only in ONLINE : 13.11.2025 up to 5.00 P.M.
8. Date and place of Opening of Technical Bid : 14.11.2025 at 11.00 A.M. at Office of the Additional Chief Engineer, Balangir M.I, Circle, Balangir
9. Date/Time of Opening of Financial Bid : 18.11.2025
10. Date of Transparent Lottery (if cases arise) : 25.11.2025
11. Name & Address of the officer Inviting the Bid : Office of the Additional Chief Engineer, Balangir M.I Circle, balangir, Near Sub-Collector Office, Women's College Chowk, Dist.-Balangir, Pin-767001 E-mail ID : acemicbalangir2023@gmail.com

Further details can be seen from the "e" Procurement Portal https://tendersodisha.gov.in
Sd./- Additional Chief Engineer,
Balangir M.I. Circle, Balangir
OIPR-

## GOVT. OF ODISHA
No.A-794:
## OFFICE OF THE SUPERINTENDING ENGINEER BALASORE IRRIGATION DIVISION, BALASORE
e-Mail Id: eebid1234@gmail.com
'e'-Procurement Notice No.SEBID 01 of 2025-26

| | | |
|---|---|---|
| 1. | Procurement Officer | : Superintending Engineer, Balasore Irrigation Division, Balasore |
| 2. | Total No. of Works | : 14 (Fourteen) No. of Works |
| 3. | Estimated Cost | : Varies from Rs.33.75 Lakhs to Rs.83.28 Lakhs approximately (details can be seen in the DTCN of Bid documents of the respective works) |
| 4. | Class of Contractor | : (Details can be seen in the DTCN of bid documents of the respective works) |
| 5. | Bid Security | : Details can be seen in the DTCN of bid documents of the respective works |
| 6. | Period of Completion | : Details can be seen in the DTCN of bid documents respective works |
| 7. | Date & Time of availability of Bid: documents in the portal for Online bidding | : From dt.03.11.2025, 10.00 hours to 18.11.2025, upto 17.00 hours. |
| 8. | Last date/time for receipt of Bid only in online | : 18.11.2025 upto 17.00 hours |
| 9. | Date/Time of Opening Technical Bid (Cover-I) | : 19.11.2025 at 11.00 hours onwards at Office of the Superintending Engineer, Balasore Irrigation Division, Balasore |
| 10. | Date/Time of Opening Financial Bid for double Cover (Cover-II) | : To be intimated after Evaluation of Technical Bid |
| 11. | e-mail Id | : eebid1234@gmail.com |

Further details can be seen from the "e" Procurement Portal http://tendersodisha.gov.in.
Sd./- Superintending Engineer
Balasore Irrigation Division, Balasore
OIPR-

## Government of Odisha
## OFFICE OF THE CHIEF CONSTRUCTION ENGINEER CUTTACK (R&B) CIRCLE, CUTTACK
E-mail ID- sectcrb_2006@yahoo.co.in
Tel/Fax- 0671-2301751/2302751
('e'-PROCUREMENT NOTICE)
Bid Identification No.CCE.Ctc.(R&B) 8/2025-26
No.B-624:1) The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on percentage rate basis bid in double cover system in ONLINE MODE from eligible contractors for Road Works as mentioned below.
2. No. of Work : 07 Nos. 3. Nature of Work : Road Works. 4. Class of Contractor: **'B', 'A' & Special Class**. 5. Tender Paper Cost: Rs.10000 **(Online)** 6. Available of bid document in the website: **From 04.11.2025 to 17.30 Hours of 18.11.2025**. 7. Date of Opening of Bid: **Dt.19.11.2025 at 11.00 Hours**. 8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.
Sd./- Chief Construction Engineer
Cuttack (R&B) Circle
OIPR-

## Brahmapur Municipal Corporation
RFP No.15945 Date:31.10.2025
REQUEST FOR PROPOSAL (RFP)
FOR CONSTRUCTION AND SETTING UP OF ANIMAL CARCASS INCINERATION PLANT IN BRAHMAPUR FOR SMALL ANIMALS INCLUDING SUPPLY, INSTALLATION, OPERATION, MAINTENANCE AND MANAGEMENT FOR 5 YEARS
No.C-1368: Commissioner, Brahmapur Municipal Corporation, invites proposals from reputed Agencies for Setting Up of Animal Carcass Incineration Plant in Brahmapur for Small Animals including Supply, Installation, Operation, Maintenance and Management for 5 years. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BeMC website: www.berhampur.gov.in and www.tendersodisha.gov.in from 11.30 AM of 04.11.2025 till 05.00 PM of 20.11.2025. The last date of receipt of hard copy for technical and financial bids is 24.11.2025 till 03.30 P.M. and the same would be opened on 24.11.2025 at 04.30 P.M. The Pre-Bid Meeting is scheduled on 10.11.2025 at 11.30 A.M. in the OSWAN Hall, Brahmapur Municipal Corporation. Near Ramalingam Tank Rd. Gandhi Nagar, Brahmapur, Odisha-760001. Further details can be seen from the e-Procurement portal https://www.tendersodisha.gov.in. Any addendum/ Corrigendum/Cancellation of tender can also be seen in the said website. BeMC reserves the right to cancel this invitation and / or invite fresh Bid/ RFP with or without amendments to this invitation without liability or any obligation for such invitation and without assigning any reason, BeMC reserves the right to accept or reject any or all proposals without assigning any reason whatsoever.
Sd./- Commissioner
Brahmapur Municipal Corporation
OIPR-

**ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ମାରି ଆନ୍ଦୋଳନ**

ବେଲପଡା, (ମନୋଜ କୁମାର ମିଶ୍ର): ବେଲପଡା ବ୍ଲକ କପାଣି ପାଞ୍ଚାୟତର ଶ୍ରମିକମାନେ ଏମଜିଏନଆରଇଜିଏସ ପାଉଣା ଦାବିରେ ସୋମବାର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ମାରି ଆନ୍ଦୋଳନ କରିଛନ୍ତି । ଶ୍ରମିକମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଏନେଇ ଏଡିଓଙ୍କ ସହ ଆଲୋଚନା କରିଥିଲେ । କିନ୍ତୁ କୌଣସି ସୁଫଳ ମିଳିନାହିଁ । ଏହି ଯୋଜନାରେ କାମ କରି ଶ୍ରମିକମାନେ ଦୀର୍ଘ ମାସେ ରୁ ଉଦ୍ଧ୍ୱ ହେବ ସେମାନଙ୍କ ପାଉଣା ପାଇନାହାନ୍ତି ବୋଲି ଅଭିଯୋଗ ହୋଇଛି ।

# ରାଣୀପୁର-ଝରିଆଲ ୬୪ ଯୋଗିନୀ ପୀଠରେ ଅବ୍ୟବସ୍ଥା

ବଲାଙ୍ଗୀର, ୩।୧୧
(ବୀରେନ୍ଦ୍ର କୁମାର ଝାଙ୍କର)


ରାଣୀପୁର-ଝରିଆଲର ଅବହେଳିତ ୬୪ ଯୋଗିନୀ ସ୍ମାରକୀ ।

- ପିଇବା ପାଣି ନାହିଁ, ପର୍ଯ୍ୟଟକ ହନ୍ତସନ୍ତ
- ସୋମେଶ୍ୱରର ପବିତ୍ର ପୁଷ୍କରିଣୀରେ ପାଣିନାହିଁ, ବସିବା ପାଇଁ ଜାଗା ନାହିଁ
- ପର୍ଯ୍ୟଟକଙ୍କୁ ଚାଲିବାକୁ ପଡୁଛି ୧ କିଲୋମିଟର

ନବମ ଶତାବ୍ଦୀର ବିରଳ ଐତିହାସିକ କୀର୍ତ୍ତିରାଜି ବଲାଙ୍ଗୀର ଜିଲାର ରାଣୀପୁର-ଝରିଆଲସ୍ଥିତ ୬୪ ଯୋଗିନୀ ପୀଠ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ। ଏଠାକାର ବିରଳ କୀର୍ତ୍ତିରାଜି ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ (ଏଏସ୍ଆଇ) ଅଧୀନରେ ରହିଛି। ମାତ୍ର ଏଠାରେ ଏବେ ଚରମ ଅବ୍ୟବସ୍ଥା ଦେଖାଦେଇଛି । ସରକାର ଓ ସ୍ଥାନୀୟ ପ୍ରଶାସନ ଏଠାକୁ କିଭଳି ଅଧିକରୁ ଅଧିକ ପର୍ଯ୍ୟଟକ ଆସିବେ ତାହା ନ କରି ଓଲଟା କାମରେ ମାତିଛନ୍ତି। ଏଠାରେ ଏବେ ସ୍ଥିତି ଏଭଳି ହୋଇଛି ଯେ, ଯେଉଁ ପର୍ଯ୍ୟଟକ ଏଠାକୁ ଥରେ ଆସିବ ସେ ଆଉ ଥରେ ଏଠାକୁ ଆସିବାକୁ ଆଗ୍ରହ ଦେଖାଇବ ନାହିଁ। ଏଠାରେ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ପାଇଁ କୌଣସି ସୁବିଧା ନାହିଁ। ପିଇବା ପାଇଁ ପାଣିନାହିଁ। ବସିବା ପାଇଁ ଜାଗା ନାହିଁ। ଯେଉଁ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି ସେମାନେ ହନ୍ତସନ୍ତ ହେଉଛନ୍ତି। ପ୍ରସିଦ୍ଧ ସୋମେଶ୍ୱର ମନ୍ଦିର ସଂଲଗ୍ନ ପବିତ୍ର ସୋମ ପୁଷ୍କରିଣୀ ଶୁଖିଲା ପଡିଛି। ଉନ୍ନୟନ ପାଇଁ ଏହି ପୁଷ୍କରିଣୀର ହିଡକୁ କାଟିଦେଇ ଜଳ ନିଷ୍କାସନ କରାଯାଇଛି। ଫଳରେ ଏହାର ଜଳରେ ଶ୍ରଦ୍ଧାଳୁମାନେ ସ୍ନାନ କରି ପାରୁନାହାନ୍ତି। ଏପରିକି ମନ୍ଦିର ପୂଜକମାନେ ମଧ୍ୟ ସାଧାରଣ ପୂଜା କର୍ମ ପାଇଁ ପାଣି ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ନା ନା ଅବ୍ୟବସ୍ଥା ଲାଗି ରହିଥିବା ଯୋଗୁଁ ଏହି ପୀଠ ବୁଲିବାକୁ ଖୁବ କମ୍ ଲୋକ ଆସୁଛନ୍ତି। ଯେଉଁ ଅଳ୍ପ ସଂଖ୍ୟକ ପର୍ଯ୍ୟଟକ ଆସୁଛନ୍ତି ସେମାନଙ୍କୁ କିଛି ସୁବିଧା ଯୋଗାଇବା ଛାଡି ହଇରାଣ କରାଯାଉଥିବା ଅଭିଯୋଗ ହେଉଛି। ଏହି ପୀଠଟି ଏଏସ୍ଆଇ ଅଧୀନରେ ରହିଥିବାରୁ ହାତଗଣତି ସୁରକ୍ଷା ଗାର୍ଡ ନିଯୋଜିତ କରାଯାଇଛି। ସେମାନେ ସୋମେଶ୍ୱର ମନ୍ଦିରଠାରୁ ପ୍ରାୟ ଏକ କିଲୋମିଟର ଦୂର ଜରାଜୀର୍ଣ୍ଣ ପାନ୍ଥଶାଳା ନିକଟ ପ୍ରବେଶ ପଥରେ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ଗାଡି, ମୋଟର ସାଇକେଲକୁ ଅଟକାଇ ଦେଉଛନ୍ତି। ଫଳରେ ସେଠାରୁ ମନ୍ଦିର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କୁ ଚାଲି କରି ଆସିବାକୁ ପଡୁଛି। ଭିନ୍ନକ୍ଷମ ଓ ବୃଦ୍ଧାବୃଦ୍ଧଙ୍କ କ୍ଷେତ୍ରରେ ଏହା ଯନ୍ତ୍ରଣାଦାୟକ ହେଉଛି। ୬୪ ଯୋଗିନୀ ମନ୍ଦିର ନିକଟରେ ପର୍ଯ୍ୟଟକଙ୍କ ପାଇଁ କୌଣସି ସୁବିଧା ନାହିଁ। ପିଇବା ପାଣି ନାହିଁ। ପଥର ଚଟାଣ ଉପରେ ଖରାରେ ପର୍ଯ୍ୟଟକମାନେ ଠିଆ ହୋଇ ଅସୁବିଧା ଭୋଗୁଛନ୍ତି। ଛୋଟ ଛୁଆ ଓ ବୟସ୍କ ଲୋକମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମଗ୍ର ଅଞ୍ଚଳଟି ପଥର ଚଟାଣ ଉପରେ ରହିଥିବାରୁ ଏଠାରେ ଖୁବ୍ ଗରମ ହୋଇଥାଏ। ପାଖରେ ଗଛ ଛାଇ ବି ନାହିଁ। ଏଠାକାର ଅନ୍ୟତମ ଆକର୍ଷଣ ଇନ୍ଦ୍ରଲାଠ ମନ୍ଦିର ପରିସରକୁ ପର୍ଯ୍ୟଟକ ପଶି ପାରୁନାହାନ୍ତି। ମନ୍ଦିର ଚାରିଆଡେ ଅନାବନା ଘାସ ହୋଇଯାଇଛି। ଏହାକୁ ସଫା କରାଯାଉନାହିଁ। ଏଠାକାର ମନ୍ଦିର ଓ କୀର୍ତ୍ତିରାଜିକୁ ଦେଖିଲେ ଏହା ଏଏସଆଇ ଅଧୀନରେ ରହିଥିବା ବିଶ୍ୱାସ ହେଉନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବହେଳା ବି ଜଳଜଳ ଦେଖାଯାଉଛି।

ଗତ ଅଗଷ୍ଟ ମାସରେ ଓଡିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ରାଣୀପୁର-ଝରିଆଲର ୬୪ ଯୋଗିନୀ ମନ୍ଦିର ପରିଦର୍ଶନରେ ଆସି ପ୍ରାୟ ୮୭ କୋଟି ୯୩ଲକ୍ଷର ଅନୁଦାନରେ ଏଠାକାର ଉନ୍ନତି କରାଯିବ ବୋଲି ଘୋଷଣା କରି ପ୍ରସ୍ତୁତ ଡିପିଆରର ସମୀକ୍ଷା କରିଥିଲେ। ଇତିମଧ୍ୟରେ ଉପମୁଖ୍ୟମନ୍ତ୍ରୀ ଫେରିଯିବାର ପ୍ରାୟ ତିନି ମାସ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ କୌଣସି କାମ ହୋଇନାହିଁ। କେବଳ ଘୋଷଣାରେ ଏଠାକାର ବିକାଶ ଅଟକି ରହିଛି ।

## ତିନି ଶିଶୁ ସହ ୬ ଦାଦନ ଶ୍ରମିକ ଉଦ୍ଧାର, ମଧ୍ୟସ୍ଥି ଗିରଫ


ଉଦ୍ଧାର ଶ୍ରମିକ ଓ ଶିଶୁ ।

ଖପ୍ରାଖୋଲ,୩।୧୧ (ଅଭୟ ତ୍ରିପାଠୀ)

ଖପ୍ରାଖୋଲ ଥାନା ପୋଲିସ ସୋମବାର ସକାଳେ ଚଢାଉ କରି ୩ ଶିଶୁ ଓ ୬ ଜଣ ଦାଦନ ଶ୍ରମିକ ଉଦ୍ଧାର କରିଥିବା ଜଣାଯାଇଛି। ଶ୍ରମିକମାନଙ୍କ ମଧ୍ୟରେ ୪ ଜଣ ମହିଳା ଓ ୨ ଜଣ ପୁରୁଷ ଅଛନ୍ତି। ଗମ୍ଭାରୀ ଛକ ନିକଟରେ ପୋଲିସ ଚଢାଉ କରି ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲା । ଉଦ୍ଧାର ଶ୍ରମିକମାନେ ଗମ୍ଭାରୀ ଗାଁର। ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିରେ କାମ କରିବା ପାଇଁ ସେମାନଙ୍କୁ ଚାଲାଣ କରିବାର ଥିଲା। ଏହି ଘଟଣାରେ ବେଲପଡ଼ା ଥାନା ବେହେରାମୁଣ୍ଡା ଗାଁର ଦାଦନ ମଧ୍ୟସ୍ଥି ରଘୁନାଥ ହରିପାଲ (୩୨)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଖପ୍ରାଖୋଲ ଥାନାରେ ନଂ ୨୫୮/୨୫ରେ ଏକ ମାମଲା ରୁଜୁ ହୋଇଛି।

## ୭ ଦାଦନ ଶ୍ରମିକ, ୨ ନାବାଳକ ଉଦ୍ଧାର: ସର୍ଦ୍ଦାର ଗିରଫ

କଣ୍ଟାବାଞ୍ଜି,୩।୧୧ (ଗୁରୁଦୟାଲ ହଂସ)

ସୋମବାର ବଲାଙ୍ଗୀର ଜିଲା ତୁରେକେଲା ଥାନା ପୋଲିସ ଚଢାଉ କରି ୭ ଜଣ ଦାଦନ ଶ୍ରମିକ ଓ ୨ ଜଣ ନାବାଳକଙ୍କୁ ଉଦ୍ଧାର କରିଛି । ତୁରେକେଲା ଥାନାର ଉପାନ୍ତ ହଲନଭଟା ଗ୍ରାମ ନିକଟରୁ ସେମାନଙ୍କୁ ଉଦ୍ଧାର କରାଯାଇଛି । ବେଆଇନ ଭାବେ ଅନ୍ୟ ରାଜ୍ୟକୁ କାମ କରିବା ପାଇଁ ହଲନଭଟା ଗ୍ରାମର ଦାଦନ ସର୍ଦ୍ଦାର ଭ୍ରମର ସୁନା ସେମାନଙ୍କୁ ଚାଲାଣ କରୁଥିଲେ । ପୋଲିସ ଏହି ଘଟଣାରେ ଦାଦନ ସର୍ଦ୍ଦାର ସୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତୁରେକେଲା ପୋଲିସ ନଂ. ୩୧୬/୨୫ରେ ଏକ ମାମଲା ରୁଜୁ କରିଛି।

## ଶିକ୍ଷକଙ୍କ ପରଲୋକ



ଲାଠୋର,୩।୧୧ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଭୀଷ୍ମଦେବ ଧରୁଆ (୫୫)ଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ପଦ୍ମାବତୀ, ପରିବାର ଲୋକେ ଏବଂ ସମ୍ପର୍କୀୟ ଉପସ୍ଥିତ ଥିଲେ । ସେ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗରେ ପୀଡ଼ିତ ଥିଲେ । ରକ୍ତ ଚାପ ବଢିଯିବା ହେତୁ ଶନିବାର ତାଙ୍କୁ ପାଟଣାଗଡର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ସେହିଦିନ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ତାଙ୍କ ଶିକ୍ଷକତା ଜୀବନରେ ୩ ବର୍ଷ ବାହାରେ ରହି କାମ କରିଥିବା ବେଳେ ବାକି ସମୟ ମାଲପଡ଼ା ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢ଼ାଇଛନ୍ତି । ଶିକ୍ଷକତା କରି ସେ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ରବିବାର ସକାଳେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବା ପୁଅ ରୋଶନ ମୁଖାଗ୍ନି ଦେଇଥିଲେ । ବିଦ୍ୟାଳୟ ପକ୍ଷରୁ ସୋମବାର ଅଧକ୍ଷ ଭୂଗୋଳ ବନଗୁଲାଙ୍କ ତତ୍ତ୍ୱାବଧାନରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

## ବୁର୍ଡାରେ ପ୍ରସିଦ୍ଧ କଳାସୀ ଯାତ୍ରା ସମ୍ପନ୍ନ

ଲୋଇସିଂହା,୩।୧୧ (ସୁଶାନ୍ତ ବାରିକ)


ପୀଠରେ ପୂଜାର୍ଚ୍ଚନା ଚାଲିଛି ।

